

'ରାମାୟଣ' ବିଭୀଷଣ ଭୂମିକାରେ ବିବେକ

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-128 ◆TUESDAY ◆4 NOVEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୨୮ ◆ମଙ୍ଗଳବାର ◆୪ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


ଜୁକରବର୍ଗଙ୍କୁ ପଛରେ ପକାଇଲେ

## ୨୨ ବର୍ଷୀୟ ୩ ଯୁବକ ବିଶ୍ୱ ଅରବପତି

■ **ନୂଆଦିଲ୍ଲୀ, ୩।୧୧ (ଏଜେନ୍ସି):** ଭାରତୀୟ ବଂଶୋଦ୍ଭବ ଏବଂ ଆମେରିକାର ୨୨ ବର୍ଷୀୟ ତିନି ଯୁବକ ରେକର୍ଡ କରିଛନ୍ତି। ଏହି ତିନି ଜଣ ମେଟା ମାଲିକ ମାରକ ଜୁକରବର୍ଗଙ୍କୁ ପଛରେ ପକାଇ ଦେଇଛନ୍ତି। ମର୍କୋର କମ୍ପାନୀର ଏହି ତିନି ପ୍ରତିଷ୍ଠାତା ବିଶ୍ୱର ସବୁଠାରୁ ଯୁବ ଅରବପତି (ନିଜ ପ୍ରଚେଷ୍ଟା) ପାଲଟି ଯାଇଛନ୍ତି। ୨୦୦୮ରେ ୨୩ ବର୍ଷ ବୟସରେ ମାର୍କ ଜୁକରବର୍ଗ ଅରବପତି ତାଲିକାରେ ସାମିଲ ହୋଇଥିଲେ। କିନ୍ତୁ ଏବେ ଏଆଇ ନିଯୁକ୍ତି ଷ୍ଟାର୍ଟଅପ୍ 'ମର୍କୋର' ପ୍ରତିଷ୍ଠା କରିଥିବା ଉଚ୍ଚ ବିଦ୍ୟାଳୟର ତିନି ବନ୍ଧୁ ବ୍ରେଣ୍ଡନ ଫୁଡି, ଆଦର୍ଶ ହେରମଥ ଏବଂ ସୂର୍ଯ୍ୟା ମିଧା ଏହି ତାଲିକାରେ ସାମିଲ ହୋଇଛନ୍ତି।



ବିଶ୍ୱ ଅରବପତିରେ ୨ ଭାରତୀୟ

ଫୋର୍ବସର ରିପୋର୍ଟ ଅନୁଯାୟୀ, ସାନ୍ ଫ୍ରାନ୍ସିସ୍କୋ ସ୍ଥିତ ଏହି ଷ୍ଟାର୍ଟଅପ୍ ନିକଟରେ ୩୫ କୋଟି ଡଲାରର ପାଣ୍ଠି ସଂଗ୍ରହ କରିଥିଲା। ଏହା ଦ୍ୱାରା କମ୍ପାନୀର ମୂଲ୍ୟାଙ୍କନ ବଢ଼ି ୧୦ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ଏହି ପାଣ୍ଠି ହାସଲ ପରେ ଏଆଇ କମ୍ପାନୀର ସିଇଓ ବ୍ରେଣ୍ଡନ ଫୁଡି, ଏହାର ଭାରତୀୟ ବଂଶୋଦ୍ଭବ ସିଟିଓ ଆଦର୍ଶ ହେରମଥ ଏବଂ ବୋର୍ଡ ଅଧ୍ୟକ୍ଷ ସୂର୍ଯ୍ୟା ମିଧା ବିଶ୍ୱର ସବୁଠାରୁ କମ୍ ବୟସ୍କ ଅରବପତି ହୋଇଛନ୍ତି।

ନିଶାସକ୍ତ ଡ୍ରାଇଭର୍‌ର ଉନ୍ମତ୍ତ କାଣ୍ଡ

## ୨୦ଟି ଗାଡ଼ି ଉପରେ ଚଢ଼ାଇ ଦେଲା ଡମ୍ପର, ୧୯ ମୃତ

■ **ଜୟପୁର, ୩।୧୧(ଏଜେନ୍ସି):** ରାଜସ୍ଥାନରେ ଆଜି ଏକ ଅଭାବନୀୟ ଦୁର୍ଘଟଣା ଦେଖିବାକୁ ମିଳିଛି। ଡମ୍ପର ଟ୍ରକ ଚଳାଉଥିବା ଜଣେ ମଦ୍ୟପ ଡ୍ରାଇଭରର ତାଣ୍ଡବରେ ରକ୍ତରଞ୍ଜିତ ହୋଇଛି ଜୟପୁର ରାସ୍ତା। ଅତ୍ୟଧିକ ମଦପାନ କରି ସେ ଏମିତି ଟ୍ରକ ଚଳାଉଥିଲା ଯେ ତା ସାମନାରେ ଯିଏ ଆସିଲା, ତାକୁ ମଡ଼ାଇଚାଲିଲା। ଏମିତି ପାଞ୍ଚ କିଲୋମିଟର ଯାଏଁ ସେ ରଚିଥିଲା ଏମିତି ତାଣ୍ଡବ। ଯିଏ ଯେତେ ଅଟକାଇଲେ ବି ସେ ଶୁଣିନଥିଲା। ଶେଷରେ ବଡ଼ ଧରଣର ଦୁର୍ଘଟଣାର ସମ୍ମୁଖୀନ ହେବାପରେ ତାର ଗାଡ଼ି ଅଟକିଥିଲା। ତା ଟ୍ରକ ତଳେ ୨୦ରୁ ଅଧିକ ଗାଡ଼ି ଚାପି ହୋଇ ଚୂରମାର ହୋଇଯାଇଥିବା ବେଳେ ୧୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ୩୦ରୁ ଅଧିକ ଆହତ ହୋଇଛନ୍ତି। ଆହତମାନଙ୍କୁ ବିଭିନ୍ନ ମେଡିକାଲରେ ଭର୍ତ୍ତି କରାଯାଇଛି।



ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ ଯେ ଡ୍ରାଇଭର ଏତେ ମଦ ପିଇଥିଲା ଯେ ସେ ନିଜ ନିୟନ୍ତ୍ରଣରେ ନଥିଲା। ଗୋଟିଏ ପରେ ଗୋଟିଏ ଗାଡ଼ି ଉପରେ ଟ୍ରକ ଚଢ଼ିଯାଇଥିଲା। ଏଥିରେ ଅନେକ କାର ଏବଂ ଦୁଇ ଚକିଆ ଓ ତିନି ଚକିଆ ଯାନ ରହିଛି। ୫ କିଲୋମିଟର ▶ପୃଷ୍ଠା-୭

## ବିଜେପିକୁ ନବୀନଙ୍କ ଶାଣିତ ନିଶାଣ

# ମୋ ପ୍ରତି ବିଶ୍ୱାସଘାତକତା ହୋଇଛି







## 'ମିଛ ପ୍ରତିଶ୍ରୁତିର ଜବାବ ଦେବେ ନୂଆପଡ଼ାବାସୀ'

- ଭୋଟ ଚୋରି କରି ସରକାର ଗଢ଼ିଲେ; ଏବେ ପ୍ରାର୍ଥୀ ଚୋରି
- 'ଗେମ୍ ଚେଞ୍ଜର୍' ନୁହେଁ; ରାଜ୍ୟ ସରକାର ଖାଲି 'ନେମ୍ ଚେଞ୍ଜର୍'
- ବିଜେପି ସରକାର ମିଛ ପ୍ରଚାରରେ ହିରୋ; କାମରେ ଜିରୋ
- ରାଜ୍ୟ ସାରା ବିକାଶ କାମ ବନ୍ଦ, ସୀମା ଟପିଛି ନାରୀ ଅତ୍ୟାଚାର

■ **ନୂଆପଡ଼ା,୩।୧୧ (ସମିସ):** କୋମନାର ଧାନମଣ୍ଡି ପଡ଼ିଆଠାରେ ଆୟୋଜିତ ବିଶାଳ ସମାବେଶରେ ସିଧା ନିଶାଣ ସହ ବିଜେପିକୁ ଶାଣିତ ସମାଲୋଚନା କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି କେବଳ ପ୍ରଚାରରେ ହିରୋ ଓ କାମରେ ଜିରୋ ବୋଲି କହିବା ସହ ରାଜ୍ୟ ବିଜେପି ସରକାରକୁ 'ଗେମ୍ ଚେଞ୍ଜର' ନୁହେଁ; କେବଳ 'ନେମ୍ ଚେଞ୍ଜର' ବୋଲି କଟାକ୍ଷ କରିଛନ୍ତି।

ଉପନିର୍ବାଚନ ପ୍ରଚାର ଉପଲକ୍ଷେ ସୋମବାର ନୂଆପଡ଼ାର ତରବୋଡ଼ଠାରେ ଆୟୋଜିତ ବିଶାଳ ଜନସମାବେଶକୁ ସମ୍ବୋଧିତ କରି ନବୀନ କହିଥିଲେ, ମୋ ପ୍ରତି ବିଶ୍ୱାସଘାତକତା ହୋଇଛି। ପ୍ରଥମେ ଭୋଟ୍ ଚୋରି କରି ରାଜ୍ୟରେ ସରକାର ଗଢ଼ିଲେ, ଏବେ ପ୍ରାର୍ଥୀ ଚୋରି କରିଛନ୍ତି। ରାଜ୍ୟ ବିଜେପି ସରକାର କେବଳ ରଙ୍ଗମରା ସରକାର ବୋଲି ଉଲ୍ଲେଖ କରି ୩୦୦ ୟୁନିଟ୍ ମାଗଣା ବିଜୁଳି, ବୁଢ଼ାବୁଢ଼ୀଙ୍କୁ ୩୫୦୦ଟଙ୍କା ଭତ୍ତା, ସବୁ ପଞ୍ଚାୟତରେ ୧୦୦ ଯୁବକଙ୍କୁ ଚାକିରି, କଟ୍‌ନୀଛଟ୍‌ନୀ ବନ୍ଦ କରିବା ପାଇଁ ନିର୍ବାଚନ ସମୟରେ ବିଜେପି ଦେଇଥିବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ନବୀନ ପ୍ରଶ୍ନ କରିଥିଲେ। ସାଧାରଣ ଲୋକଙ୍କ ମନରେ ଏ ସରକାର ବିରୋଧରେ ଯେଉଁ କ୍ରୋଧ ଓ କ୍ଷୋଭ ସୃଷ୍ଟି ହୋଇଛି, ଉପନିର୍ବାଚନରେ ତାହା ପ୍ରତିଫଳିତ ହେବ। ଆସନ୍ତା ୧୧ରେ ନୂଆପଡ଼ାବାସୀ ରାଜ୍ୟ ବିଜେପିର ମିଛ ପ୍ରତିଶ୍ରୁତି ଓ ବିଶ୍ୱାସଘାତକତାର ଜବାବ ଦେବେ ଏବଂ ଶଙ୍ଖ ଚିହ୍ନରେ ଭୋଟଦେଇ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିଜୟୀ କରିବେ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଆଜି ସ୍ୱତନ୍ତ୍ର ବିମାନ ଯୋଗେ ନବୀନ ଗୋଟମା ଏୟାରଷ୍ଟ୍ରିପରେ ପହଞ୍ଚିବା ପରେ ହେଲିକପ୍ଟର ଯୋଗେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ତରବୋଡ଼ ଅନ୍ତର୍ଗତ ଧାନମଣ୍ଡି ପଡିଆରେ ଆୟୋଜିତ ସମାବେଶରେ ପହଞ୍ଚିଥିଲେ। ନିଜ ଉଦ୍‌ବୋଧନରେ ପ୍ରଥମେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୂଆପଡ଼ା ଜିଲ୍ଲା ଗଠନରେ ବିଜୁବାବୁଙ୍କ ଅବଦାନ ବିଷୟରେ ସ୍ମରଣ କରିଥିଲେ। ନବୀନ କହିଥିଲେ ଯେ ବିଜୁ ଜନତା ଦଳ ସରକାର ସମୟରେ ନୂଆପଡ଼ା ଜିଲ୍ଲାରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ଗମନାଗମନ ପାଇଁ ବିଜୁ ଏକ୍ସପ୍ରେସ ୱେ' ନିର୍ମାଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ୧୦ ହଜାର ହେକ୍ଟରରୁ ଅଧିକ କ୍ଷେତକୁ ଜଳସେଚନ କରାଯାଇଛି। ଆମ ସରକାର ସମୟରେ ସୁନାବେଡ଼ା ଅଭୟାରଣ୍ୟର ଲୋକଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା; କିନ୍ତୁ ବିଜେପି ସରକାର ଆସିବା ପରେ ରାଜ୍ୟରେ ପରିସ୍ଥିତି ପୂରା ବଦଳି ଯାଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ▶ପୃଷ୍ଠା-୭

## ଅନିଲ ଅମ୍ବାନୀଙ୍କ ବିଳାସପୂର୍ଣ୍ଣ ଅଟ୍ଟାଳିକା ଜବତ କଲା ଇଡି

### ୭,୫୦୦ କୋଟିର ସମ୍ପତ୍ତି ଜବତ କଲା ଇଡି

■ **ମୁମ୍ବଇ, ୩।୧୧ (ଏଜେନ୍ସି):** ବ୍ୟବସାୟୀ ଅନିଲ ଅମ୍ବାନୀଙ୍କ ସଙ୍କଟ ବଢ଼ିବାରେ ଲାଗିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅନିଲଙ୍କ ରିଲାଏନ୍ସ ଗ୍ରୁପ ସମ୍ବନ୍ଧିତ ୪୦ରୁ ଅଧିକ ସମ୍ପତ୍ତି ଜବତ କରିଛି। ଏହି ସମ୍ପତ୍ତିର ମୂଲ୍ୟ ପ୍ରାୟ ୭,୫୦୦ କୋଟି ଟଙ୍କା ହେବ। ଜବତ ସମ୍ପତ୍ତି ମଧ୍ୟରେ ମୁମ୍ବଇର ପାଲି ହିଲ୍ସ ସ୍ଥିତ ବିଳାସପୂର୍ଣ୍ଣ ଘର ଏବଂ ରିଲାଏନ୍ସ ଗ୍ରୁପ୍‌ର ୧୩୨ ଏକର ଜମି ସାମିଲ ରହିଛି। ଏହି ଜମି ନଭି ମୁମ୍ବଇ ସ୍ଥିତ ଧିରୁଭାଇ ଅମ୍ବାନୀ ନଲେଜ ସିଟି (ଡିଏକେସି)ରେ ରହିଛି। ଏହାର ମୂଲ୍ୟ ପ୍ରାୟ ୪.୪୬୨.୮୧ କୋଟି ଟଙ୍କା ହେବ। ଏହା ବ୍ୟତୀତ ଦିଲ୍ଲୀ, ନୋଏଡା, ଗାଜିଆବାଦ, ମୁମ୍ବଇ, ପୁନେ, ଥାନେ, ହାଇଦାରାବଦ, ଚେନ୍ନଇ, କାଞ୍ଚିପୁରମ ଏବଂ ଇଷ୍ଟ ଗୋଦାବରୀ ଭଳି ସହରରେ ଥିବା ସମ୍ପତ୍ତିକୁ ମଧ୍ୟ ଜବତ କରାଯାଇଛି।



ଏଥିରେ ରେସିଡେନସିଆଲ ୟୁନିଟ୍ସ, ଅଫିସ ସ୍ପେସ ଏବଂ ଲ୍ୟାଣ୍ଡ ପାର୍ସଲ ରହିଛି। ମନି ଲଣ୍ଡରିଂ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହା ୟେସ ବ୍ୟାଙ୍କ ସମ୍ବନ୍ଧିତ ଋଣର ଡାଇଭର୍ସନ ସମ୍ବନ୍ଧିତ। ଲୋକଙ୍କ ଟଙ୍କା ଆଦାୟ କରିବା ପାଇଁ ଅନିଲଙ୍କ ସମ୍ପତ୍ତିକୁ ଜବତ କରାଯାଇଛି ବୋଲି ଇଡି ପକ୍ଷରୁ କୁହାଯାଇଛି।

ଗତ ଅକ୍ଟୋବର ୩୧ ତାରିଖରେ ମନି ଲଣ୍ଡରିଂ ନିରୋଧି ଆଇନର ଧାରା ୫(୧) ଅନୁଯାୟୀ ସମ୍ପତ୍ତି ଜବତ କରିବାକୁ ଇଡି ▶ପୃଷ୍ଠା-୭

### ପୁଣି ଚୌଦ୍ୱାର ଜେଲ୍‌ରେ ଅଘଟଣ

## ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା

■ **କଟକ, ୩।୮ (ସମିସ):** ଚୌଦ୍ୱାର ସର୍କଲ ଜେଲରେ ଆଜି ପୁଣି ଏକ ଅଘଟଣ ଘଟିଛି। ଜେଲ୍ ଭିତରେ ଜଣେ ବିଚାରାଧୀନ କଏଦୀ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ବଡ଼ମାଳି ଗ୍ରାମର ପବିତ୍ର ସାହୁ (୪୪)। ପବିତ୍ର ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଜଡ଼ିତ ଥିଲେ। ମାସକ ତଳେ ତାଙ୍କୁ ଅନ୍ୟ ଏକ ଜେଲରୁ ଏଠାକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ସକାଳେ ଜେଲ ଭିତରେ ଥିବା ପାଇଖାନା ଘରେ ସେ ବେକରେ ଏକ ଗାମୁଛା ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଜେଲ କର୍ତ୍ତୃପକ୍ଷ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ, କେଉଁ କାରଣରୁ ପବିତ୍ର ଏପରି ଚରମ ପଦକ୍ଷେପ ନେଲେ, ତାହା ସ୍ପଷ୍ଟ ହୋଇପାରିନାହିଁ। ଖବର ପାଇ ଚୌଦ୍ୱାର ପୁଲିସ ଜେଲ୍‌ରେ ପହଞ୍ଚି ଘଟଣାର ତଦନ୍ତ କରୁଛି।

ଏ ସମ୍ପର୍କରେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ରଘୁରାଜ ମାଝୀ କହିଛନ୍ତି, ଦିନ ଓ ରାତିରେ କଏଦୀଙ୍କୁ ଯାଞ୍ଚ କରାଯାଉଛି। ଜେଲ୍ ପରିସର ଭିତରେ ▶ପୃଷ୍ଠା-୭

### ମାମୁ ଘରେ ଖେଳ ହେଲା କାଳ

## ପାଇଖାନା ଟାଙ୍କିରେ ପଡ଼ି ଚାଲିଗଲା ୩ ଶିଶୁଙ୍କ ଜୀବନ



■ **ବଡ଼ମ୍ବା, ୩।୧୧ (ସମିସ):** କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ ରଗଡ଼ିପଡ଼ା ଗାଁରେ ଏକ ହୃଦୟବିଦାରକ ଘଟଣା ଘଟିଛି। ଆଜି ଅପରାହ୍ଣରେ ଗ୍ରାମର ହରିଜନ ସାହି ପଛ ପାଖେ ଥିବା ଏକ ପାଇଖାନା ସେପ୍ଟିକ୍ ଟାଙ୍କିରେ ପଡ଼ି ୩ ଶିଶୁ ଅକାଳରେ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଦୁଇଜଣ ନାବାଳକ ଓ ଜଣେ ନାବାଳିକା। ସେମାନେ ହେଲେ, ବଡ଼ମ୍ବା ବ୍ଲକ ଅଧୀନ ପରଜାପଡ଼ା ପଞ୍ଚାୟତର ଇଚ୍ଛାପୁର ଗ୍ରାମର ଶୁଭମ ନାଏକ (୩), କୋଳେଶ୍ୱର ପଞ୍ଚାୟତ ଅଧୀନ ବଡ଼ବାରେଣା ଗ୍ରାମର

**ମୃତକଙ୍କ ମଧ୍ୟରେ ୨ ନାବାଳକ ଓ ଜଣେ ନାବାଳିକା**

ଶିବାନୀ ନାଏକ (୭) ଓ ଶିବୁ ନାଏକ (୫)। ସେମାନେ ମାମୁଘର ରଗଡ଼ିପଡ଼ା ଗାଁକୁ ବୁଲିବାକୁ ଆସିଥିଲେ। ଆଜି ସେମାନେ ଏକାଠି ଖେଳିବା ବେଳେ ଏହି ଅଘଟଣ ଘଟିଛି। ଏହି ଦୁଃଖଦ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିବା ବେଳେ ପରିବାର ଓ ଆତ୍ମୀୟସ୍ୱଜନଙ୍କ କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଛି। ▶ପୃଷ୍ଠା-୭

### ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲା

## ସିଲିକନ୍ ଟେକ୍ ସିଇଓ ସୁରେଶ ଗିରଫ

■ **ଭୁବନେଶ୍ୱର,୩।୧୧(ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିଲିକନ୍ ଟେକ୍‌ର ସିଇଓ ସୁରେଶ ଚନ୍ଦ୍ର ନାୟକଙ୍କୁ ସୋମବାର ତାଙ୍କ ପଟିଆ ବାସଭବନରୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ। ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ପଞ୍ଚସପ୍ଟର ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ବୟାନ ଓ ମିଳିଥିବା ପ୍ରମାଣ ଆଧାରରେ ତାଙ୍କୁ ଗିରଫ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ସୂଚନା ଦେଇଛି। ଉତ୍ତରାଖଣ୍ଡରୁ ଗିରଫ ହୋଇଥିବା ଶଙ୍କରଙ୍କୁ ଦିନ ତମାମ୍ ଜେରା ପରେ ଚାକିରି ବିକ୍ରି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ସୁରେଶଙ୍କ ସିଧାସଳଖ ଲିଙ୍କ୍ ଜାଣିବାକୁ ପାଇଥିଲା। ସୁରେଶ ଏକମାତ୍ର ଲୋକ, ଯେ କି ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତି, ପ୍ରିଣ୍ଟିଂ ଏବଂ ପରିବହନ ଦାୟିତ୍ୱରେ ଥିଲେ। ଏହାପରେ ସୁରେଶ ଓ ଶଙ୍କରଙ୍କୁ ଅଲଗା ଅଲଗା ପଚରାଉଚରା କରାଯାଇଥିଲା। ବୟାନରେ ତାଳମେଳ ନ ରହିବାରୁ ଉଭୟଙ୍କୁ ଏକସଙ୍ଗରେ ଜେରା କରାଯାଇଥିଲା। ଜେରା ବେଳେ ଏସ୍‌ଆଇ ଚାକିରି ଜାଲିଆତି ସମ୍ପର୍କରେ ବହୁତଥ୍ୟ କ୍ରାଇମ୍‌ବ୍ରାଞ୍ଚ ପାଇଛି। ସୁରେଶଙ୍କ ଗୁପ୍ତ ସୂଚନା ଓ ଶଙ୍କରଙ୍କ ନେଟ୍‌ୱାର୍କ ବଳରେ ରାଜ୍ୟରେ ଏତେ ବଡ ସ୍କାମ୍ ସମ୍ଭବ ହୋଇପାରିଲା ବୋଲି କ୍ରାଇମ୍‌ବ୍ରାଞ୍ଚ ଶେଷରେ ନିର୍ଯ୍ୟାସରେ ପହଞ୍ଚିଥିବା କୁହାଯାଇଛି।

**ସିଲିକନ୍‌ର ଗୁପ୍ତ ସୂଚନା ଓ ଶଙ୍କର ନେଟ୍‌ୱର୍କ ମାଧ୍ୟମରେ ସ୍କାମ୍**

**ଶଙ୍କରଙ୍କୁ ନୂଆଦିଲ୍ଲୀର କମ୍ପାନୀ ଗେଷ୍ଟ ହାଉସ୍‌ରେ ଲୁଚାଇଥିଲେ ସୁରେଶ: କ୍ରାଇମ୍‌ବ୍ରାଞ୍ଚ**



କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏସ୍‌ଆଇ ପରୀକ୍ଷା ପରିଚାଳନା ପାଇଁ ଓପିଆର୍‌ବି ପକ୍ଷରୁ କେନ୍ଦ୍ରୀୟ ପିଏସ୍‌ୟୁ ଆଇଟିଆଇକୁ ଦାୟିତ୍ୱ ଦିଆଯାଇଥିଲା। ପରେ ଆଇଟିଆଇ ଏହି ଦାୟିତ୍ୱ ସିଲିକନ୍‌କୁ ଦେଇଥିଲା। ସିଲିକନ୍ ଏହି ଦାୟିତ୍ୱ ଶଙ୍କର ପୃଷ୍ଟିଙ୍କ ଦ୍ୱାରା ପରିଚାଳିତ ▶ପୃଷ୍ଠା-୭

## ବ୍ରହ୍ମପୁର ଜେଲ୍‌ରେ ଶଙ୍କର, ସୁରେଶ

■ **ବ୍ରହ୍ମପୁର,୩।୧୧(ସମିସ):** ପୁଲିସ ଏସଆଇ ପରୀକ୍ଷା କେଲେଙ୍କାରୀ ଘଟଣାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିକୁ ନେପାଳ-ଉତ୍ତରାଖଣ୍ଡ ସୀମାନ୍ତରୁ କାବୁ କରିବା ପରେ କ୍ରାଇମବ୍ରାଞ୍ଚ କଟକରେ ଜେରା କରିଛି। ପରେ ଶଙ୍କରର ବୟାନ ଆଧାରରେ ସିଲିକନ ଟେକ୍‌ର ମାଲିକ ସୁରେଶ ନାୟକଙ୍କୁ ଗିରଫ କରାଯାଇଛି। ଫଳରେ ଏହି ମାମଲାରେ ଗିରଫ ସଂଖ୍ୟା ୧୨୫କୁ ବୃଦ୍ଧି ପାଇଛି। ଉଭୟ ଶଙ୍କର ଓ ସୁରେଶଙ୍କୁ ଆଜି କଟକରୁ କଡ଼ା ସୁରକ୍ଷା ମଧ୍ୟରେ ବ୍ରହ୍ମପୁର ଅଣାଯାଇ ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ)ଙ୍କ କୋର୍ଟରେ ହାଜର କରାଯାଇଥିଲା। ଅଧିକ ଜେରା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ୭ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲା। କୋର୍ଟ ଜାମିନ ଆବେଦନକୁ ଖାରଜ କରିଦେବା ପରେ ଉଭୟଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ▶ପୃଷ୍ଠା-୭

**୭ଦିନ ରିମାଣ୍ଡ ପାଇଁ କୋର୍ଟରେ କ୍ରାଇମବ୍ରାଞ୍ଚର ଆବେଦନ**

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

## ପୁଲିସ କବ୍‌ଜାରେ ଉମା ଓ ସୁଟର୍ କୁରୁପତି

■ **ବ୍ରହ୍ମପୁର, ୩।୧୧(ସମିସ):** ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ମାଷ୍ଟରମାଇଣ୍ଡ ତଥା ଫେରାର୍ ଅଭିଯୁକ୍ତ ଉମା ବିଶୋୟୀ ଓ ସୁଟର୍ କୁରୁପତି ଭୂୟାଁ ପୁଲିସ ପଞ୍ଝାରେ। ପୂର୍ବରୁ ଉଭୟଙ୍କ ସମ୍ପର୍କରେ ପୁଲିସ କୌଣସି ସୁରାକ ପାଇ ପାରିନଥିବା ବେଳେ ହଠାତ୍ ସେମାନଙ୍କ ଆତ୍ମସମର୍ପଣକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ସୂଚନାନୁସାରେ, ଉମା ଓ କୁରୁପତି ବ୍ରହ୍ମପୁର ପୁଲିସ ମୁଖ୍ୟାଳୟ ସମ୍ମୁଖରେ କୌଣସି ଏକ ଗାଡ଼ିରୁ ଓହ୍ଲାଇଥିଲେ। ପରେ ଉଭୟ ମୁଖ୍ୟଫାଟକ ଅତିକ୍ରମ କରି ଚାଲିଚାଲି ଯାଇ ଆତ୍ମସମର୍ପଣ କରିଥିବା ନେଇ ଆଲୋଚନା ହେଉଛି। ଆଗକୁ ନୂଆପଡ଼ା ଉପ-ନିର୍ବାଚନ ଥିବା ବେଳେ ହଠାତ୍ ପୁଲିସ ଏସଆଇ ପରୀକ୍ଷା କେଲେଙ୍କାରୀ ଘଟଣାର ମୁଖ୍ୟ ଶଙ୍କର ପୃଷ୍ଟି ଓ ବର୍ତ୍ତମାନ ପୁଣି ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଉମା ଓ କୁରୁପତିଙ୍କ ଆତ୍ମସମର୍ପଣ ଭଳି ଘଟଣା ସମସ୍ତଙ୍କୁ ଚକିତ କରିଛି। କାରଣ ଉଭୟ ଘଟଣାରେ ଫେରାର୍ ଅଭିଯୁକ୍ତମାନେ ଦୀର୍ଘଦିନ ଫେରାର୍ ରହିବା ପରେ ହଠାତ୍ ଆତ୍ମ ସମର୍ପଣ କରିଥିବାରୁ ଏଭଳି ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ ମୁଖ୍ୟାଳୟରେ ଆତ୍ମସମର୍ପଣ କରିବା ପରେ ଉମା ଓ କୁରୁପତିଙ୍କୁ କଡ଼ା ସୁରକ୍ଷାବଳୟରେ ଗୋପାଳପୁର ଥାନା ଇଲାକାରେ ଏକ ଗୁପ୍ତ ସ୍ଥାନରେ ରଖାଯାଇଛି। ସେମାନଙ୍କୁ ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ପଚରାଉଚରା କରୁଥିବା ଜଣାପଡ଼ିଛି। ଜେରା ସମୟରେ ପୁଲିସ ▶ପୃଷ୍ଠା-୭

# ପୂରା ଗାଁର ଋଣ ପରିଶୋଧ କଲେ ବ୍ୟବସାୟୀ



ଆମରେଲି, ୩।୧୧(ଏଜେନ୍ସି): ଗୁଜରାଟର ଆମରେଲି ଜିଲ୍ଲାରେ ରହୁଥିବା ଜଣେ ବ୍ୟବସାୟୀ ନିଜ ପୂରା ଗାଁକୁ ଋଣମୁକ୍ତ କରିଛନ୍ତି। ସାବରକୁଣ୍ଡଲା ତହସିଲ୍‌ର ଜିରା ଗାଁରେ ରହୁଥିବା ବାବୁଭାଇ ଜିରାୱାଲା ନାମକ ଏହି ବ୍ୟବସାୟୀ ନିଜର ଗାଁର ୨୯୦ ଜଣ କୃଷକଙ୍କ ଗତ ୩୦ ବର୍ଷର ସବୁ ଋଣ ପରିଶୋଧ କରିଛନ୍ତି। ଏହିକ୍ରମରେ ସେ ନିଜ ମାଙ୍କ ଶ୍ରାଦ୍ଧ ଦିବସରେ ୯୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ତାଙ୍କ ଏହି ଦାନ ଫଳାରେ ଗାଁର ସବୁ କୃଷକ ଏବେ ଋଣମୁକ୍ତ ହୋଇଛନ୍ତି। ୧୯୯୫ରୁ ଜିରା ସେବା ସହକାରୀ ମଣ୍ଡଳକୁ ନେଇ ଏକ ବଡ଼ ବିବାଦ ଗାଁରେ ଚାଲିଆସୁଥିଲା। ଏହି କମିଟିକୁ ସେବେକାର ପ୍ରଶାସକମାନେ କୃଷକଙ୍କ ନାମରେ ନକଲି ଋଣ ନେଇଥିଲେ। ଇତିମଧ୍ୟରେ ଏହି ଋଣ ବହୁଗୁଣା ବୃଦ୍ଧି ପାଇଥିଲା। କୃଷକଙ୍କ ଉପରେ ଋଣ ଭାର ୭ରୁ ୧୨ ଗୁଣା ବୃଦ୍ଧି ପାଇଥିଲା। ଏହି କାରଣରୁ ସରକାରଙ୍କଠାରୁ ବିଭିନ୍ନ ସହାୟତା, ଋଣ ଓ ଅନ୍ୟ ସୁବିଧା ସୁଯୋଗରୁ କୃଷକମାନେ ବଞ୍ଚିତ ହେଉଥିଲେ। ଗାଁର କୌଣସି କୃଷକଙ୍କୁ ବ୍ୟାଙ୍କ ମଧ୍ୟ ଋଣ ଦେଉ ନଥିଲା। ଫଳରେ କୃଷକମାନେ ସମସ୍ୟାରେ ପଡୁଥିଲେ। ଋଣ ପାଇଁ ଜମିର ଭାଗବଣ୍ଟା ମଧ୍ୟ ହୋଇପାରୁ ନଥିଲା। ଏଥିପାଇଁ ମୋ ମା ଚାହୁଁଥିଲେ ଯେ, ତାଙ୍କ ଗହଣା ବିକ୍ରି କରି କୃଷକଙ୍କ ଋଣ ପରିଶୋଧ କରିବାକୁ। ଶେଷରେ କୃଷକଙ୍କ ସବୁ ଋଣକୁ ପରିଶୋଧ କରିବାକୁ ଆମେ ସକ୍ଷମ ହୋଇଛୁ ବୋଲି ଜିରାୱାଲା କହିଛନ୍ତି। ଗାଁର କୃଷକଙ୍କ ଉପରେ ମୋଟ୍ ୮୯, ୮୯, ୨୦୯ ଲକ୍ଷ ଟଙ୍କା ଋଣ ଥିଲା ବୋଲି ସେ କହିଛନ୍ତି। କୃଷକମାନଙ୍କୁ ନୋ ଡିୟୁ ଅର୍ଥାତ ଋଣମୁକ୍ତ ହେବାର ପ୍ରମାଣପତ୍ର ପ୍ରଦାନ କରାଯିବା ପରେ ସାରା ଗାଁ ଖୁସିରେ ଭାବପ୍ରବଣ ହୋଇଉଠିଥିଲା। କୃଷକଙ୍କ ଆଖିରେ ଆନନ୍ଦର ଲୁହ ଦେଖିବାକୁ ମିଳିଥିଲା।

# ନକଲି ବୈଜ୍ଞାନିକ ବିଦେଶରୁ ପାଉଥିଲେ କୋଟି କୋଟି ଟଙ୍କା



ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଭାବା ଅଟୋମିକ ରିସର୍ଚ୍ଚ ସେଣ୍ଟର (ବିଏଆରସି)ର ବୈଜ୍ଞାନିକ ଭାବେ ନିଜକୁ ଦର୍ଶାଉଥିବା ଅଖତାର ହୁସେନ ନାମକ ଜଣେ ୬୦ ବର୍ଷୀୟ ବ୍ୟକ୍ତି ଦେଶ ବାହରୁ କୋଟି କୋଟି ଟଙ୍କା ପାଉଥିଲେ। ସେ ୧୯୯୫ରୁ ଅର୍ଥାତ ୩୦ ବର୍ଷଧରି ଏହି ଅର୍ଥ ପାଉଥିôବାର ତଥ୍ୟ ସାମ୍ନାକୁ ଆସିଛି। ସେ ନିଜକୁ ବିଏଆରସିର ଜଣେ ବରିଷ୍ଠ ବୈଜ୍ଞାନିକ ଭାବେ ପରିଚୟ ଦେଇ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ସ୍ଥାନକୁ ଯାଉଥିଲେ। ତାଙ୍କଠାରୁ ୧୦ଟି ନକ୍ସା ଓ ପରମାଣୁ ଅସ୍ତ୍ର ସହିତ ଜଡିତ କିଛି ସମ୍ବେଦନଶୀଳ କାଗଜପତ୍ର ଜବତ କରିଛି। ସେ ଝଡଖଣ୍ଡର ଜାମସେଦପୁର ମୂଳ ବାସିନ୍ଦା। ପୁଲିସ ଅଖତାରଙ୍କଠାରୁ ଏକାଧିକ ନକଲି ପାସପୋର୍ଟ, ଆଧାର କାର୍ଡ, ପାନକାର୍ଡ ଓ ବିଏଆରସିର ପରିଚୟପତ୍ର ଜବତ କରିଥିଲା। କିଛି ପରିଚୟ ପତ୍ରରେ ତାଙ୍କ ନା ଅଲୀ ରାଜା ଓ ଆଲେକଜାଣ୍ଡ ପାଲମର ବୋଲି ଉଲ୍ଲେଖ ରହିଛି। ଅଖତାର ଓ ତା'ର ଭାଇ ଆଦିଲ୍ ମିଳିତ ଭାବେ ୧୯୯୫ରୁ ବିଦେଶରୁ ଟଙ୍କା ପାଉଥିଲେ ବୋଲି ମୁମ୍ବଇ କ୍ରାଇମବ୍ରାଞ୍ଚ୍ କହିଛି। ଖାସ୍ କରି ୨୦୦୦ ପରଠାରୁ ସେ କୋଟି କୋଟି ଟଙ୍କା ହାସଲ କରୁଥିଲେ। ଅଖତାର ନାରେ ଗୁପ୍ତ ବ୍ୟାଙ୍କ ଆକାଉଣ୍ଟ ଥିବା ଜଣା ପଡ଼ିଛି ଓ ବହୁ ପରିମାଣରେ ଅର୍ଥ ନେଣଦେଣ ହେବା ନେଇ ପୁଲିସ ତଥ୍ୟ ହାସଲ କରିଛି। ଅଖତାର ସହ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହ ସମ୍ପର୍କ ଅଛ ବୋଲି ସନ୍ଦେହ କରାଯାଉଛି। ୧୯୯୬ରେ ଅଖତାର ନିଜର ପୈତୃକ ସମ୍ପତି ବିକ୍ରି କରିଦେଇଥିଲା। କିନ୍ତୁ ଏହି ପୁରୁଣା ଠିକଣାକୁ ଆଧାର କରି ନକଲି କାଗଜପତ୍ର ହାସଲ କରିଥିଲା। ଏହି ନକଲି ଦସ୍ତାବିଜ ସହ ଦୁହେଁ ଏକାଧିକବାର ବିଦେଶ ଗସ୍ତ କରିଥିଲେ।

# ଆଫଗାନରେ ଭୂକମ୍ପ; ୨୦ ମୃତ

କାବୁଲ୍, ୩।୧୧(ଏଜେନ୍ସି): ଆଫଗାନିସ୍ତାନରେ ଗତ ରାତିରେ ୬.୩ ତୀବ୍ରତାର ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଉତ୍ତର ଆଫଗାନିସ୍ତାନର ମଜାରେ-ଇ-ଶରିଫ୍‌ରେ ଏହି ଭୂକମ୍ପ ଆସିବାରୁ ୨୦ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩୨୦ ଜଣ ଆହତ ହୋଇଛନ୍ତି ବୋଲି ତାଲିବାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ମଜାରେ-ଇ- ସରିଫ୍‌ର ଖଲ୍‌ମ ସହରଠାରୁ ୨୩ କିମି ଦୂରରେ ଭୂକମ୍ପର କେନ୍ଦ୍ର ଥିଲା ବୋଲି ନ୍ୟାସନାଲ ସେଣ୍ଟର ଫର ସିସ୍‌ମୋଲୋଜି (ଏନସିଏସ୍) ତରଫରୁ ସୂଚନା ଦିଆଯାଇଛି। ରବିବାର ରାତି ୧ଟାରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା ବୋଲି ୟୁନାଇଟେଡ ଷ୍ଟେଟ୍‌ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) କହିଛି। ମାଜାରେ-ଇ- ସିରଫ୍‌ର ବ୍ଲୁ ମସଜିଦ ମଧ୍ୟ ଏଥିରେ କ୍ଷତିଗ୍ରସ୍ତ ହୋଇଛି। ଏହି ମସଜିଦ ଆଫଗାନିସ୍ତାନର ସବୁଠାରୁ ପବିତ୍ର ଧାର୍ମିକ ସ୍ଥଳି ବିବେଚିତ ହୋଇଥାଏ। ଏଠାରେ ମହାପୁରୁଷ ମହମ୍ମଦଙ୍କ ସମ୍ପର୍କୀୟ ଭାଇଙ୍କର ସମାଧି ରହିଛି ବୋଲି ବିଶ୍ୱାସ କରାଯାଏ। ଏହି ସହରରେ ୫, ୨୩, ୦୦୦ ଲୋକ ରହୁଛନ୍ତି। ୧୫୦୦ ଶତାବ୍ଦୀରେ ଏହି ମସ୍‌ଜିତ ନିର୍ମାଣ କରାଯାଇଥିଲା। ଭୂକମ୍ପର ବିଭିନ୍ନ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗତ ଅଗଷ୍ଟରେ ମଧ୍ୟ ଆଫଗାନିସ୍ତାନରେ ଏକାଧିକବାର ଭୂକମ୍ପ ଆସିଥିଲା ଓ ଏଥିରେ ୨, ୨୦୦ ଲୋକ ମୃତ୍ୟୁବରଣ କରିଥିଲେ। ଭୂକମ୍ପ ପୀଡିତଙ୍କୁ ଉଦ୍ଧାର କରିବାକୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ବିମାନବନ୍ଦର ନିକଟରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

କୋଏମ୍ବାଟୁର, ୩।୧୧(ଏଜେନ୍ସି): ତାମିଲନାଡୁର କୋଏମ୍ବାଟୁର ବିମାନବନ୍ଦରରେ ରବିବାର ରାତିରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ଛାତ୍ରୀଙ୍କୁ ୩ ଜଣ ବ୍ୟକ୍ତି ଗଣଦୁଷ୍କର୍ମ କରିଛନ୍ତି। ପୀଡିତା ରାତି ୧୧ଟାରେ ନିଜର ଜଣେ ବନ୍ଧୁଙ୍କ ସହ କାର୍‌ରେ ବସିଥିବା ବେଳେ ୩ ଅଭିଯୁକ୍ତ ସେଠାରେ ପହଞ୍ଚିଥିଲେ। ବନ୍ଧୁଙ୍କୁ ଆକ୍ରମଣ କରିବା ପରେ ଛାତ୍ରୀଙ୍କୁ ଜୋର ଜବରଦସ୍ତି କାର୍ ବାହରକୁ ଆଣି ସେଠାରୁ ଶୂନସାନ ସ୍ଥାନକୁ ନେଇଯାଇ ଏହି କାଣ୍ଡ ଘଟାଇଥିଲେ। ଦୁଷ୍କର୍ମ କରିବା ପରେ ଅଭିଯୁକ୍ତମାନେ ଛାତ୍ରୀଙ୍କୁ ସେଠାରେ ଛାଡି ଦେଇ ଚାଲିଯାଇଥିଲେ। ଆହତ ହୋଇଥିବା ଛାତ୍ରୀଙ୍କ ବନ୍ଧୁ ପୁଲିସକୁ ଏ ନେଇ ସୂଚନା ଦେଇଥିଲେ। ପୁଲିସ ରାତିସାରା ଛାତ୍ରୀଙ୍କୁ ଖୋଜିବା ପରେ ତାଙ୍କୁ ବିମାନ ବନ୍ଦରଠାରୁ ଏକ କିମି ଦୂରରେ ଏକ ଘରୋଇ କଲେଜ ପାଖରେ ବେହୋଶ ଅବସ୍ଥାରେ ଉଦ୍ଧାର କରିଥିଲା। ଛାତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ବନ୍ଧୁଙ୍କର କୋଏମ୍ବାଟୁର ମେଡିକାଲ କଲେଜରେ ଚିକିତ୍ସା କରାଯାଉଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ୭ଟି ଟିମ୍ ଗଠନ କରିଛି। ଏହି ୩ ଜଣ ଘଟଣା ଘଟାଇବା ପୂର୍ବରୁ ଏକ ବାଇକ୍ ଚୋରି କରିଥିଲେ ବୋଲି ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି। ଏବେ ଏହି ଘଟଣା ନେଇ ରାଜନୀତି ଆରମ୍ଭ ହୋଇଛି। ତାମିଲନାଡୁରେ ଏମ୍‌କେ ଷ୍ଟାଲିନ ସରକାରଙ୍କ ବିରୋଧରେ ଆଇନ ଶୃଙ୍ଖଳା ସ୍ଥିତି ଭୁଶୁଡି ପଡ଼ିବା ନେଇ ବିରୋଧୀ ଦଳ ଅଭିଯୋଗ ଆଣିଛନ୍ତି।

# ଦିଲ୍ଲୀ ପ୍ରଦୂଷଣ : ରିପୋର୍ଟ ମାଗିଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଦିଲ୍ଲୀ- ଏନ୍‌ସିଆରରେ ଦିନକୁ ଦିନ ବୃଦ୍ଧି ପାଉଥିବା ପ୍ରଦୂଷଣ ନେଇ ସୁପ୍ରିମକୋର୍ଟରେ ସୋମବାର ଶୁଣାଣି ହୋଇଥିଲା। କୋର୍ଟ ଏ ନେଇ ସରକାରଙ୍କଠାରୁ ରିପୋର୍ଟ ମାଗିଛନ୍ତି। ଦୀପାବଳି ପରେ ପ୍ରଦୂଷଣ ବହୁ ଗୁଣରେ ବୃଦ୍ଧି ପାଇଛି। ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍)କୁ ଏ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ବିଆର ଗଭାଇ ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏମ୍‌ସି ମେହେଟା ମାମଲାର ଶୁଣାଣି କରୁଥିଲା। ବରିଷ୍ଠ ଓକିଲ ତଥା ନ୍ୟାୟମିତ୍ର ଅପରାଜିତା ସିଂ କୋର୍ଟଙ୍କୁ କହିଥିଲେ ଯେ, ଦୀପାବଳି ଦିନ ୩୭ରୁ କେବଳ ୯ଟି ଏୟାର କ୍ୱାଲିଟି ମନିଟରିଂ ଷ୍ଟେସନ ଲାଗତର କାର୍ଯ୍ୟ କରୁଥିଲା। ଯଦି ଏହା କାମ କରୁନାହିଁ, ତେବେ ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) କେତେବେଳେ ଲାଗୁ କରାଯିବ ତାହା କିପରି ଜାଣିବା ବୋଲି ସେ ପ୍ରଶ୍ନ କରିଛନ୍ତି। ଏପର୍ଯ୍ୟନ୍ତ ପ୍ରଦୂଷଣ ରୋକିବାକୁ କି ପଦକ୍ଷେପ ସବୁ ନିଆଯାଇଛି ସେ ନେଇ କୋର୍ଟ ସିଏକ୍ୟୁଏମ୍‌କୁ ପ୍ରଶ୍ନ ପଚାରିଛନ୍ତି। ପ୍ରଦୂଷଣ ଭୟଙ୍କର ସ୍ଥିତିରେ ପହଞ୍ଚିବା ପୂର୍ବରୁ ଆଗୁଆ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉ ବୋଲି କୋର୍ଟ କହିଛନ୍ତି। ଉଲ୍ଲେଖଥାଉ କି, ଦିପାବଳୀ ପରେ ଦିଲ୍ଲୀର ଅଧିକାଂଶ ସ୍ଥାନରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ପାର କରିଥିଲା ଓ ବାୟୁରେ ଛୋଟ ଛୋଟ ଧୂଳିକଣା (ପିଏମ୍ ୨.୫) ଗତ ୫ ବର୍ଷ ମଧ୍ୟରେ ସର୍ବାଧିକ ବୃଦ୍ଧି ପାଇଥିଲା।

# ଲୁଚାଛପାରେ ଚାଲିଛି ପରମାଣୁ ପରୀକ୍ଷା !

■ ପାକିସ୍ତାନ, ଚୀନର ମୁଖା ଖୋଲିଲେ ଟ୍ରମ୍ପ

■ ବିଶ୍ୱକୁ ୧୫୦ଥର ଧ୍ୱଂସ କରିବା ପାଇଁ ପରମାଣୁ ଅସ୍ତ୍ର ଆମ ପାଖରେ ରହିଛି



ୱାସିଂଟନ୍, ୩।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ସମସ୍ତଙ୍କୁ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ପରମାଣୁ ଅସ୍ତ୍ର ପରୀକ୍ଷଣ ନେଇ ସେ ଏଥର ମନ୍ତବ୍ୟ ଦେଇ ହଇଚଇ ସୃଷ୍ଟି କରିଛନ୍ତି। ପାକିସ୍ତାନ ପରମାଣୁ ଅସ୍ତ୍ର ପରୀକ୍ଷା କରୁଛି ବୋଲି ସେ କହିଛନ୍ତି। ରବିବାର ସିବିଏସ୍ ନ୍ୟୁଜକୁ ସାକ୍ଷାତ୍‌କାର ଦେବା ଅବସରରେ ସେ ଏହି କଥା କହିଛନ୍ତି। ପୁଣିଥରେ ଆମେରିକାକୁ ପରମାଣୁ ପରୀକ୍ଷଣ ଆରମ୍ଭ କରିବାର ଅବଶ୍ୟକତା ଅଛି ବୋଲି ସେ କହିଛନ୍ତି। ଆମେରିକା ପାଖରେ ପର୍ଯ୍ୟାପ୍ତ ପରିମାଣର ପରମାଣୁ ଅସ୍ତ୍ର ରହିଛି। ଏହି ଅସ୍ତ୍ରକୁ ବ୍ୟବହାର କରି ଆମେରିକା ବିଶ୍ୱକୁ ୧୫୦ଥର ଧ୍ୱଂସ କରିବାର କ୍ଷମତା ରଖିଛି ବୋଲି ସେ ଦାବି କରିଛନ୍ତି। ଉତ୍ତର କୋରିଆକୁ ବାଦ୍ ଦେଲେ ଆଉ କୌଣସି ଦେଶ ପରମାଣୁ ପରୀକ୍ଷା କରୁନାହାନ୍ତି। ତେଣୁ ଆମେରିକା କାହିଁକି ପରୀକ୍ଷା କରିବ ବୋଲି ପ୍ରଶ୍ନ ହେବାରୁ ଟ୍ରମ୍ପ କହିଛନ୍ତି ଯେ, ପାକିସ୍ତାନ ଓ ଚୀନ୍ ଗୁପ୍ତ ଭାବେ ପରୀକ୍ଷା କରୁଛନ୍ତି। କିନ୍ତୁ ବିଶ୍ୱକୁ ଏ ନେଇ କୌଣସି ସୂଚନା ମିଳିନାହିଁ। ଟ୍ରମ୍ପ ପୂର୍ବରୁ ମଧ୍ୟ ପ୍ରତିରକ୍ଷା ମନ୍ତ୍ରଣାଳୟ (ପେଣ୍ଟାଗନ)କୁ ପରମାଣୁ ଅସ୍ତ୍ର ପରୀକ୍ଷା ଆରମ୍ଭ କରିବା ପାଇଁ ଆଦେଶ ଦେଇସାରିଛନ୍ତି। ସେ ପୁଣିଥରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧକୁ ରୋକିବାରେ ବଡ଼ ଭୂମିକା ନିର୍ବାହ କରିଛନ୍ତି ବୋଲି କହିଛନ୍ତି। ଦକ୍ଷିଣ ଏସିଆର ଏହି ଦୁଇ ଦେଶ ମଧ୍ୟରେ ପରମାଣୁ ଯୁଦ୍ଧ ହେବାର ଅବକାସ ସୃଷ୍ଟି ହୋଇଥିଲା। ଯଦି ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ନ କରାଇଥାନ୍ତି, ତାହେଲେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁ ବରଣ କରିଥାନ୍ତେ ବୋଲି ସେ ଏହି ସାକ୍ଷାତକାରରେ କହିଛନ୍ତି। ମଧ୍ୟସ୍ଥତା କରିବା ପରେ ସ୍ଥିତି ଶାନ୍ତ ହୋଇଥିଲା ଓ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଆଗକୁ ବଢ଼ି ନଥିଲା। ପୂର୍ବରୁ ମଧ୍ୟ ଟ୍ରମ୍ପ ଏ ନେଇ ଏକାଧିକ ବାର ଦାବି କରିଆସିଛନ୍ତି। ସେ ମୋଟ ଉପରେ ୭୦ଥର ଏପରି ଦାବି କରିଛନ୍ତି। ଗତ ସପ୍ତାହରେ ଟ୍ରମ୍ପ ଦକ୍ଷିଣ କୋରିଆରେ ଏପରି ଦାବି କରିଥିଲେ। ଭାରତ ଓ ପାକିସ୍ତାନ ଉପରେ ୨୫୦ ପ୍ରତିଶତ ଟାରିଫ ଲାଗୁ କରିବାକୁ ଧମକ ଦେବା ପରେ ଦୁଇ ଦେଶ ଫୋନ୍ କରି ଅସ୍ତ୍ରବିରତି ନେଇ ସହମିତ ପ୍ରକାଶ କରିଥିଲେ। ସେହିପରି ସେ ଚୀନ୍ ଓ ତାଇୱାନ ନେଇ ନିଜର ମତ ରଖିଥିଲେ। ଯଦି ତାଇୱାନ ଉପରେ ଚୀନ୍ ଆକ୍ରମଣ କରେ ତେବେ ଗମ୍ଭୀର ପରିଣାମ ଭୋଗିବାକୁ ହେବ ବୋଲି ସେ କହିଥିଲେ। ସେ ମଧ୍ୟ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କୁ ପ୍ରଶଂସା କରିଥିଲେ। ଯଦି ଆମେରିକା ପରମାଣୁ ପରୀକ୍ଷା କରେ ତେବେ ୩ ଦଶନ୍ଧି ପରେ ଏପରି ହେବ। ଚୀନ୍ ଓ ରୁଷ୍ ଏପରି କରୁଥିବାର ଆମେରିକା ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷା କରିବା ଯଥାର୍ଥ ହେବ ବୋଲି ସେ କହିଥିଲେ।

# ତେଲଙ୍ଗାନାରେ ବସ୍-ଡମ୍ଫର ଧକ୍କା; ୧୯ ମୃତ

ରଙ୍ଗାରେଡ୍ଡୀ, ୩।୧୧(ଏଜେନ୍ସି): ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାରେ ସୋମବାର ସକାଳେ ହାଇଦରାବାଦ- ବିଜାପୁର ରାଜପଥରେ ଏକ ଭୟଙ୍କର ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ତେଲଙ୍ଗାନା ରୋଡ ଟ୍ରାନ୍ସପୋର୍ଟ କର୍ପୋରେସନ (ଟିଏସ୍‌ଆରଟିସି)ର ଏକ ବସ ଓ ଗୋଡି ତଥା କଂକ୍ରିଟ୍ ଭର୍ତ୍ତି ଏକ ଡମ୍ଫର ମଧ୍ୟରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୧୯ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୦ ମାସର ଏକ ଶିଶୁ ସହ ୧୦ ଜଣ ମହିଳା ଓ ଦୁଇ ଗାଡ଼ିର ଡ୍ରାଇଭର ସାମିଲ ଅଛନ୍ତି। ଆହତଙ୍କୁ ଭିନ୍ନ ଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ହାଇଦରାବାଦ୍‌ଠାରୁ ୬୦ କିମି ଦୂରରେ ଥିବା ଚେଭେଲା ଥାନା କ୍ଷେତ୍ରର ଖାନ୍‌ପୁର ଗେଟ୍ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏହି ବସ୍ ବିକାରବାଦ ଜିଲ୍ଲାର ତନ୍ଦୁରରୁ ହାଇଦରାବାଦ ଯାଉଥିଲା। ଭୁଲ ଦିଗରୁ ଆସୁଥିବା ଏହି ଡମ୍ଫର ବସ୍‌କୁ ଏତେ ଜୋରରେ ଧକ୍କା ଦେଇଥିଲା ଯେ, ବସ୍ ପୁରାପୂରି କ୍ଷତିଗ୍ରସ୍ତ ହୋଇଥିଲା। ଡମ୍ଫରରେ ଥିବା ଗୋଡି ବସ୍‌ରେ ବସିଥିବା ଯାତ୍ରୀଙ୍କ ଉପରେ ପଡ଼ିଥିଲା। ଫଳରେ କେତେଜଣ ଯାତ୍ରୀ ଗୋଡି ଭିତରେ ଦବି ଯାଇଥିଲେ। ଏହି ଘଟଣାର ହୃଦୟ ବିଦାରକ ଦୃଶ୍ୟର ଭିଡିଓ ଏବେ ସାମ୍ନାକୁ ଆସିଛି। ଗୋଡି ତଳେ ଦବି ରହିଥିବା ଯାତ୍ରୀ ସାହାଯ୍ୟ ପାଇଁ ଚିତ୍କାର କରୁଥିବା ଦେଖାଯାଇଛି। ସୂଚନା ପାଇଁ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବାହାର କରୁଛନ୍ତି। ମୃତଦେହଗୁଡିକୁ ବାହର କରିବାକୁ ଉଦ୍ଧାରକାରୀ ଦଳକୁ ବସ୍‌କୁ କାଟିବାକୁ ପଡୁଛି। ଡ୍ରାଇଭର ଓ ତାଙ୍କ ସିଟ୍‌ର ପଛଭାଗ ଅଂଶ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ବସିଥିବା ଯାତ୍ରୀମାନେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହି ଦୁର୍ଘଟଣାକୁ ତେଲଙ୍ଗାନା ସରକରା ଗମ୍ଭୀରତା ସହ ଗ୍ରହଣ କରି ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଭୀଷଣ ଭିଡ଼ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିରେ ଦୁଃଖ ପ୍ରକାଶ କରିଛନ୍ତି।

# ଡିଜିଟାଲ ଆରେଷ୍ଟ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

■ ୩ ହଜାର କୋଟିର ସାଇବର ଠକେଇ

■ କଡ଼ା କାର୍ଯ୍ୟାନୁଷ୍ଠାନ ଜରୁରୀ



ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଦେଶବ୍ୟାପୀ ଡିଜିଟାଲ ଆରେଷ୍ଟ ଓ ସାଇବର ଠକେଇ ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ଜାହିର କରିଛନ୍ତି। ସରକାର ସାଇବର ଠକେଇ ସହ ଜଡିତ ତଥ୍ୟ ଦେଇଥିଲେ। ଦେଶବ୍ୟାପୀ ଏହି ଠକେଇରେ ପୀଡିତମାନଙ୍କଠାରୁ ପାଖାପାଖି ୩ ହଜାର କୋଟି ଟଙ୍କା ଲୁଟି ନିଆଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା। ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଏହି ମାମଲାକୁ କଠୋରତା ସହ ମୁକାବିଲା କରିବାକୁ ହେବ। ଦେଶର ୩ ହଜାର କୋଟି ଟଙ୍କାର ସାଇବର ଠକେଇ ହେବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ଓ ଚିନ୍ତାଜନକ ବୋଲି କୋର୍ଟ କହିଛନ୍ତି। ଏନେଇ ଖୁବ୍‌ଶୀଘ୍ର ଦିଶା ନିର୍ଦ୍ଦେଶ ଜାରି କରାଯିବ।

ପୂର୍ବରୁ ଅକ୍ଟୋବର ୨୭ରେ ହୋଇଥିବା ଶୁଣାଣିରେ ସବୁ ରାଜ୍ୟରେ ହୋଇଥିବା ଡିଜିଟାଲ ଆରେଷ୍ଟ ସମ୍ପର୍କିତ ଏଫ୍‌ଆଇଆରର ସମ୍ପର୍କରେ ସୂଚନା ମାଗିଥିଲେ। ଏଥିସହ ସିବିଆଇ ପାଖରେ ଏହି ମାମଲାଗୁଡିକର ଯାଞ୍ଚ ପାଇଁ ପର୍ଯ୍ୟାପ୍ତ ସଂଶାଧନ ଅଛି କି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। କେନ୍ଦ୍ର ଗୃହମନ୍ତ୍ରଣାଳୟ ଓ ସିବିଆଇ ଏ ନେଇ କୋର୍ଟଙ୍କୁ ଏକ ଲଫାପାରେ ବନ୍ଦ ହୋଇଥିବା ରିପୋର୍ଟ ପ୍ରଦାନ କରିଥିଲେ। ଗୃହ ମନ୍ତ୍ରଣାଳୟ ଭିନ୍ନ ଭିନ୍ ବିଭାଗ ଏ ନେଇ କାର୍ଯ୍ୟ କରୁଛନ୍ତି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୦ରେ ହେବ ବୋଲି କୋର୍ଟ କହିଛନ୍ତି। ଉଲ୍ଲେଖଥାଉ କି, ହରିୟାଣାର ଏକ ବୃଦ୍ଧ ଦମ୍ପତି ସେପ୍ଟେମ୍ବର ୩ରୁ ୧୬ ମଧ୍ୟରେ ୧.୦୫ କୋଟି ଟଙ୍କାର ସାଇବର ଠକେଇର ଶିକାର ହୋଇଥିଲେ। ଏ ନେଇ ଏହି ଦମ୍ପତି ସେପ୍ଟେମ୍ବର ୨୧ରେ ମୁଖ୍ୟ ବିଚାରପତି ଭିଆର ଗଭାଇଙ୍କୁ ଚିଠି ଲେଖି ଜଣାଇଥିଲେ। ଏହାପରେ କୋର୍ଟ ନିଜର ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

# ଅଶ୍ଳୀଳ ଭିଡିଓ ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ


ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଅଶ୍ଳୀଳ ତଥା ପର୍ଣ୍ଣ ଭିଡିଓକୁ ନିଷିଦ୍ଧ କରିବା ନେଇ ହୋଇଥିବା ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଏହିକ୍ରମରେ କୋର୍ଟ ନେପାଳରେ ହୋଇଥିବା ଜେନ- ଜେଡ ଆନ୍ଦୋଳନର ଉଦାହରଣ ଦେଇଛନ୍ତି। ନେପାଳରେ ସୋସିଆଲ ମିଡିଆକୁ ନିଷିଦ୍ଧ କରିବା ପରେ କ'ଣ ହେଲା, ତାହା ଦେଖନ୍ତୁ ବୋଲି କୋର୍ଟ କହିଛନ୍ତି। ତେବେ ମୁଖ୍ୟ ବିଚାରପତି ବିଆର ଗଭାଇଙ୍କ ଅଧ୍ୟକ୍ଷତା କରୁଥିବା ଖଣ୍ଡପୀଠ କହିଛନ୍ତି ଯେ, ପର୍ଣ୍ଣୋଗ୍ରାଫି ନେଇ ହୋଇଥିବା ଆବେଦନର ଶୁଣାଣି ୪ ସପ୍ତାହ ପରେ କରାଯିବ। ଉଲ୍ଲେଖ ଯୋଗ୍ୟ ଯେ, ନଭେମ୍ବରେ ୨୩ରେ ହେବାକୁ ଥିବା ଏହି ଶୁଣାଣି ପୂର୍ବରୁ ଗଭାଇ ନିଜ ପଦରୁ ଅବସର ନେଇ ସାରିଥିବେ। ଏହି ଆବେଦନରେ କେନ୍ଦ୍ର ସରକାର ଅଶ୍ଳୀଳ କଣ୍ଟେଟ୍ ଉପରେ ନିଷେଧାଦେଶ ଜାରି କରିବା ନେଇ ପଲିସି ଆଣିବାକୁ ଦାବି କରାଯାଇଥିଲା। ଏଥିସହ ଛୋଟପିଲାଙ୍କ ନିକଟରେ ଏହି କଣ୍ଟେଟ୍ ନ ପହଞ୍ଚିବ ଯେଭଳି ସେ ନେଇ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ପବ୍ଲିକ୍ ପ୍ଲାଟଫର୍ମରେ ଏହି ଭିଡିଓ ହଟାଇବାକୁ ଦାବି କରାଯାଇଛି।

# ଟ୍ରମ୍ପଙ୍କ ଲୋକପ୍ରିୟତା ୧୮ ପ୍ରତିଶତ କମିଛି

ୱାଶିଂଟନ, ୩।୧୧(ଏଜେନ୍ସି): ନଭେମ୍ବର ୫ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଗୋଟିଏ ବର୍ଷ ପୂରଣ କରିବ। କିନ୍ତୁ ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ନଭେମ୍ବର ୪ରେ ସେ ସବୁଠାରୁ ବଡ଼ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଏହି ଦିନ ଆମେରିକାର ନ୍ୟୁୟର୍କ ସିଟିର ମେୟର ନିର୍ବାଚନ ଆୟୋଜନ ହେବ। ଏଥିସହ ଭିର୍ଜିନିଆ ଓ ନ୍ୟୁଜର୍ସି ରାଜ୍ୟରେ ଗର୍ଭନର ଓ ବିଧାନସଭା ନିର୍ବାଚନ ହେବ। ଗତ ଗୋଟିଏ ବର୍ଷ ହେବ ଟ୍ରମ୍ପଙ୍କ ନେଟ୍ ଆପ୍ରୁଭାଲ ରେଟିଂ ଅର୍ଥାତ ଲୋକପ୍ରିୟତା ନଭେମ୍ବର ଆରମ୍ଭରେ ୧୮ ପତିଶତ ତଳକୁ ଖସିଛି।

ଏହା ପୂର୍ବତନ ରାଷ୍ଟ୍ରପତି ଓବାମା ଓ ଜୋ ବାଇଡେନଙ୍କ ପ୍ରଥମ ବର୍ଷ ତୁଳନାରେ ବହୁତ କମ୍ ସାବ୍ୟସ୍ତ ହୋଇଛି। ଓବାମା ପ୍ରଥମବର୍ଷ ଶେଷରେ ଏହା ୩ ପ୍ରତିଶତ ଓ ବାଇଡେନଙ୍କ ୭ ପ୍ରତିଶତ କମ୍ ହୋଇଥିଲା। ୱାସିଂଟନଠାରୁ ଆରମ୍ଭ କରି ଭିର୍ଜିନିଆ ଓ ନ୍ୟୁୟର୍କ ପର୍ଯ୍ୟନ୍ତ ସମସ୍ତଙ୍କ ନଜର ଏହି ନିର୍ବାଚନ ଉପରେ ରହିଛି। ଆମେରିକାର ଜନସାଧରଣ ଟ୍ରମ୍ପଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଅଛନ୍ତି କି ନା ତାହା ଏହି ନିର୍ବାଚନ ହିଁ ସ୍ପଷ୍ଟ କରିବ। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଏହାକୁ ନୀତିଗତ ଦୃଢ଼ତା ବିବେଚନା କରୁଥିବା ବେଳେ ବିରୋଧୀ ଡେମୋକ୍ରାଟ୍ସ ଏହାକୁ 'ମିନି ରେଫ୍ରେଣ୍ଡମ' ବା ଲଘୁ ଜନମତ ବୋଲି କହିଛି। ଉଲ୍ଲେଖଥାଉ କି, ନ୍ୟୁୟର୍କ ମେୟର ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ତଥା ଯୁବନେତା ଜୋହରାନ ମମଦାନୀ (୩୩) ଏବ ବଡ଼ ଚେହରା ଭାବେ ଉଦୟ ହୋଇଛନ୍ତି। ସେ ନ୍ୟୁୟର୍କ ଷ୍ଟେଟ ଆସେମ୍ବ୍ଲିର ସଦସ୍ୟ ଅଛନ୍ତି। ଜୋହରାନ ଆଫ୍ରିକାର ୟୁଗାଣ୍ଡାର ଲେଖକ ମହମୁଦ ମମ୍‌ଦାନୀ ଓ ଭାରତୀୟ ଫିଲ୍ମ ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ। ମମଦାନୀ ଏବେ ୧୪ ପ୍ରତିଶତର ବଡ଼ ଅନ୍ତରରେ ଆଗରେ ରହିଛନ୍ତି। ନିର୍ବାଚନରେ ମମଦାନୀଙ୍କ ବିରୋଧରେ ୬୭ ବର୍ଷୀୟ ପୂର୍ବତନ ଗଭର୍ନର ଆଣ୍ଡ୍ରୁ କୁମୋ ଅବତୀର୍ଣ୍ଣ ହୋଇଛନ୍ତି। ଯଦି ମମ୍‌ଦାନୀ ମେୟର ଭାବେ ନିର୍ବାଚିତ ହେଉଛନ୍ତି ତେବେ, ନ୍ୟୁୟର୍କକୁ ସଂଘୀୟ ସହାୟତା ପାଣ୍ଠି ବନ୍ଦ କରିବାକୁ ଟ୍ରମ୍ପ ପୂର୍ବରୁ ଧମକ ଦେଇସାରିଛନ୍ତି।

# ଅନନ୍ତ ସିଂହଙ୍କ ପାଇଁ ଭୋଟ ମାଗିଲେ କେନ୍ଦ୍ରମନ୍ତ୍ରୀ



ପାଟନା, ୩।୧୧ (ଏଜେନ୍ସି): ଯାହା ଅନ୍ୟ କେଉଁଠି ଦେଖିବାକୁ ମିଳି ନ ଥାଏ ତାହା ରାଜନୀତିରେ ଦେଖାଯାଇଥାଏ। ଏହାର ନିଛକ ଦୃଶ୍ୟ ବିହାରରୁ ସାମ୍‌ନାକୁ ଆସିଛି। ଗ୍ୟାଙ୍ଗଷ୍ଟାର ରାଜନୀତିକୁ ଆସି ନିର୍ବାଚନ ଲଢୁଛନ୍ତି। ଆଉ ଧଳା ପୋଷାକ ତଳେ ରହି ଲୋକେ କଳା ସାମ୍ରାଜ୍ୟ ଚଳାଉଛନ୍ତି। ଏଭଳି ଦୁଇ ନେତା ହେଉଛନ୍ତି ଦୁଲାରଚାନ୍ଦ ଯାଦବ ଏବଂ ବାହୁବଳୀ ଅନନ୍ତ ସିଂହ ଓରଫ ଛୋଟେ ସରକାର। ଗ୍ୟାଙ୍ଗଷ୍ଟାରରୁ ରାଜନେତା ପାଲଟି ଥିବା ଆରଜେଡି ନେତା ଦୁଲାରଚାନ୍ଦଙ୍କ ହତ୍ୟା ମାମଲାରେ ମୋକାମାର କ୍ଷମତାସୀନ ଜେଡିୟୁ ପ୍ରାର୍ଥୀ ତଥା ବାହୁବଳୀ ତଥା ଛୋଟେ ସରକାର ଅନନ୍ତ ସିଂହଙ୍କୁ ଗିରଫ କରାଯାଇଛି। ମାତ୍ର ଏହି କାର୍ଯ୍ୟାନୁଷ୍ଠାନର ଦିନକ ପରେ ଅନନ୍ତଙ୍କ ପାଇଁ ପ୍ରଚାର କରିବାକୁ ମୋକାମାରେ ଅନେକ ହେଭିୱେଟ ପହଞ୍ଚି ଯାଇଛନ୍ତି। ଏହି ଆସନର ପ୍ରଚାରପ୍ରସାର ଦାୟିତ୍ୱ କେନ୍ଦ୍ରମନ୍ତ୍ରୀ ତଥା ଜେଡିୟୁ ନେତା ଲଲନ ସିଂହ ନିଜ ହାତକୁ ନେଇଛନ୍ତି। ସେ ସୋମବାର ଅନନ୍ତ ସିଂହଙ୍କ ପାଇଁ ପ୍ରଚାର କରି ଭୋଟ ଭିକ୍ଷା କରିଛନ୍ତି। ଖାଲି ସେତିକି ନୁହେଁ, ଉପମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ସମ୍ରାଟ ଚୌଧୁରୀ ମଧ୍ୟ ଆଜି ମୋକାମାରେ ରୋଡ୍ ଶୋ' କରିଛନ୍ତି।

ଲଲନ ସିଂହ କହିଛନ୍ତି ଯେ ଅନନ୍ତ ଜେଲ୍ ଯିବା ପରେ ଦାୟିତ୍ୱ ବଢ଼ି ଯାଇଛି। ଜଣେ ଜଣେ ବ୍ୟକ୍ତିଙ୍କୁ ଅନନ୍ତ ସିଂହ ହୋଇ ନିର୍ବାଚନ ଲଢ଼ିବାକୁ ହେବ। ସେହିପରି ଅନନ୍ତଙ୍କୁ ଜେଲ୍ ପଠାଇବା ପାଇଁ ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ ଦାବି କରିଛନ୍ତି। ସେହିପରି ବିଜେପି ସାଂସଦ ବୃଜଭୂଷଣ ଶରଣ ସିଂହ ମଧ୍ୟ ଅନନ୍ତଙ୍କ ସପକ୍ଷରେ ବାହାରିଛନ୍ତି। ସେ ଏହି ବାହୁବଳୀଙ୍କୁ ନିର୍ଦ୍ଦୋଷ କହିଛନ୍ତି। ତାଙ୍କ ବିରୋଧରେ ମିଥ୍ୟା ଏତଲା ଦାଏର କରାଯାଇଥିବା କୁହାଯାଉଛି। ତେବେ ନିଜ ସରକାର ଥିବାବେଳେ ଛୋଟେ ସରକାରଙ୍କ ବିରୋଧରେ ମିଥ୍ୟା ଏତଲା କେମିତି ଦାଏର କରାଯାଇପାରିବ ବୋଲି ପ୍ରଶ୍ନ ଉଠୁଛି।

# ପରସ୍ପର ବିରୋଧରେ ମଇଦାନକୁ ଓହ୍ଲାଇଲେ ଦୁଇ ଭାଇ

ବିହାରର ସବୁଠାରୁ ହଟ୍ ସିଟ୍ ମହୁଆ ଏବଂ ରାଘୋପୁରରେ ଆରଜେଡି ମୁଖ୍ୟ ଲାଲୁ ଯାଦବଙ୍କ ଦୁଇ ପୁଅ ମୈଦାନକୁ ଓହ୍ଲାଇଛନ୍ତି। ଏହି ଦୁଇ ଆସନ ଦୁଇ ଭାଇଙ୍କ ମଧ୍ୟରେ ଲଢେଇର କ୍ଷେତ୍ର ପାଲଟି ଯାଇଛି। ପ୍ରେମ ବିବାହକୁ ନେଇ ବଡ଼ ପୁଅ ତେଜପ୍ରତାପଙ୍କୁ ୬ ବର୍ଷ ପାଇଁ ଦଳରୁ ବାହାରି କରିଦେଇଥିବା ଲାଲୁଙ୍କ ନିମନ୍ତେ ସେ ହିଁ କଣ୍ଟା ପାଲଟି ଯାଇଛନ୍ତି। ଲାଲୁଙ୍କ ସାନ ପୁଅ ତେଜସ୍ୱୀ ହେଲିକପ୍ଟରରୁ ମହୁଆରେ ଓହ୍ଲାଇ ଭୋଟ ମାଗିବାରୁ ରାଜନୈତିକ ଚିତ୍ର ବଦଳି ଯାଇଛି। ମହୁଆରୁ ବଡ଼ ଭାଇ ତେଜପ୍ରତାପଙ୍କ ବିରୋଧରେ ତେଜସ୍ୱୀ ଭୋଟ ମାଗିଛନ୍ତି। ଏହାର ପ୍ରତି ବଦଳରେ ସାନ ଭାଇ ତେଜସ୍ୱୀଙ୍କ ନିର୍ବାଚନ କ୍ଷେତ୍ର ରାଘୋପୁରର ୨ଟି ସ୍ଥାନରେ ହେଲିକପ୍ଟର ଓହ୍ଲାଇ ଜବାବ ଦେବେ ବୋଲି ତେଜପ୍ରତାପ କହିଛନ୍ତି। ଦୁଇ ଭାଇଙ୍କ ବିବାଦ ଖୋଲାଖୋଲି ଭାବେ ସାମ୍‌ନାକୁ ଆସିଯାଇଛି।

ସୂଚନା ଅନୁଯାୟୀ ଘରୁ ଏବଂ ଦଳରୁ ବାହାର କରାଯିବା ପରେ ତେଜପ୍ରତାପ ଜନଶକ୍ତି ଜନତା ପାର୍ଟି ଗଢିଛନ୍ତି। ସେ ବୈଶାଳୀର ମହୁଆ ସିଟ୍‌ରୁ ଲଢୁଛନ୍ତି। ସେହିପରି ତେଜସ୍ୱୀ ବିରୋଧୀଙ୍କ ମହାମେଣ୍ଟ ଇଣ୍ଡିଆର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଛନ୍ତି। ସେ ମହୁଆରେ କହିଥିଲେ ଯେ ଦଳଠାରୁ ବଡ଼ କେହି ନୁହେଁ। ଦଳ ହିଁ ତାଙ୍କର ବାପାମାଆ। ଦଳ ଅଛି ତ ସବୁ ଅଛି; ଦଳ ନ ଥିଲେ କିଛି ନାହିଁ। ଏହାର ଜବାବରେ ତେଜପ୍ରତାପ କହିଛନ୍ତି ଯେ ଜନତାଙ୍କଠାରୁ ବଡ଼ କେହି ନୁହେଁ ବୋଲି ମୋର ବାଲୁତ ଭାଇ ବୁଝିବା ଦରକାର। ଜନତା ହିଁ ମାଲିକ। ଗଣତନ୍ତ୍ରରେ କୌଣସି ପାର୍ଟି କିମ୍ବା ପରିବାର ନୁହେଁ, ଜନତା ହିଁ ସବୁଠୁ ବଡ଼।





ଉପନିର୍ବାଚନ ପାଇଁ ସୋମବାର ନୂଆପଡ଼ାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ସଭା

## ତ୍ରିବିକ୍ରମ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୩।୧୧(ସମିସ): କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତଥା ପଞ୍ଚୁକର ଦ୍ୱିତୀୟ ଦିବସରେ ସୋମବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବା ଡାଳିକିଆ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଅବକାଶ ନୀତି ଶେଷ ହେବା ପରେ ଠାକୁରମାନଙ୍କ ତ୍ରିବିକ୍ରମ ବେଶ କରାଯାଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀମସ୍ତକରେ ସୋଲ, କନା, ବେତ, ଜମ୍ମୁରା, କଇଁଥ ଅଠା ଇତ୍ୟାଦିରେ ନିର୍ମିତ ଦୁଇଟି ଚୂଳ ଲାଗି ହୋଇଥିଲା। ଏହି ଚୂଳରେ ସୋଲ, ଜରି ଓ ରଙ୍ଗ ଲଗାଯାଇ ପ୍ରସ୍ତୁତ ବହୁତ ଫୁଲ ଶ୍ରୀମସ୍ତକରେ ସଜା ଯାଇଥିଲା। ଏଥିରେ ସୁନାର କିଆ ମଧ୍ୟ ଖଞ୍ଜା ଯାଇଥିଲା। ଏଥିସହ ଅନେକ ସୁବର୍ଣ୍ଣ ଅଳଙ୍କାରରେ ଠାକୁରଙ୍କୁ ବିଭୂଷିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଶଙ୍ଖ, ଚକ୍ର ଏବଂ ଶ୍ରୀବଳଭଦ୍ର ହଳ, ମୂଷଳ ଧାରଣ କରିଥିଲେ। ଏହା ଅତ୍ୟନ୍ତ ମନୋମୁଗ୍ଧକର ବେଶ। ଏହି ବେଶକୁ ଶ୍ରଦ୍ଧାଳୁ ତ୍ରୟୋଦଶୀ ତିଥିରେ ଦର୍ଶନ କଲେ ଅପାର କରୁଣା ଲାଭ କରିବା ସହ ଅଶେଷ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ମଙ୍ଗଳବାର ମହାପ୍ରଭୁଙ୍କର ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହେବ।

## ଶ୍ରୀମନ୍ଦିରରୁ ଡାଲ୍‌ଡା ଘିଅ ଜବତ

ପୁରୀ, ୩।୧୧(ସମିସ): ଶ୍ରୀମନ୍ଦିର ମଧ୍ୟରେ କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର ହେବ। ଅନ୍ୟ କୌଣସି ପ୍ରକାର ଘିଅ ବ୍ୟବହାର କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ସ୍ଥିର କରିଥିଲା। ଏ ସଂକ୍ରାନ୍ତରେ ସୁଆର ମହାସୁଆର ସେବକଙ୍କୁ ନିର୍ଦ୍ଦେଶ ବି ଦିଆଯାଇଥିଲା। ହେଲେ



ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୋମବାର ଶ୍ରୀମନ୍ଦିର ଭିତରୁ ଡାଲଡା ଘିଅ ଜବତ କରାଯାଇଛି। ଜଣେ ମହାସୁଆର ସେବକ ଏହି ନିର୍ଦ୍ଦେଶର ଉଲ୍ଲଂଘନ କରିଥିବାରୁ ତାଙ୍କୁ ଶ୍ରୀମନ୍ଦିର

- କେବଳ ଓମ୍‌ଫେଡ ଘିଅ ବ୍ୟବହାର ଲାଗି ଥିଲା ନିର୍ଦ୍ଦେଶ
- ଉଲ୍ଲଂଘନକାରୀ ମହାସୁଆର ସେବକଙ୍କୁ କୈଫିୟତ ତଲବ

ପ୍ରଶାସନ କୈଫିୟତ ତଲବ କରିଛି। କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ମହାପ୍ରସାଦ ହେଉ କିମ୍ବା ଶୁଖିଲି ଭୋଗ; ସବୁଥିରେ କେବଳ ଓମଫେଡ୍ ଘିଅ ବ୍ୟବହାର କରାଯିବ। ପୂର୍ବରୁ ବିଭିନ୍ନ ପ୍ରକାର ନିମ୍ନମାନର ଘିଅ ବ୍ୟବହାର କରାଯାଉଥିବା ବାରମ୍ବାର ଅଭିଯୋଗ ଆସିବା ପରେ ପରିଚାଳନା କମିଟି ଏହି ନିଷ୍ପତ୍ତି ନେଇଥିଲା। ତେଣୁ ଏନେଇ ସହଯୋଗ କରିବାକୁ ଗତବର୍ଷ ଅକ୍ଟୋବର ୨୪ ତାରିଖରେ ଓମ୍‌ଫେଡକୁ ଅନୁରୋଧ କରିଥିଲେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ଶ୍ରୀମନ୍ଦିରର ଆବଶ୍ୟକତାକୁ ନଜରରେ ରଖି ମନ୍ଦିର ପାଇଁ ଏକ ସ୍ୱତନ୍ତ୍ର ଡିପୋ ଖୋଲାଯିବା ନେଇ ଓମଫେଡ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଥିଲେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମଧ୍ୟକୁ ଓମଫେଡ୍ ବ୍ୟତୀତ ଯେପରି ଅନ୍ୟ କୌଣସି ଘିଅ ପ୍ରବେଶ ନ କରେ, ସେଥିପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟ ପ୍ରଶାସକ। ତଦନୁସାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଆର ମହାସୁଆର ନିଯୋଗକୁ ଜଣାଇ ଦିଆଯାଇଥିଲା। ବରିଷ୍ଠ ସୁପରଭାଇଜର ଏବଂ କମାଣ୍ଡର୍ ଏଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଥିଲା। ଏଥିରେ କୌଣସି ପ୍ରକାର ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ। ଅନ୍ୟ ଛାପ ଘିଅ ଶ୍ରୀମନ୍ଦିରକୁ ନେବାକୁ ଚେଷ୍ଟା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରି ଦିଆଯାଇଥିଲା। ଏହାସତ୍ତ୍ୱେ ସୋମବାର ପବିତ୍ର କାର୍ତ୍ତିକ ମାସ ପଞ୍ଚୁକରେ ଶ୍ରୀମନ୍ଦିର ଭିତରୁ ଡାଲ୍‌ଡା ଘିଅ ଜବତ ହୋଇଛି।

## ମନିସୁଖ ସିକ୍ୟୁରିଟି ସଂସ୍ଥା
# ଓଡ଼ିଶାରୁ ଠକିଛି ୫ଶହ କୋଟି

- ପୁଲିସ ଶୁଣିଲାନି, ଓଏଚ୍‌ଆରସିଙ୍କ ଦ୍ୱାରସ୍ଥ ହେଲେ ଯୁବକ
- ଭଦ୍ରକ ଏସ୍‌ପିଙ୍କୁ ଜବାବ ତଲବ; ୧୫ ସୁଦ୍ଧା ରିପୋର୍ଟ ଦେବେ
- ଦେଶରୁ ୧୦ ହଜାର କୋଟିର ଠକିଛି ସଂସ୍ଥା

ଭୁବନେଶ୍ୱର,୩।୧୧(ସମିସ): ୨ ମାସରେ ମୂଳଧନ ଦୁଇଗୁଣା କରିଦେବାର ଲୋଭ ଦେଖାଇ 'ମନିସୁଖ ସିକ୍ୟୁରିଟି' ନାମକ ଏକ ସଂସ୍ଥା ଓଡ଼ିଶାରୁ ୫ଶହ କୋଟି ଠକିନେଇଛି। ଏନେଇ ଥାନାରେ ଅଭିଯୋଗ କଲେ ମଧ୍ୟ ପୁଲିସ ଶୁଣୁନି। ଅଭିଯୁକ୍ତମାନଙ୍କୁ ଧରିବା ତ ଦୂରର କଥା, ତଦନ୍ତ ବି କରୁନାହିଁ। ଏପରି ଅଭିଯୋଗ ଆଣି ଭଦ୍ରକ ଜିଲ୍ଲା ଚାରିଗାଁର ପ୍ରହଲ୍ଲାଦ ସେଠୀ ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍‌ଆର୍‌ସି)ର ଦ୍ୱାରସ୍ଥ ହୋଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗତ ୨୦୨୪ ଜୁଲାଇ ୧୩ ତାରିଖରେ ସେ ଏ ସଂପର୍କରେ ଭଦ୍ରକ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ତଦନ୍ତ କରିବା ପରିବର୍ତ୍ତେ ହାତ ବାନ୍ଧି ଚୁପ୍ ବସିଛି। ଏହାର ଫାଇଦା ନେଇ ଅଭିଯୁକ୍ତମାନେ ବାହାରେ ବସି ଜଣଙ୍କ ପରେ ଜଣଙ୍କୁ ଠକି ଚାଲିଛନ୍ତି। ଏହି ଘଟଣାରେ ଆୟୋଗ ଅସନ୍ତୋଷ ପ୍ରକାଶ କରିବା ସହ ଭଦ୍ରକ ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ୧୫ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ କହିଛନ୍ତି। ରିପୋର୍ଟ ନଦେଲେ ଆୟୋଗ ନିଜଆଡ଼ୁ ମାମଲାର ଅନ୍ତିମ ରାୟ ପ୍ରକାଶ କରିବେ ବୋଲି ଜଣାପଡ଼ିଛି।

'ମନିସୁଖ ସୁକ୍ୟୁରିଟି ଫାଇନାନ୍ସ ଲିମିଟେଡ୍'ର ଦିଲ୍ଲୀରେ ଅଫିସ୍ ରହିଛି। ସଂସ୍ଥା ଏଠାରେ ଲୋକଙ୍କୁ ଠକିବା ପାଇଁ ଯୋଜନା କରି ଲୋଭନୀୟ ଅଫର୍ ରଖିଥିଲା। ମନିସୁଖ ସିକ୍ୟୁରିଟ୍ ଆପ୍‌ରେ ଟଙ୍କା ଲଗାଇଲେ ତାହା ୨ ମାସରେ ଦୁଇଗୁଣା ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଲୋଭରେ ପଡ଼ି ଓଡ଼ିଶାର ଏକାଧିକ ଲୋକ ଏଥିରେ ନିବେଶ କରିଥିଲେ। ହେଲେ, ଲାଭ ଦୂର କଥା, ମୂଳ ବି ମିଳିଲାନି। ଶେଷରେ ଆପ୍‌ଟି ମଧ୍ୟ ବନ୍ଦ ହୋଇଯାଇଥିଲା। ଖାଲି ଓଡ଼ିଶା ନୁହେଁ, ଏହି ସଂସ୍ଥା ୧୦ ହଜାର କୋଟି ଟଙ୍କା ଠକେଇ କରିଛି।

ଭଦ୍ରକର ପ୍ରହଲ୍ଲାଦ ନାମକ ଜଣେ ଯୁବକ ମଧ୍ୟ ଏହି ସଂସ୍ଥା ଦ୍ୱାରା ଠକେଇର ଶିକାର ହୋଇଛନ୍ତି। ସଂସ୍ଥା ତାଙ୍କଠାରୁ ୩୩ଲକ୍ଷ ୭୮ ହଜାର ଟଙ୍କା ଠକି ନେଇଛି। ପ୍ରହଲ୍ଲାଦଙ୍କ କହିବା କଥା, ତାଙ୍କ ହ୍ୱାଟ୍ସଆପ୍‌କୁ ପ୍ରଥମେ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ମନିସୁଖ ସିକ୍ୟୁରିଟି ସଂସ୍ଥା ଆପ୍‌ରେ ଟଙ୍କା ଲଗାଇଲେ, ଦୁଇଗୁଣା ଅର୍ଥ ମିଳିବ ବୋଲି ସେଥିରେ କୁହାଯାଇଥିଲା। ମେସେଜ୍ ଆସିଥିବା ଫୋନ୍ ନମ୍ବରକୁ କଲ୍ କରିବା ପରେ ଠକ ତାଙ୍କୁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଆଡ୍ କରିଥିଲେ। ଏହାପରେ ସେଠାରେ ତାଙ୍କୁ ମନିସୁଖ ସିକ୍ୟୁରିଟି ଆପ୍‌କୁ ଡାଉନ୍‌ଲୋଡ୍ କରି ଟଙ୍କା ବିନିଯୋଗ କରିବାକୁ କୁହାଯାଇଥିଲା। ଆଗପଛ ବିଚାର ନ କରି ସେ ୩୩ଲକ୍ଷ ୭୮ହଜାର ଟଙ୍କା ବିନିଯୋଗ କରିଥିଲେ। ବଦଳରେ ସଂସ୍ଥା ତାଙ୍କୁ ୧କୋଟି ୧୪ଲକ୍ଷ ଟଙ୍କା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଦୁଇ ମାସ ପରେ ସେ ଆପ୍‌ରୁ ଆଉ ଟଙ୍କା ଉଠାଇ ପାରିନଥିଲେ। ପ୍ରହଲ୍ଲାଦ ଠକାମିର ଶିକାର ହୋଇଥିବା ଜାଣିବା ପରେ ୨୦୨୪ରେ ଭଦ୍ରକ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ବହୁ ଦିନ ବିତିଯାଇଥିଲେ ମଧ୍ୟ ପୁଲିସର ତଦନ୍ତ କିଛି ଆଗକୁ ବଢ଼ି ନଥିବାରୁ ସେ ରାଜ୍ୟ ମାନବାଧିକାର କମିସନ୍‌ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ଧାନ ଖାଇବାରୁ ହାତୀକୁ ଗୁଳି କରି ହତ୍ୟା

ଭଞ୍ଜନଗର, ୩।୧୧ (ସମିସ): ବାଇବାଲି ଜଙ୍ଗଲର ବାଣିଆପଲ୍ଲୀ ଗାଁ ପାଖ ଜଙ୍ଗଲରେ ୧୫ ବର୍ଷୀୟ ଦନ୍ତା ହାତୀକୁ ଗୁଳି କରି ମାରିବା ଘଟଣାରେ ବନବିଭାଗ ଉମାକାନ୍ତ ପ୍ରଧାନ ଓରଫ୍ ନଣ୍ଡା (୫୦)କୁ ଗିରଫ କରିଛି। ତା' ପାଖରୁ ପୁଲିସ ୩ଟି ଦେଶୀ ବନ୍ଧୁକ ସହ ବିପୁଳ ପରିମାଣର ଦେଶୀ ଗୁଳି ଓ ବିସ୍ଫୋରକ ଜବତ କରାଯାଇଛି। ଏନେଇ ମୁଜାଗଡ଼ ରେଞ୍ଜ ପକ୍ଷରୁ ନମ୍ବର ଓଆର-୪୩୨/୨୫-୨୬ ରେ ଏକ ମାମଲା ରୁଜୁ ହୋଇଛି। ନଣ୍ଡାକୁ କୋର୍ଟଚାଲାଣ କରାଯିବ ବୋଲି ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ଗୁରୁବାର ରାତିରେ ଉମାକାନ୍ତ ନିଜ ଧାନଜମି ଜଗିବାକୁ ଯାଇଥିଲା। ସାଙ୍ଗରେ ଏକ ଦେଶୀ ବନ୍ଧୁକ ନେଇଥିଲା। ଏହି ସମୟରେ ୨୪ଟିକିଆ ଏକ ହାତୀପଲ ମଧ୍ୟରୁ ୨ଟି ହାତୀ ତା' ଧାନଜମିରେ ପଶିଥିଲେ। ହାତୀକୁ ଦେଖି ସେ ପ୍ରଥମେ ୨ଟି ବାଣ ଫୁଟାଇ ଘଉଡ଼ାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଏହା ପରେ ବି ହାତୀଦ୍ୱୟ ଜମିରୁ ନଯିବାରୁ ତା' ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ହାତରେ ଧରିଥିବା ବନ୍ଧୁକରୁ ଗୁଳି ଫୁଟାଇଥିଲା। ଏଥିରେ ଗୋଟିଏ ହାତୀ ଘଟଣାସ୍ଥଳରେ



ଟଳି ପଡ଼ିଥିଲା। ପରେ ସେ ଘଟଣାସ୍ଥଳରୁ ଖସି ଆସି ନିଜ ଜମି ପାଖରେ ଏକ ବୁଦାମୂଳେ ବନ୍ଧୁକ ରଖି ପାଲ ଘୋଡ଼ାଇ ଦେଇଥିଲା।

ଶନିବାର ବନ ବିଭାଗ ହାତୀର ବ୍ୟବଚ୍ଛେଦ କରିବା ବେଳେ ଆଗପଟର ଡାହାଣ ଗୋଡ଼ ସନ୍ଧିରେ ଗୁଳିମାଡ଼ ହୋଇଥିବା ଦେଖିବାକୁ ପାଇଥିଲେ। ସେହିପରି, ଗୁଳି ବାଜିବା ପରେ ହାତୀଟି ଘଟଣାସ୍ଥଳରୁ ପାଖାପାଖି ୪ଶହ ମିଟର ଯିବା ପରେ ଟଳି ପଡ଼ିଥିବା

### ଅଭିଯୁକ୍ତ ଗିରଫ; ୩ ଦେଶୀ ବନ୍ଧୁକ ଓ ଗୁଳି ଜବତ

ଅନୁମାନ କରାଯାଇଥିଲା। ଏହାର ତଦନ୍ତ କରି ବନ ବିଭାଗ ରବିବାର ରାତିରେ ବାଣିଆପଲ୍ଲୀ ଗାଁରେ ଚଢ଼ଉ କରି ଅଭିଯୁକ୍ତ ଉମାକାନ୍ତକୁ ଗିରଫ କରିଥିଲେ। ଏହି ଚଢ଼ଉରେ ଫରେଷ୍ଟର୍ ଟୁନା ମଳିକ, ବବୁଲ କୁମାର ସେଠୀ, ଅନୁପ କୁମାର ବିଷୋୟୀ ଓ ରାଜେନ୍ଦ୍ର ଦଳେଇଙ୍କ ସମେତ ବହୁ ଗଜସାଥୀ ସାମିଲ ଥିଲେ। ଆଜି ମୁଜାଗଡ଼ ରେଞ୍ଜ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସିଏଫ୍ ବିବେକ ଦାଶ, ବିମଳ ପ୍ରଧାନ ଓ ରେଞ୍ଜର୍ ବିମ୍ବାଧର ସାହୁ ଉପସ୍ଥିତ ଥିଲେ।

## ଆଜିଠୁ କମିବ ତାପମାତ୍ରା

ଭୁବନେଶ୍ୱର, ୩।୧୧(ସମିସ): ଆସନ୍ତା ଦୁଇ ଦିନ ଭିତରେ ରାଜ୍ୟର ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ଫଳରେ ଥଣ୍ଡା ବଢ଼ିବ। ବିଶେଷକରି, ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ ଥଣ୍ଡାର ପ୍ରଭାବ ଅଧିକ ରହିବ। ବର୍ତ୍ତମାନ ଅଧିକାଂଶ ଅଞ୍ଚଳରେ ରାତି ତାପମାତ୍ରା ହାରାହାରି ୨୦ ଡିଗ୍ରୀ ମଧ୍ୟରେ ରହୁଛି। ଗତ ୨୪ ଘଣ୍ଟାରେ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୬ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୮ ଡିଗ୍ରୀ, ଫୁଲବାଣୀରେ ୧୮ ଡିଗ୍ରୀ, ଅନୁଗୁଳ ଓ ଭଦ୍ରକରେ ତାପମାତ୍ରା ୧୯ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଛି। ଅନ୍ୟପଟେ ମ୍ୟାଁମାର ଉପକୂଳରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟକୁ ଉତ୍ତରା ଶୁଷ୍କ ପବନ ଆସିବାରେ ମଧ୍ୟ ସ୍ଥିତି ସହାୟକ ହେଉଛି। ତେଣୁ, ରାଜ୍ୟକୁ ଉତ୍ତରା-ପଶ୍ଚିମ ଶୁଷ୍କ ଥଣ୍ଡା ବାୟୁ ପଶିବା ଯୋଗୁଁ ରାତିର ତାପମାତ୍ରା ହ୍ରାସ ହେବାରେ ଲାଗିଛି। ମ୍ୟାଁମାର୍ ଉପକୂଳରେ ଥିବା ଏହି ଲଘୁଚାପର କୌଣସି ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ। ଏହା ବାଂଲାଦେଶ ମୁହାଁ ହେବାର ସମ୍ଭାବନା ରହିଛି। ତେଣୁ ରାଜ୍ୟରେ ଆସନ୍ତା ୭ଦିନ ମଧ୍ୟରେ କାଁ ଭାଁ ଅଞ୍ଚଳକୁ ଛାଡ଼ିଦେଲେ ବାକି ସବୁ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବାର ସମ୍ଭାବନା ରହିଛି।

## ଛାତ୍ରାବାସରେ ପଶି ଅନ୍ତେବାସୀଙ୍କ ସହ ଅପ୍ରାକୃତିକ ଯୌନ ସଂପର୍କ

ବାରିପଦା, ୩।୧୧(ସମିସ): ଆଦିବାସୀ ଛାତ୍ରାବାସରେ ପଶି ଛାତ୍ରଙ୍କ ସହ ଅପ୍ରାକୃତିକ ଯୌନ ସଂପର୍କ। ଜଣେ କି ୨ଜଣ ନୁହେଁ, ୯ ଜଣ ଆଦିବାସୀ ଛାତ୍ରଙ୍କ ସହ ଏପରି କୁକର୍ମ କରିଥିବା ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ବାରିପଦା ସଦର ଥାନା ପୁଲିସ ଗିରଫ କରିଛି। ସେ ହେଲେ, ଶ୍ୟାମାଖୁଣ୍ଟା ବ୍ଲକ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସେନାପତି। ହରିଶ୍ଚନ୍ଦ୍ରପୁରସ୍ଥିତ ଭଞ୍ଜଭୂମି ସଂସ୍କୃତ ବିଦ୍ୟାଳୟର ଆଦିବାସୀ ଛାତ୍ରାବାସରେ ଏହି

### ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

ଲଜ୍ଜାଜନକ ଘଟଣା ଘଟିଛି। ଏ ସଂପର୍କରେ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ସେବତୀ ମହାନ୍ତଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଭଞ୍ଜଭୂମି ସଂସ୍କୃତ ବିଦ୍ୟାଳୟର ଏକ ଶୌଚାଳୟ ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ ଯନ୍ତ୍ରୀ ଶ୍ରୀ ସେନାପତି ରବିବାର ଆସି ଅନ୍ତେବାସୀଙ୍କୁ ନାନା ଧମକଚମକ ଦେଇଥିଲେ। ସେହିଦିନ ସନ୍ଧ୍ୟା ସାଢ଼େ ୭ଟାରେ ପୁଣି ଯନ୍ତ୍ରୀଜଣକ ଛାତ୍ରାବାସକୁ ଆସି ଅନ୍ତେବାସୀଙ୍କ ସହ ମିଶି ଯାଇଥିଲେ। ପରେ କଥାବାର୍ତ୍ତା କରି ୯ଜଣ ନାବାଳକଙ୍କୁ ଅଫିସ କୋଠରିକୁ ନେଇ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ଏ ସମ୍ପର୍କରେ କାହାକୁ ଜଣାଇଲେ ସ୍କୁଲ ବନ୍ଦ କରିଦେବା ସହ ଜୀବନରୁ ମାରିଦେବାର ଧମକଚମକ ଦେଇଥିଲେ। ଏପରିକି, ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ନାଲିଆଖି ଦେଖାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣା ପଦାକୁ ଆସିବା ପରେ ଅଭିଭାବକମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବାରିପଦା ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ କହିଛନ୍ତି, ଅଭିଯୋଗ କରିଥିବା ପ୍ରଧାନ ପଣ୍ଡିତ, ଛାତ୍ର, ବିଡିଓ ଓ ସଂପୃକ୍ତ ଯନ୍ତ୍ରୀଙ୍କୁ ପଚରାଉଚରା କରାଯିବା ସହ ସହ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

## ବାଘଛାଲ କାରବାରରେ ଆଇଏଏସ୍ ପୁଅ

ଭୁବନେଶ୍ୱର, ୩।୧୧(ସମିସ): କମିସନରେଟ୍ ପୁଲିସର ସ୍ୱତନ୍ତ୍ର ଅପରାଧ ଶାଖା (ଏସସିୟୁ) ଆଜି ଭୁବନେଶ୍ୱରରେ ଏକ ବାଘଛାଲ ରାକେଟ୍‌ର ପର୍ଦ୍ଦାଫାସ୍ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଡୁମୁଡୁମା ପଞ୍ଚସଖାନଗରର ରୋହିତ ମହାପାତ୍ର(୨୬),

- ଗ୍ରାହକ ବେଶରେ ମାଡ଼ି ବସିଲା ପୁଲିସ
- ମାଷ୍ଟରମାଇଣ୍ଡ ସମେତ ୩ ଗିରଫ
- ୩୦ ଲକ୍ଷରେ ହୋଇଥିଲା ଡିଲ୍
- କର୍ଣ୍ଣାଟକରୁ ଦିଲ୍ଲୀ ଯାଏଁ ଲମ୍ବିଛି ଚେର



ଭଞ୍ଜନଗରର ମନଜିତ୍ ସାବତ(୨୧) ଓ ଗଣ୍ଡମୁଣ୍ଡା ଅଞ୍ଚଳର ଶମ୍ଭୁ ବିଷୋୟୀ (୨୩)। ରୋହିତ ଏହାର ମାଷ୍ଟରମାଇଣ୍ଡ ବୋଲି ପୁଲିସ କହିଛି। ତେବେ ରୋହିତ କେନ୍ଦ୍ରରେ କାର୍ଯ୍ୟରତ ଜଣେ ଆଇଏଏସ୍ ଅଧିକାରୀଙ୍କ ପୁଅ ବୋଲି ପୁଲିସକୁ କହିଛି। ଏ ସଂପର୍କରେ ପୁଲିସ ଯାଞ୍ଚ ଚଳାଇଛି।

ପୁଲିସ ସୂଚନାନୁସାରେ, ଦୁଇ ତିନିଜଣ ବେପାରୀ ରାଜଧାନୀରେ ବାଘଛାଲ ଡିଲ୍ କରୁଥିବା ନେଇ ଏସ୍‌ସିୟୁକୁ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ତେଣୁ ସେମାନଙ୍କୁ ଧରିବା ପାଇଁ ଏସସିୟୁର ଟିମ୍ ଗ୍ରାହକ ବେଶ ଧାରଣ କରିଥିଲା। ଡିସିପି ଅନୁପ କାନୁନଗୋଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ ବେପାରୀଙ୍କ କହିବା ଅନୁସାରେ ହୋଟେଲ ମେ' ଫେୟାର ନିକଟକୁ ଯାଇଥିଲା। ଅଭିଯୁକ୍ତମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ସାଙ୍ଗରେ ୫ଲକ୍ଷ ଟଙ୍କା ନେଇଥିଲେ। ମନଜିତ୍ ଓ ଶମ୍ଭୁ ସେଠାକୁ ଡିଲ୍ ପାଇଁ ଆସିଥିଲେ ହେଁ ସାଙ୍ଗରେ ବାଘଛାଲ ଆଣିନଥିଲେ। କିନ୍ତୁ ଆଖି ଆଗରେ ୫ଲକ୍ଷ ଟଙ୍କା ଦେଖି ଦୁଇଜଣଯାକ ଲୋଭରେ ପଡ଼ି ପୁଲିସ ଜାଲରେ ଛନ୍ଦି ହୋଇଯାଇଥିଲେ। ଛଦ୍ମବେଶୀ ପୁଲିସ ଟିମ୍‌କୁ ଅପେକ୍ଷା କରିବାକୁ କହି ଦୁହେଁ ସେଠାରୁ ପଳାଇଥିଲେ ଏବଂ କିଛି ସମୟ ପରେ ଏକ କଲରାପତରିଆ ବାଘଛାଲ ଧରି ଫେରିଥିଲେ। ଏହା ଦେଖି ପୁଲିସ ଟିମ୍ ଦୁହିଁଙ୍କୁ କାବୁ କରିବା ସହ କିଛି ଦୂରରେ ଥିବା ମାଷ୍ଟରମାଇଣ୍ଡ ରୋହିତକୁ ଧରିଥିଲା।

ଏହି ବାଘଛାଲ ଜବତ ହେବା ପରେ କର୍ଣ୍ଣାଟକ ଓ ଦିଲ୍ଲୀ ଲିଙ୍କ୍ ପଦାକୁ ଆସିଛି। ବାଘଟିର ବୟସ ୮/୯ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଏହା କର୍ଣ୍ଣାଟକରୁ ଆସିଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଛି। ରାଉରକେଲାର ଜଣେ ବ୍ୟକ୍ତି ଏହାକୁ କର୍ଣ୍ଣାଟକରୁ ଓଡ଼ିଶା ଆଣିଥିଲା। ତା'ଠାରୁ ମନଜିତ୍ ଓ ଶମ୍ଭୁ ଆଣି ରୋହିତକୁ ଦେଇଥିଲେ।

ରୋହିତର ବାପା ଜଣେ ଆଇଏଏସ୍ ଅଧିକାରୀ ଓ ସେ କେନ୍ଦ୍ରରେ କାର୍ଯ୍ୟରତ ବୋଲି ସେ ପୁଲିସକୁ କହିଛି। ଏପରିକି, ତା' ପରିବାର ଦିଲ୍ଲୀରେ ରହୁଛନ୍ତି ବୋଲି ସେ କହିଛି। ରୋହିତ ଭୁବନେଶ୍ୱରରେ ରହୁଥିବା ବେଳେ ଅନେକ ସମୟ ଦିଲ୍ଲୀ ଯିବା ଆସିବା କରେ। ଦିଲ୍ଲୀର ଜଣେ ବ୍ୟବସାୟୀ ବାଘଛାଲ ବରାଦ କରିବାରୁ ରୋହିତ ଛାଲ ଯୋଗାଡ଼ କରିଥିଲା। ମୋଟ ୩୦ ଲକ୍ଷ ଟଙ୍କାରେ ଡିଲ୍ ହୋଇଥିଲା। ଦିଲ୍ଲୀରେ ପହଞ୍ଚାଇବା ପରେ ରୋହିତକୁ ୫ଲକ୍ଷ ଟଙ୍କା କମିସନ ମିଳିଥାନ୍ତା। କିନ୍ତୁ କୌଣସି କାରଣରୁ ଦିଲ୍ଲୀ ଡିଲ୍ ବିଳମ୍ବ ହେବାରୁ ରୋହିତ ବାଘଛାଲ ଧରି ଭୁବନେଶ୍ୱରରେ ଥିଲା। ଏହାରି ଭିତରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଗ୍ରାହକ ବେଶରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତେବେ କାରବାରରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ସେନେଇ ଖୋଳତାଡ଼ ଜାରି ରଖିଛି ପୁଲିସ। ଆବଶ୍ୟକ ପଡ଼ିଲେ, ରୋହିତକୁ ରିମାଣ୍ଡରେ ଅଣାଯିବ ବୋଲି ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ପାଟଣା ରେଞ୍ଜରେ ବୁଲୁଛି ବାଘ

କେନ୍ଦୁଝର/ଡୁରୁମୁଙ୍ଗା, ୩।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ବିଟ୍ ଅନ୍ତର୍ଗତ କେନ୍ଦୁଝର-ମୟୂରଭଞ୍ଜ ସୀମାର ଗୋପୀନାଥପୁରଠାରେ ଏକ ବାଘର ପାଦଚିହ୍ନ ଠାବ ହୋଇଛି। ଦୁଇ ଦିନ ତଳେ ୧୨ ସେଣ୍ଟିମିଟର୍ ବିଶିଷ୍ଟ ଏକ ବାଘ ପାଦଚିହ୍ନ ଠାବ ହେବା ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏପରିକି, କିଛି ସ୍ଥାନୀୟ

- ପାଦଚିହ୍ନ ଠାବ ପରେ ଆତଙ୍କ
- ବନ ବିଭାଗ ଲଗାଇଲା ୩୫ ଟ୍ରାପ୍ କ୍ୟାମେରା



ଲୋକ ବାଘକୁ ଦେଖିଥିବା ମଧ୍ୟ କହିଛନ୍ତି। ଫଳରେ ସନ୍ଧ୍ୟା ହେଲେ ତାଟିକବାଟ ପଡ଼ିଯାଉଛି। ଏପରି ସ୍ଥିତିରେ ବାଘକୁ ଧରିବା ପାଇଁ ବନ ବିଭାଗ ତନାଘନା ଆରମ୍ଭ କରିଦେଇଛି। ଅଟେଇ ସଂରକ୍ଷିତ ଜଙ୍ଗଲରେ ୩୫ଟି ଟ୍ରାପ୍ କ୍ୟାମେରା ଲଗାଯାଇଥିବା କେନ୍ଦୁଝର ଡିଏଫ୍‌ଓ ଏଚ୍.ଡି ଧନରାଜ ସୂଚନା ଦେଇଛନ୍ତି। ତେବେ ୨ଦିନ ମଧ୍ୟରେ ଏଯାଏଁ ଏଠାରେ ବାଘ ଦେଖାଯାଇ ନଥିବା ମଧ୍ୟ ସେ କହିଛନ୍ତି।

ଏହି ଅଞ୍ଚଳ ଏକ ବ୍ୟାଘ୍ର କରିଡର୍ ହୋଇଥିବାରୁ ସମୟ ସମୟରେ ଶିମିଳିପାଳରୁ ଅଟେଇ ଜଙ୍ଗଲକୁ ବାଘ ଆସି ପୁନର୍ବାର ଫେରି ଯାଇଥାନ୍ତି। ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବାଘ ପାଇଁ ଅଧିକ ତୃଣଭୋଜି ବନ୍ୟପ୍ରାଣୀ ରହିଥିବାରୁ ବାଘ ଏଠାକୁ ଆସିଥା'ନ୍ତି। ୨୦-୨୨ ମାସର ଏକ ବାଘ ଶିମିଳିପାଳରୁ ବାହାରି ବ୍ୟାଘ୍ର କରିଡର୍ ମଧ୍ୟରେ ଚଳପ୍ରଚଳ କରୁଥିବା ବନଖଣ୍ଡ ଅଧିକାରୀ କହିଛନ୍ତି। ବ୍ୟାଘ୍ର କରିଡର୍ ଶିମିଳିପାଳରୁ ଆରମ୍ଭ ହୋଇ ଠାକୁରମୁଣ୍ଡା, ଆନନ୍ଦପୁର, ସନ୍ତୋଷପୁର ସଂରକ୍ଷିତ ଜଙ୍ଗଲ, ଅଟେଇ ସଂରକ୍ଷିତ ଜଙ୍ଗଲ ଦେଇ ରେବଣା ଓ ସାତକୋଶିଆ ଯାଏ ଲମ୍ବିଛି। ସମୟ ବ୍ୟବଧାନରେ ଏହି କରିଡର୍ ଦେଇ ଅଟେଇ ଜଙ୍ଗଲକୁ ବାଘ ଆସି ପୁନର୍ବାର ଫେରି ଯାଉଥିବା ସେ କହିଛନ୍ତି। କେନ୍ଦୁଝର ଜିଲ୍ଲାର ଘଞ୍ଚ ଅଟେଇ ଜଙ୍ଗଲକୁ ବାଘ ଆସିବା ଏକ ଶୁଭ ସଙ୍କେତ ବୋଲି କହିବା ସହ ଏଥିପାଇଁ ବନବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଡିଏଫଓ ଧନରାଜ କହିଛନ୍ତି।

ଅପରପକ୍ଷେ, ଲୋକଙ୍କ ଧନଜୀବନ ପ୍ରତି ବିପଦ ଥିବାରୁ ଆଖପାଖ ଅଞ୍ଚଳରେ ବନ ବିଭାଗ ଲୋକଙ୍କୁ ସତର୍କ କରାଇଛି। ଜଙ୍ଗଲ ଭିତରକୁ ନିଜେ ନ ଯିବା ସହ ଗୃହପାଳିତ ପଶୁଙ୍କୁ ମଧ୍ୟ ନ ଛାଡ଼ିବାକୁ ଗାଁ ଗାଁରେ ସଚେତନ କରାଯାଉଛି।

## ଜିଲ୍ଲାପାଳଙ୍କ ଡମ୍ବରୁଗଡ଼ ଇକୋ ଟୁରିଜିମ ପରିଦର୍ଶନ



**ବୌଦ୍ଧ,୩।୧୧(ସମିସ):** ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ବୌଦ୍ଧ ବ୍ଲକ୍ ତାଳଶରଡା ପଞ୍ଚାୟତ ଡମ୍ବରୁଗଡ ଇକୋ ଟୁରିଜିମ ପାର୍କ ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ନାୟକ ବନ ବିଭାଗ ଦ୍ୱାରା ପରିଚାଳିତ ଡମ୍ବରୁଗଡ ପାର୍କ ପରିଦର୍ଶନ କରି ଏହାର ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକା ଓ ଅର୍ଥନୈତିକ ବିକାଶ ଉପରେ କେଉଁ ପ୍ରକାର ପ୍ରଭାବ ପକାଇଛି ଓ ଆଗକୁ ବିଭାଗର କ'ଣ ଲକ୍ଷ୍ୟ ରହିଛି ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ସେ ବୌଦ୍ଧଠାରୁ ମସିଣାପଡା ପର୍ଯ୍ୟନ୍ତ ୫୭ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଥିବା ଦୁର୍ଘଟଣାପ୍ରବଣ ଅଞ୍ଚଳରେ ସୂଚନା ଫଳକ ଲଗାଇବା ଓ ଖାଲଖମା ମରାମତି କରିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଭୋଜି କରିବାକୁ ଯାଇ ଯୁବକ ନିଖୋଜ

**ବଲାଙ୍ଗିର,୩।୧୧(ସମିସ)**



- ସୁକତେଲ ପାଣିରେ ଭାସିଯାଇ ଫାଇନାନ୍ସ କର୍ମଚାରୀଙ୍କ ମୃତ୍ୟୁ ସନ୍ଦେହ
- ପୁଲିସ ଓ ଅଗ୍ନିଶମ ବିଭାଗର ଖୋଜାଖୋଜି
- ମୃତ ଯୁବକ ଜଣକ କଟକ ଜିଲ୍ଲା କିଶନନଗର ଥାନା ଦୁଲୁପୁରର ପ୍ରିୟେଶ ମଲ୍ଲିକ

ବଲାଙ୍ଗିର ଜିଲ୍ଲା ସଦର ଥାନା ଅଧୀନ ଲୋୟର ସୁକତେଲ ପ୍ରକଳ୍ପରେ ବଡ ଅଘଟଣ ସାମ୍ନାକୁ ଆସିଛି। ଭୋଜି କରିବାକୁ ଯାଇଥିବା ଜଣେ ଫାଇନାନ୍ସ କମ୍ପାନୀ କର୍ମଚାରୀ ଦୁଇ ଦିନ ହେଲା ନିଖୋଜ ଥିବା ଜଣାପଡିଛି। ତେବେ ନିଖୋଜ ଯୁବକ ଜଣକ ହେଲେ କଟକ ଜିଲ୍ଲା କିଶନନଗର ଥାନା ଦୁଲୁପୁରର ପ୍ରିୟେଶ ମଲ୍ଲିକ ବୋଲି ଜଣାପଡିଛି। ରବିବାର ଏହି କମ୍ପାନୀ କର୍ମଚାରୀମାନେ ପ୍ରକଳ୍ପକୁ ଭୋଜି କରିବାକୁ ଯାଇଥିବା ବେଳେ ସେହିଠାରୁ ହିଁ ଯୁବକ ଜଣକ ନିଖୋଜ ରହିଛନ୍ତି। ପାଣିରେ ବୁଡି ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ ଓ ଅଗ୍ନିଶମ ବିଭାଗ ଟିମ୍ ତାଙ୍କୁ ଖୋଜାଖୋଜି କରୁଛି। ସୋମବାର ସୁଦ୍ଧା ତାଙ୍କର କିଛି ସୂଚନା ମିଳି ନ ଥିବା ଜଣାପଡିଛି।

ରବିବାର ଏକ ଘରୋଇ ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ଲୋୟର ସୁକତେଲକୁ ଭୋଜି କରିବାକୁ ଯାଇଥିଲେ। ପ୍ରାୟ ୧୫ ଜଣ କର୍ମଚାରୀ ଏହି ଭୋଜିରେ ସାମିଲ ହୋଇଥିବା ବେଳେ ପ୍ରକଳ୍ପକୁ ଗାଧୋଇବାକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୪.୩୦ ସମୟରେ ସହକର୍ମୀ ପ୍ରିୟେଶ ନିଖୋଜ ଥିବା ଜାଣିବାକୁ ପାଇଥିଲେ। ସବୁଆଡେ ଖୋଜାଖୋଜି କରିବା ପରେ ତାଙ୍କୁ ନ ପାଇବାରୁ ସଦର ଥାନାକୁ ଖବର ଦେଇଥିଲେ। ଏନେଇ କମ୍ପାନୀ ମ୍ୟାନେଜର ସାଗର ବିଶ୍ୱାଲ ଥାନାରେ ଅଭିଯୋଗ କରିବା ପରେ ଅଗ୍ନିଶମ ବିଭାଗ ଟିମ୍ ପହଞ୍ଚି ରବିବାର ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲା। ସୋମବାର ମଧ୍ୟ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିବା ଜଣାପଡିଛି। ତେବେ ତାଙ୍କର ପାଣିରେ ଭାସିଯିବା ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଲୋୟର ସୁକତେଲ ପ୍ରକଳ୍ପ ହେବା ପରେ ଏହି ଅଞ୍ଚଳକୁ ବହୁ ଲୋକ ଭୋଜି କରିବାକୁ ଆସୁଛନ୍ତି। ଗତ ଦୁଇ ବର୍ଷ ହେଲା ଏହି ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବର୍ତ୍ତମାନ ଆହୁରି ଭିଡ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରକଳ୍ପ ପାଣିରେ ଏହିଭଳି ଅଘଟଣ ବଢିବାର ମଧ୍ୟ ସମ୍ଭାବନା ରହିଛି। ତେଣୁ ପୁଲିସ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ଜରୁରି ହୋଇ ପଡିଛି।

## ଅବସରପ୍ରାପ୍ତ ଅଧ୍ୟାପକ ବସନ୍ତ ମନହିରାଙ୍କୁ ସମ୍ବର୍ଦ୍ଧନା



**ତରଭା,୩।୧୧(ସମିସ):** ତରଭା ବ୍ଲକ ବଡଭଇଁରୋ ନିବାସୀ ତଥା ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବସନ୍ତ ମନହୀରାଙ୍କୁ ନାଗରିକ ସମ୍ବର୍ଦ୍ଧନାଜ୍ଞାପନ କରାଯାଇଛି। ବଡ଼ଭଇଁରୋ ପଞ୍ଚାୟତବାସୀ ଓ ଯାଦବ ସମାଜର ମିଳିତ ସହଯୋଗରେ ବଡ଼ଭଇଁରୋ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ସତ୍ୟଭାମା ଦଳବେହେରା ଅଧ୍ୟକ୍ଷତା କରିଥିଲେ। ଏ ଥିରେ ପୂର୍ବତନ ସରପଞ୍ଚ ଶିବପ୍ରସାଦ କୁଅଁର, ଶିବତୁଲାର ପୂର୍ବତନ ସରପଞ୍ଚ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ନିଆଲି, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ନାଏକ, ବଡବଡଭଇଁରୋ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମିଶ୍ର, ଜରାସିଂହା କଲେଜ ଅଧ୍ୟକ୍ଷ ଧ୍ରୁବେଇ ପଟେଲ, କୁନ୍ତରା କଲେଜ ଅଧ୍ୟକ୍ଷ ରଞ୍ଜନ ପାଣିଗ୍ରାହୀ ଓ ଜନାର୍ଦ୍ଦନ ଘିବେଲା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶ୍ରୀ ମନହୀରାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବଡଭଇଁରୋ ପଞ୍ଚାୟତବାସୀଙ୍କ ତରଫରୁ ଶ୍ରୀ ମନହୀରାଙ୍କୁ ଏକ ଭବ୍ୟ ଶୋଭାଯାତ୍ରାରେ ସଭାସ୍ଥଳକୁ ଅଣାଯାଇଥିଲା। ବାଟରେ ହାଇସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସମ୍ପତି ଘିବେଲା ଓ ନୀଳକଣ୍ଠ ବଗର୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତିବିଶେଷ ଓ ଯାଦବ ସମାଜ ପକ୍ଷରୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନୀଳକଣ୍ଠ ବଗର୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଯାଦବ ସମାଜ ତରଭା ବ୍ଲକର ସଭାପତି ଭାବେ ୧୯୯୦ରୁ ଦାୟିତ୍ୱ ତୁଲାଇ ଆସୁଥିବା ବସନ୍ତ ମନହୀରା ଯାଦବ ସମାଜର ସଂସ୍କାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରସାର, ନିରକ୍ଷରତା ଦୂରୀକରଣ, ସମାଜ ସେବା, ବୃକ୍ଷ ରୋପଣ, ପୌଢ ଶିକ୍ଷାର ପ୍ରସାର ଦିଗରେ ଅନେକ କାର୍ଯ୍ୟ କରିଛନ୍ତି। ତାଙ୍କର ପ୍ରଚେଷ୍ଟାରେ ବଡ଼ଭଇଁରୋ ହାଇସ୍କୁଲ ସ୍ଥାପନ ସମ୍ଭବ ହୋଇଥିଲା। ଏହି ସ୍କୁଲର ସମ୍ପାଦକ ଓ ସଭାପତି ଦାୟିତ୍ୱ ତୁଲାଇବା ସହ ବିନା ପାରିଶ୍ରମିକରେ ଶିକ୍ଷାଦାନ କରିଥିଲେ। ଯୁବକମାନଙ୍କୁ ସମାଜସେବା ପାଇଁ ଆକୃଷ୍ଟ କରିବା ପାଇଁ ବଡଭଇଁରୋରେ ଦିବ୍ୟଜ୍ୟୋତି କ୍ଲବ୍ ପ୍ରତିଷ୍ଠା କରି ଅନେକ ଜନହିତ କାର୍ଯ୍ୟ ସମ୍ପାଦନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୧୯୯୧ରେ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଣିଜ୍ୟ ବିଭାଗର ଅଧ୍ୟାପକ ଭାବେ ଯୋଗଦେଇ ଅଧ୍ୟକ୍ଷ ପଦବୀରେ ଅବସର ଗ୍ରହଣ କରିଥିଲେ।

## ଆଇନ ବିଭାଗ ପ୍ରମୁଖ ସଚିବଙ୍କୁ ସମ୍ବର୍ଦ୍ଧନା



**ବଲାଙ୍ଗିର,୩।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଦୌରା ଜଜ୍ ପବିତ୍ର ମୋହନ ସାମଲଙ୍କ ଆଇନ ବିଭାଗ ପ୍ରମୁଖ ସଚିବ ଭାବେ ପଦୋନ୍ନତି ହୋଇଛି। ବଲାଙ୍ଗିରରେ ଏହାକୁ ନେଇ ଆନନ୍ଦର ଲହରି ଖେଳି ଯାଇଛି। ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟରେ ଶ୍ରୀ ସାମଲଙ୍କୁ ଭେଟି ତାଙ୍କର ଉତ୍ତୋରତର କାମନା କରି ଶୁଭେଚ୍ଛା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଦ୍ୟୁତଲତା ଖମାରୀ, ସୁନିତା ବାଗ, ଯୁବରାଜ ଜାଲ, ବିନୟ ନନ୍ଦ, ଶ୍ରୀୟାକାନ୍ତ ନାଏକ, ଜୟକୃଷ୍ଣ ମିଶ୍ର ଏବଂ ସାମସନ୍ ମିସାଲ ପ୍ରମୁଖ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଶ୍ରୀ ସାମଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜହ୍ନାପଙ୍କ, ବୀରମହାରାଜପୁର ଅଞ୍ଚଳରେ କଳାସୀ ଯାତ୍ରା

**ବୌଦ୍ଧ,୩।୧୧(ସମିସ):** ବୌଦ୍ଧ ବ୍ଲକ୍ ଅଧୀନ ଚନ୍ଦ୍ରପୁର, ଜଗତି, ତେଲିବନ୍ଧ, ବଡ଼ ଖଲିଗାଁ, ଖମାରିପଡା, ଗିରାସିଙ୍ଗା ଆଦି ଗ୍ରାମରେ ଧୁମ୍‌ଧାମରେ କୈଳାସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଅଞ୍ଚଳ ଚଳ ଚଞ୍ଚଳ ହୋଇଛି। ଯାତ୍ରା ପାଇଁ ଗାଁର ଝିଅମାନେ ଘରକୁ ଫେରିଥାନ୍ତି। ଯିଏ ଯେଉଁଠି ଥିଲେ ମଧ୍ୟ ଯାତ୍ରା ଦିନ ଗାଁକୁ ଫେରିଥାନ୍ତି। ଏଥିପାଇଁ ସପ୍ତାହେ ପୂର୍ବରୁ ସମସ୍ତେ ଘର ଦ୍ୱାର ଲିପାପୋଛା କରିଥାନ୍ତି। ଏପରି କି ଗାଁ ଗୁଡି ଓ ପୂଜା କୋଠି ନୂଆଁ ରଙ୍ଗ କରିଥାନ୍ତି। କୈଳାସୀ ଦିନ ଛୋଟରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନୂଆଁ ବସ୍ତ୍ର ପରିଧାନ କରିଥାନ୍ତି। ଘରେ ନାନା ପ୍ରକାର ପିଠା ତିଆରି କରି ଅତିଥି ଚର୍ଚ୍ଚା କରିଥାନ୍ତି। ଏହି ଯାତ୍ରା ଦଶମୀ ତିଥି ରାତିରେ ଗାଁର ଇଷ୍ଟ ଦେବୀଙ୍କ ଠାରୁ ଢୋଲ, ନିଶାନ ବାଜା ବଜାଇ ବରୁଆଙ୍କ ସହିତ ନିକଟସ୍ଥ ଶିବ ମନ୍ଦିରକୁ ଯାଇଥାନ୍ତି। ସେଠାରେ ନୀତିକାନ୍ତି ଭାବରେ ପୂଜାର୍ଚ୍ଚନା କରି ଶିବଙ୍କ ପାଦୁକା ନେଇ ଗ୍ରାମର ଶକ୍ତି ପୀଠକୁ ଫେରିଥାନ୍ତି। ଏକାଦଶୀ ଦିନ ପୂର୍ବାହ୍ନରେ ଗାଁ ପୂଜାରୀ ଓ ଦେହୁରୀ ଇଷ୍ଟ ଦେବୀ ଓ ଗ୍ରାମ ଦେବତୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଅପରାହ୍ନରେ ଛତି ଛତ୍ର ବାନା ଧରି ଗ୍ରାମ ପରିକ୍ରମା କରିଥାନ୍ତି। ଏହା ପରେ କଳସୀ କୁଠିରେ ଦେବୀ ସ୍ଥାପନ କରନ୍ତି। ଏହି ସମୟରେ ଢୋଲ, ନିଶାଣ, ମହୁରୀ ବାଦ୍ୟରେ ଅଞ୍ଚଳ କମ୍ପି ଉଠେ। ଏହା ପରେ ପୂଜାର୍ଚ୍ଚନା କରି ବରୁଆମାନେ କଣ୍ଟା ଦୋଳିରେ ଦୋଳନ୍ତି। ବରୁଆଙ୍କ ଦେହରେ ଦେବି ସବାର ହୋଇଥିବାରୁ ଏହି କଣ୍ଟା ତାଙ୍କ ଦେହରେ କିଛି ପ୍ରଭାବ ପକାଇ ନ ଥାଏ। ଭକ୍ତମାନେ ହାତ ଯୋଡି ମନସ୍କାମନା ପୂର୍ଣ୍ଣ ପାଇଁ ଆଶିଷ ମାଗିଥାନ୍ତି। ଦୋଳି ସରିଲା ପରେ କୈଳାସୀ ଯାତ୍ରା ଏକ ପ୍ରକାର ଶେଷ ହୋଇଥାଏ। ତେବେ ଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଭିନ୍ନ ଗ୍ରାମରେ ନାଟକ ପରିବେଷଣ କରାଯାଉଛି।



**ବୀରମହାରାଜପୁର:** ବୀରମହାରାଜପୁର ଅଞ୍ଚଳର ପୁରପଲ୍ଲୀରେ କଳାସୀ ଯାତ୍ରା ପାଳିତ ହୋଇଛି। ବୀରମହାରାଜପୁର ବ୍ଲକର ଚମ୍ପାମାଳ, ଝାରକୁମୁଣ୍ଡା, କମଳପୁର ଉଫୁଲା, ଲଡୁରପେଟ, ବାଗବର, ତେନ୍ତୁଳିମହଦା, ସୁନାରିବେର୍ଣ୍ଣି ପ୍ରଭୃତି ଗ୍ରାମରେ କଳାସୀ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଦେଉଳଭରା ଏବଂ ଦେବୀ କଳାସୀଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥିଲା। କଳାସୀ ମନ୍ଦିରରେ ପୂଜାର୍ଚ୍ଚନା ପରେ, ଢୋଲ ନିଶାନ, ଘଣ୍ଟବାଦ୍ୟ, ଛତିଛତ୍ର ଏବଂ ଖଟୁଲିରେ ଦେବୀଙ୍କୁ ଧରି ଯାଇଥିଲେ। ବରୁଆଙ୍କ ଦେହରେ ଦେବୀଙ୍କୁ ଧାରଣ କରି, ଦହନା ମାଳ ଏବଂ ବେତବାଡ଼ି ଧରି ହନୁ ନାଚିନାଚି ସ୍ନାନଯାତ୍ରାକୁ ଯାଉଥିବା ଦେଖିବାକୁ ମିଳିଥିଲା।

## ୩୦ଜଣଙ୍କୁ ଶ୍ରମକାର୍ଡ ବଣ୍ଟନ

**ବୌଦ୍ଧ,୩।୧୧(ସମିସ):** ତେତେଲେଙ୍ଗା ଗ୍ରାମରେ ୩୦ଜଣଙ୍କୁ ଶ୍ରମିକଙ୍କୁ ବୌଦ୍ଧ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶ୍ରମ କାର୍ଡ ବଣ୍ଟନ କରାଯାଇଛି। ଶ୍ରମ ଅଧିକାରୀ କନ୍ୟାକୁମାରୀ ସାହୁ କାର୍ଯ୍ୟସ୍ଥଳରେ ଏହି ଶ୍ରମିକମାନଙ୍କୁ ଏହା ବଣ୍ଟନ କରିଛନ୍ତି। ସେ ନିର୍ମାଣଧୀନ ବିଭିନ୍ନ କୋଠାବାଡି ପରିଦର୍ଶନ କରିଥିଲେ। ଶ୍ରମିକମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କିପରି କାର୍ଯ୍ୟସ୍ଥଳରେ ସେମାନେ ସୁରକ୍ଷିତ ଭାବେ କାମ କରିପାରିବେ ସେ ବିଷୟରେ ଧ୍ୟାନ ଦେବା ପାଇଁ ଠିକାଦାର ଓ ମାଲିକମାନଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତ ନିର୍ମାଣ ଶ୍ରମିକ କିପରି ଭାବରେ ଜନକଲ୍ୟାଣ ଯୋଜନାରେ ପଞ୍ଜିକୃତ ହୋଇପାରିବେ ସେ ବିଷୟରେ ଶ୍ରମିକମାନଙ୍କୁ ସୁଶ୍ରୀ ସାହୁ ଅବଗତ କରାଇଥିଲେ। ନିର୍ମାଣ ଶ୍ରମିକମାନେ ପଞ୍ଜିକରଣରୁ ଯେଭଳି ବଞ୍ଚିତ ନ ହୁଅନ୍ତି ସେ ବିଷୟରେ ଶ୍ରମ ଅଧିକାରୀ ସମସ୍ତଙ୍କୁ ସଚେତନ କରିଥିଲେ। ପ୍ରତିବର୍ଷ ୫୦ ଟଙ୍କା ନବୀକରଣ ଫି' ବାନ୍ଧିବାକୁ ଶ୍ରମକଙ୍କୁ କହିଥିଲେ। ଦଲାଲ ବା କୌଣସି ମଧ୍ୟସ୍ଥି ହାବୁଡ଼ରେ ନ ପଡିବା ପାଇଁ ସମସ୍ତ ଶ୍ରମିକଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ଦେଇଥିଲେ।

## ବୌଦ୍ଧ ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ




**ବୌଦ୍ଧ,୩।୧୧(ସମିସ):** ବୌଦ୍ଧ ପୁଲିସ ପକ୍ଷରୁ ଟାଉନ ହଲ୍‌ରେ ସାଇବର ସୁରକ୍ଷା ଅଭିଯାନ ସଭା ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ସୁଦର୍ଶନ ବାଦୀ, ବୌଦ୍ଧ ଆଇସିଆଇସି ଆଇ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ରଂଜିତ ମିଶ୍ର ଯୋଗ ଦେଇ ସାଇବର ସୁରକ୍ଷା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଏଥି ମେଣ୍ଡିମାଲ ଉଚ୍ଚ ବିଦ୍ୟାଳୟ ର ସଂସ୍କୃତ ଶିକ୍ଷକ ପ୍ରମୋଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସଭା ପୂର୍ବରୁ ବୌଦ୍ଧ ଜିଲ୍ଲା ଷ୍ଟାଡିୟମଠାରୁ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ଟାଉନ ହଲରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଉପଖଣ୍ଡ ପୁଲିସ ଅଧିକାରୀ ଲରେନ୍ସ ରାଉତରାୟ, ଉପ ଜିଲ୍ଲାପାଳ ବିନୟ ଭୋଇ, ଅବକାରୀ ଅଧିକ୍ଷକ ଶାନ୍ତି ମାରାଣ୍ଡି, ତହସିଲଦାର ଅନୀତା ସାହୁ, ସାଇବର ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ, ବୌଦ୍ଧ ଆଇଆଇସି ନଳିନୀକାନ୍ତ ଦାସ, ଆଞ୍ଚଳିକ ପରିବହନ ଅଧିକାରୀ ସୁଷମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ପ୍ରମୁଖ ଯୋଗ ଦେଇଥିଲେ। କଳାକାର ସ୍ୱାଧୀନ ପରିଡା ଏବଂ କରୁଣାକର ବଗର୍ତ୍ତୀ ଦାସକାଠିଆ ମାଧ୍ୟମରେ ସଚେତନ କରିଥିଲେ।

## ଗାଧୋଇବାବେଳେ ଗାଁ ପୋଖରିରେ ବୁଡ଼ି ମୃତ୍ୟୁ

**କଣ୍ଟାବାଞ୍ଜି/ତୁରେକେଲା,୩।୧୧ (ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଢୋଲମାଦଲ ଗାଁରେ ଏକ ଅଘଟଣ ଘଟିଛି। ଗାଧୋଇବାବେଳେ ଗାଁ ପୋଖରୀରେ ବୁଡ଼ି କିଲୋର ପୁଟେଲ (୩୮)ଙ୍କ ମୃତ୍ୟୁ ଘଟିଛି। ସୋମବାର ଭୋର୍ ୪ଟାରେ ସେ ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ବୁଡିଯାଇ ତାଙ୍କ ମୃତ୍ୟୁ ଘଟିଛି। ଖବର ପାଇ ଘଟଣା ସ୍ଥଳକୁ ତୁରେକେଲା ପୁଲିସ ପହଞ୍ଚି ଶବ ଜବତ କରି କଣ୍ଟାବାଞ୍ଜି ଡାକ୍ତରଖାନାରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

## ସାଇବର ସୁରକ୍ଷା ସଚେତନତା ରଥକୁ ସ୍ୱାଗତ



**ବୌଦ୍ଧ,୩।୧୧(ସମିସ):** ବୌଦ୍ଧ ଥାନା ଜହ୍ନାପଙ୍କ ଓ ବଘିଆପଡା ଫାଣ୍ଡି ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ ରଥକୁ ସ୍ୱାଗତ କରାଯାଇଛି। ରବି ନାରାୟଣ ହୋତା ପୂଜାର୍ଚ୍ଚନା କରିଥିଲେ। ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ, ଫାଣ୍ଡିର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନ ସାଧାରଣ ସ୍ୱାଗତ କରିଥିଲେ। ଏହା ପରେ ରଥ ଜହ୍ନାପଙ୍କ ଓ ନାରାୟଣନଗର ଗ୍ରାମ ପରିକ୍ରମା କରିଥିଲା। ସେହିପରି ବଘିଆ ପଡାଠାରେ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ, ଫାଣ୍ଡିର ସମସ୍ତ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ରହି ସ୍ୱାଗତ କରିଥିଲେ।

# ବିଭିନ୍ନ ସମସ୍ୟାରେ ଗତି କରୁଛି ବୌଦ୍ଧ ଜିଲ୍ଲା

**ବୌଦ୍ଧ,୩।୧୧(ସମିସ)**

ବୌଦ୍ଧ ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ମାଉସୀ ମାଁ ମନ୍ଦିରଠାରେ ବୌଦ୍ଧ ଜନସାଧାରଣଙ୍କ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନାଗରିକ କମିଟି ସଂପାଦକ ବିଶ୍ୱେଶ୍ୱର ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ ବିକାଶରେ ବାଧକ ଓ ତାହାର ସମାଧାନ ଉପରେ ସୂଚନା ଦିଆଯାଇଥିଲା। ବୌଦ୍ଧ ପୁରୁଣା ଜେଲ୍‌ଠାରେ ୩୦୦ ଶଯ୍ୟା ବିଶିଷ୍ଟ ନୂତନ ମେଡିକାଲ ଦୀର୍ଘ ମାସ ଧରି ଉଦ୍‌ଘାଟନ ଅପେକ୍ଷାରେ ପଡ଼ିରହିଛି। ଏହି କୋଠା ନିର୍ମାଣ ପାଇଁ ୯୫.୮୮.୩୬.୦୬୮ ଟଙ୍କା ବ୍ୟୟ ବରାଦ ଥିଲା। ବର୍ତ୍ତମାନ ଏହି ବ୍ୟୟ ଅଟକଳ ୧୩୮.୫୮.୯୮.୩୪୬ରେ ପହଞ୍ଚିଲାଣି। ତଥାପି ଡାକ୍ତରଖାନା ଉଦ୍‌ଘାଟନ ହୋଇପାରୁନାହିଁ। ଏହି ଜମିରେ ରହିଥିବା କିଛି ତ୍ରୁଟି ପାଇଁ ଏହା ସମ୍ବଲପୁର ଆରଡିସିଙ୍କଠାରେ ଅନୁମୋଦନ ଅପେକ୍ଷାରେ ପଡିରହିଛି। ମେଡିକାଲରେ ଅଗ୍ନିନିରାପତ୍ତା ପାଇଁ ୩୬ ହଜାର ଟଙ୍କା ଚାଲାଣ ଡିପୋଜିଟ ହୋଇଥିଲେ ମଧ୍ୟ ନୂତନ ମେଡିକାଲ କୋଠାର ସ୍ଥାୟୀ ପଟ୍ଟା ନ ଥିବାରୁ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ମିଳି ପାରିନାହିଁ। ସେହିପରି ପର୍ଯ୍ୟଟନ ମାନଚିତ୍ରରେ



ସାମ୍ବାଦିକ ସମ୍ମିଳନୀରେ ଅସନ୍ତୋଷ


ବୌଦ୍ଧ ଜିଲ୍ଲାର ସ୍ଥାନ ଅତି ନଗଣ୍ୟ। ପ୍ରାକୃତିକ ପ୍ରାଚୀନ କୀର୍ତ୍ତିରାଜିରେ ଭରପୁର ବୌଦ୍ଧ ଜିଲ୍ଲାର ସଂଗ୍ରହାଳୟ ମୁରବିହୀନ ଭାବେ ପଡ଼ିରହିଛି। ଜିଲ୍ଲାରେ ପର୍ଯ୍ୟଟନ ଅଧିକାରୀ ନାହାନ୍ତି। ଅନ୍ୟପକ୍ଷେ ହରଭଙ୍ଗା ବ୍ଲକର ବିରନରସିଂହପୁର ନିକଟରେ ନନ୍ଦନବନ ପ୍ରକଳ୍ପ ପାଇଁ ଜିଲ୍ଲା ପରିଷଦ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୨ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଟଙ୍କା ଖର୍ଚ୍ଚ ନ ହୋଇ ପଡିରହିଛି। ବର୍ତ୍ତମାନ କାମ ବନ୍ଦ ରହିଛି।

ଏହି ପ୍ରକଳ୍ପ ହୋଇଥିଲେ ଜିଲ୍ଲାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାନ୍ତା। ସେହିଭଳି ସମ୍ବଲପୁର ଆରଡିସିରେ ସାମିଲ ହୋଇଥିଲେ ମଧ୍ୟ କେବଳ ଜିଲ୍ଲାପାଳ ଓ ଅଧସ୍ତନ ବିଭାଗ ସମ୍ବଲପୁର ଆରଡିସିକୁ ଯାଇଛି।

ବହୁତ ବିଭାଗ ଯେପରି ପୁଲିସ, ଜଙ୍ଗଲ, ଡାକସେବା, ଜମି ଅଧିଗ୍ରହଣ ପ୍ରଦାନ ମାମଲା, ଦୁର୍ନୀତି ନିବାରଣ, ଆୟକର, ବୃତ୍ତିକର, ଜୀବନବୀମା ମଣ୍ଡଳ, ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଦକ୍ଷିଣାଞ୍ଚଳ ଅଧୀନରେ ରହିଛି। ଜିଲ୍ଲାରେ ଆରଏମଏସ ଡାକ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରାଯାଉନି। ବୌଦ୍ଧ ଜିଲ୍ଲାର ତୀର୍ଥଯାତ୍ରୀମାନେ ବ୍ରହ୍ମପୁର ଯାଉଛନ୍ତି। ସେମାନଙ୍କୁ ସମ୍ବଲପୁରରୁ ଯାତ୍ରା କଲେ ସୁବିଧା ହୋଇ ପାରନ୍ତା। ସେହିପରି ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପରିଚାଳନା କମିଟି ନ ଥିବାରୁ ମହାବିଦ୍ୟାଳୟର ଅନେକ ସମସ୍ୟା ଦେଇଗତି କରୁଛି। ବିଜ୍ଞାନ ବିଭାଗରେ ଦିନକୁ ଦିନ ପିଲାଙ୍କ ସଂଖ୍ୟା କମୁଛି। ବୌଦ୍ଧ ଏନଏସିକୁ ମ୍ୟୁନସିପାଲଟି ଘୋଷଣା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଏହିଭଳି ବୌଦ୍ଧ ଜିଲ୍ଲାର ଅନେକ ସମସ୍ୟାକୁ ନେଇ ଏହି ସାମ୍ବାଦିକ ସମ୍ମିଳନୀରେ ଅସନ୍ତୋଷ ପ୍ରକାଶ ପାଇଥିଲା। ନବ ନିର୍ବାଚିତ ଜନ ପ୍ରତିନିଧି ଏ ଦିଗରେ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ଉଠିଥିଲା। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡମ୍ବରୁଧର ଭୋଇ କଲେଜର ବିଭିନ୍ନ ସମସ୍ୟା ଉପରେ କହିଥିଲେ।

ସାମ୍ବାଦିକ ରଘୁନାଥ ଷଡଙ୍ଗୀ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଶେଷରେ ଅର୍ପଣ କରିଥିଲେ।



# ଖଣି ମାଟିରେ ଧୋଇଗଲା ଏକର ଏକର ଚାଷ ଜମି

ରାଉରକେଲା/କୋଇଡା, ୩।୧୧(ସମିସ)



ଖଣିଜ ଖାଦାନ ପ୍ରାଚୁର୍ଯ୍ୟର ଉପରେ ରାଜ୍ୟ ରାଜକୋଷକୁ ସର୍ବାଧିକ ରାଜସ୍ୱ ପ୍ରଦାନ କରିଆସୁଥିବା ସୁନ୍ଦରଗଡ଼ ଜିଲ୍ଲାର କୋଇଡା ଏବେ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ଖଣି ମାଲିକଙ୍କ ଲୋଲୁପ ଶିକାର ହେବା ସହ ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ଏବେ ଏକ ପ୍ରକାର ଯନ୍ତ୍ରଣାଦାୟକ ଜୀବନ ନିର୍ବାହ କରୁଛନ୍ତି। ଖଣି ଆରମ୍ଭ ଥିବା ସମ୍ପ୍ରସାରଣ ବେଳେ ଜିଲ୍ଲା ପ୍ରଶାସନ, ପୁଲିସ ଓ ପ୍ରଦୂଷଣ ବିଭାଗର ମିଳିତ ମଧ୍ୟସ୍ଥିରେ କିଛି ରାଜନେତା, ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ହାତ କରି ମୁଠାଏ ଜନହିତକର କାର୍ଯ୍ୟ କରିବାର ସ୍ୱପ୍ନ ଦେଖାଇ ଖଣି କମ୍ପାନୀମାନେ ଅନୁମତି ହାସଲ କରି ଖଣି ଖନନ ଆରମ୍ଭ କରନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଅନୁମତି ଠାରୁ ଆବଶ୍ୟକ ଜଙ୍ଗଲରେ ଖଣି ଖନନ କରି ଖଣିଜ ସମ୍ପଦ ଉତ୍ତୋଳନ କରି କୋଟି କୋଟି ଟଙ୍କା ରାଜସ୍ୱ ଠକିବାରେ ଲାଗିଛନ୍ତି। କେବଳ ସେତିକି ନୁହେଁ ପୁଲିସ ପ୍ରଶାସନ ଏବଂ ଖଣି ବିଭାଗର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଖଣିଜ ସମ୍ପଦ ଲୁଟ କରାଯାଇ ଚୋରା ଚାଲାଣ ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହାସହ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସହ ଗମନାଗମନ ବ୍ୟବସ୍ଥାରେ ସୁଧାର ଆଣିବା ତଥା ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳଯୋଗାଣ ଆଦି ଅତ୍ୟାବଶ୍ୟକୀୟ ସୁବିଧା ଯୋଗାଇ ଦେବା ପାଇଁ ଖଣି କମ୍ପାନୀ ପକ୍ଷରୁ ଜନଶୁଣାଣିରେ ପ୍ରତିଶୃତି ଦେଇ ପରେ ସେହି ଜନଶୁଣାଣିରେ ଦିଆଯାଇଥିବା ପ୍ରତିଶୃତିକୁ ସମ୍ପୂର୍ଣ୍ଣ ଭୁଲି ଯାଉଛନ୍ତି। ଯାହାଦ୍ୱାରା ଖଣି ଆରମ୍ଭ ପରେ ସ୍ଥାନୀୟ ବାସିନ୍ଦାଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ଯାହାର ଜ୍ୱଳନ୍ତ ଉଦାହରଣ କୋଇଡା ଖଣି ମଣ୍ଡଳ ଅନ୍ତର୍ଗତ ସାଗାସାହିରେ ଥିବା ଏକ ଖଣି ଉକ୍ତ ଖଣି ମାଟିରେ ଧୋଇହୋଇ ଏକର ଏକର ଚାଷ ଜମି ଧୋଇ ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟରେ କୋଇଡାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୫ କିଲୋମିଟର ରାସ୍ତା ଏବେ ମରଣଯନ୍ତା ପାଲଟିଥିବା ବେଳେ ସ୍ଥାନୀୟ ପ୍ରଶାସନ ଓ ଖଣି ବିଭାଗ ଏଥିରେ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

> • ୧୦ କୋଟିର ରାସ୍ତା ପାଲଟିଛି ମରଣଯନ୍ତା
> • ୫ କିଲୋମିଟର ରାସ୍ତାରେ ରହିଛି ୫୦୦ ଗର୍ତ୍ତ

ସୂଚନା ମୁତାବକ, କୋଇଡା ଖଣି ମଣ୍ଡଳ ଅନ୍ତର୍ଗତ ସାଗାସାହିଠାରେ ଥିବା ଖଣି ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ୨୦୨୧ ସେପ୍ଟେମ୍ବର ୯ ତାରିଖରେ ଉକ୍ତ ଖଣି ଉତ୍ତୋଳନ ଆରମ୍ଭ ହୋଇଥିବା ବେଳେ ଉକ୍ତ ଖଣି କମ୍ପାନୀ ୨୨ ନଭେମ୍ବର ୨୦୨୧ରେ ଏହାର ପ୍ରଥମ ପରିବହନ କରିଥିଲା। ତା' ପରଠାରୁ ଖଣି ପ୍ରଭାବିତ ସାଗାସାହି, କାହୁସାହି, କଳମଙ୍ଗ, ଗେଣ୍ଡୋଗୋଡା, ମାଲଦା ଲୋକଙ୍କ ଦୁର୍ଦ୍ଦଶା ଆରମ୍ଭ ହୋଇଥିଲା। ଗ୍ରାମ ଲୋକଙ୍କ ପାଇଁ ଦୀର୍ଘ ବର୍ଷ ପରେ କୋଇଡା ବ୍ଲକ ହେଡକ୍ୱାର୍ଟର୍ସକୁ ଯାତାୟାତ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୦ କୋଟି ବିନିଯୋଗରେ ବିଏମ୍‌ପି କନଷ୍ଟ୍ରକ୍ସନ ଦ୍ୱାରା ପିଚୁ ରାସ୍ତା ନିର୍ମାଣ ହୋଇଥିଲା। ଯାହାଦ୍ୱାରା ଅତି ସହଜ ଆଉ କମ୍ ସମୟରେ ଲୋକେ ବ୍ଲକ ହେଡକ୍ୱାର୍ଟର୍ସକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସି ପାରୁଥିଲେ। ହେଲେ ଗ୍ରାମ୍ୟ ରାସ୍ତାରେ ଖଣି କମ୍ପାନୀ ୪୫ ଟନରୁ ଊର୍ଦ୍ଧ୍ୱ ଓଜନର ଟ୍ରକ୍ ଟିପରକୁ ନିୟୋଜିତ କରି ଲୌହପଥର ପରିବହନ କରିବାରୁ ମାତ୍ର ମାସକ ମଧ୍ୟରେ ୧୦ କୋଟି ଟଙ୍କାର ରାସ୍ତା ଭାଙ୍ଗିଯାଇ ପରିବହନ ଯୋଗୁଁ ମରଣଯନ୍ତା ପାଲଟିଯାଇଛି। ମାତ୍ର ୫ କିଲୋମିଟର ରାସ୍ତାରେ ୫୦୦ରୁ ଊର୍ଦ୍ଧ୍ୱ ଗର୍ତ୍ତ ସୃଷ୍ଟି ହୋଇ ରାସ୍ତାଟି ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ହୋଇଛି। ବଡ ବଡ ଟ୍ରକ୍ ଟିପର୍ ଯିବା ଏବେ କଷ୍ଟକର ହୋଇ ପଡ଼ିଥିବା ବେଳେ ଗ୍ରାମବାସୀ ଚାଲିଚାଲି, ସାଇକେଲ୍ କିମ୍ବା ମୋଟରସାଇକେଲରେ ଯିବା ସୁରକ୍ଷିତ ମଣୁ ନାହାନ୍ତି। ବର୍ଷା ଋତୁରେ କାଦୁଅ ସରସର ରାସ୍ତା ହୋଇ ପଡୁଥିବା ବେଳେ ସାମାନ୍ୟ ଟିକେ ଖରାରେ ଧୂଳିଧୂଆଁରେ ପୁରା ଅଞ୍ଚଳରେ ଧୂଳର ରଙ୍ଗ ହୋଇ ପ୍ରଦୂଷିତ ହୋଇଯାଉଛି। ପୂର୍ବରୁ ଉକ୍ତ ରାସ୍ତାରେ ଗୋଟିଏ ବି ଟ୍ରକ୍ ଯାତାୟାତ କରୁ ନଥିବା ବେଳେ ଏବେ ୨୪ ଘଣ୍ଟା ଅନବରତ ଭାରୀଯାନରେ ଖଣିଜ ପଦାର୍ଥ ପରିବହନ ହେଉଛି। ଏହି ବିପଦଜନକ ରାସ୍ତାରେ ଦୈନନ୍ଦିନ ମର୍ମନ୍ତୁଦ ଦୁର୍ଘଟଣା ଘଟି ବହୁ ଲୋକଙ୍କର ଜୀବନହାନୀ ସହ ଅନେକ ପଙ୍ଗୁ ହୋଇଥିବା ନଜରକୁ ଆସିଛି। ସେପଟେ ଖଣି ମାଟି ସହ ରାସ୍ତାର କାଦୁଅ ବୋହି ଯାଇ ଏକର ଏକର ଚାଷ ଜମି ନଷ୍ଟ ହୋଇଥିବା ପରିଲକ୍ଷିତ ହୋଇଛି। କମ୍ପାନୀ ଆସିବା ପରେ ସ୍ଥାନୀୟ ଗ୍ରାମବାସୀ ନିଯୁକ୍ତି ପାଇବେ, ଗ୍ରାମର ପାରିପାର୍ଶ୍ୱିକ ଅଞ୍ଚଳରେ ସର୍ବାଙ୍ଗୀନ ବିକାଶ, ରାସ୍ତାଘାଟ, ସ୍ୱାସ୍ଥ୍ୟସେବା, ଶିକ୍ଷା, ପାନୀୟ ଜଳ ଆଦିରେ ଉନ୍ନତି ଘଟିବ ବୋଲି ଗ୍ରାମବାସୀ ସ୍ୱପ୍ନ ଦେଖୁଥିଲେ। ସେ ସ୍ୱପ୍ନ ଏବେ ଦୁରମାର ହୋଇଯାଇଛି। ଆଜି ପର୍ଯ୍ୟନ୍ତ କମ୍ପାନୀ ପ୍ରତ୍ୟକ୍ଷ ଭାବେ ଗୋଟିଏ ବି ଲୋକଙ୍କୁ ଚାକିରି ମିଳିନି। ଏପରିକି ୪ ଏକର ଲେଖାଏଁ ଜମି ସମ୍ପୃକ୍ତ ଖଣି ଖନନ ପାଇଁ ପ୍ରଦାନ କରିଥିବା ଆଦିବାସୀଙ୍କୁ ମଧ୍ୟ ନିଯୁକ୍ତି ମିଳି ନଥିବା ଅଭିଯୋଗ ହୋଇଛି। ବରଂ କମ୍ପାନୀ କର୍ତ୍ତୃପକ୍ଷ ଓ କମ୍ପାନୀରେ ଠିକାସଂସ୍ଥା ସମସ୍ତ ଶ୍ରମିକ ବାହାର ରାଜ୍ୟରୁ ଆଣି ନିୟୋଜିତ କରିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ବିଦ୍ରୋହର ବହ୍ନି ଜଳୁଛି। ସେପଟେ ଗ୍ରାମବାସୀଙ୍କ ଏତାଦୃଶ ଯନ୍ତ୍ରଣା ଦେଖି ଖଣି କର୍ତ୍ତୃପକ୍ଷଙ୍କ ସହ ହାତମିଳାଇ ସ୍ଥାନୀୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଫଳରେ ଅନ୍ୟଉପାୟ ନ ପାଇ କୋଇଡାର ଶହ ଶହ ଆଦିବାସୀ ପରିବାର ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି।

## ଲାଠିକଟାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



ରାଉରକେଲା, ୩।୧୧(ସମିସ): ଲାଠିକଟା ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୮୩ ଗୋଟି ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ୨୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୫୮ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୨ ଗୋଟି ଅଭିଯୋଗ ଗୁଡ଼ିକର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୨ ଗୋଟି ଆବେଦନ ରହିଥିଲା। "ଆଜିର ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ପାନପୋଷ ଉପ ଜିଲ୍ଲାପାଳ ବିଜୟ କୁମାର ନାୟକ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ସ୍କୁଟିକୁ ଧକ୍କା ଦେଲା ବାଇକ୍; ୨ ଗୁରୁତର

ରାଉରକେଲା, ୩।୧୧(ସମିସ): ସୋମବାର ସନ୍ଧ୍ୟାରେ ବାଲୁଘାଟ ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥଠାରେ ସ୍କୁଟିକୁ ବାଇକ୍ ଧକ୍କା ଦେବା ଫଳରେ ଉଭୟ ଗାଡ଼ିର ମହିଳା ଓ ଯୁବକ ଚାଳକ ଗୁରୁତର ହୋଇଛନ୍ତି। ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ୭ ବର୍ଷର ନାବାଳକ। ସୂଚନାନୁଯାୟୀ, ସୀମା ବରୁଆ (୩୫) ଓ ତାଙ୍କର ୭ ବର୍ଷର ପୁଅ ରୋନିତ୍ ବରୁଆ ସ୍କୁଟି ନେଇ ଯାଉଥିଲେ। ହଠାତ୍ ବିପରୀତ ଦିଗରୁ ଆସୁଥିବା ବାଇକ ଚାଳକ କୁଳଦୀପ ଡାଙ୍ଗ (୨୪) ଆସି ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ସୀମା ଓ କୁଳଦୀପ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ସୌଭାଗ୍ୟବସତଃ ରୋନିତ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

# ଆର୍‌ଏସ୍‌ପିରେ ସତର୍କତା ସଚେତନତା ସପ୍ତାହ ଉଦ୍‌ଯାପିତ



ରାଉରକେଲା, ୩।୧୧(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନାର ଗୋପବନ୍ଧୁ ଅଡିଟୋରିୟମଠାରେ ଚାଲିଥିବା ସତର୍କତା ସଚେତନତା ସପ୍ତାହ ସୋମବାର ଉଦଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ଓଡ଼ିଶା ଗ୍ରୁପ ଓଫ ମାଇନ୍ସ ସିଏମ୍‌ଏଲଓର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ଖଣି ବିକାଶ ବିଭାଗର ନିର୍ବାହୀ ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ସତର୍କତା ବିଭାଗର ଜିଏମ୍ ତଥା ଏସିଭିଓ ରଞ୍ଜନ ଭାରତୀ ମଞ୍ଚାସୀନ ଥିଲେ। ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତା, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡ. ଜେ.କେ ଆଚାର୍ଯ୍ୟଙ୍କ ସମେତ ଆରଏସପିର ବହୁ ସିଜିଏମ, ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, ସ୍କୁଲ ଛାତ୍ରଛାତ୍ରୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ମିଶ୍ର ସତର୍କତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରି ସଚ୍ଚୋଟତା, ସ୍ୱଚ୍ଛତା ଏବଂ ଖୋଲା ହୃଦୟରେ ସମସ୍ତଙ୍କ ଦ୍ୱାରା ଅଭ୍ୟାସ କରାଯିବା ଉଚିତ ବୋଲି କହିଥିଲେ। ଶ୍ରୀ ପଲାଇ ସତର୍କତା ଗୋଟିଏ ବିଭାଗର ଦାୟିତ୍ୱ ନୁହେଁ ବରଂ ସାମଗ୍ରିକ ଦାୟିତ୍ୱ ବୋଲି କହିଥିଲେ। ଶ୍ରୀ ଅନିଲ କୁମାର ସତର୍କତା ଗୋଟିଏ ସପ୍ତାହ ମଧ୍ୟରେ ସୀମିତ ନୁହେଁ ବରଂ ଏକ ନିରନ୍ତର ପ୍ରକ୍ରିୟା ଯାହାକୁ ବର୍ଷସାରା ଅନୁସରଣ କରାଯିବା ଉଚିତ ବୋଲି କହିଥିଲେ। ଏମ୍‌ପି ସିଂହ ଓ ବିକେ ଗିରି ସଚ୍ଚୋଟତା ଏବଂ ସାଧୁତା ଏକ ଶକ୍ତିଶାଳୀ ପ୍ରକ୍ରିୟା ଯାହା ରାଷ୍ଟ୍ରର ମୂଳଦୁଆ ଗଠନ କରିଥାଏ ବୋଲି କହିବା ସହ ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ଭାରତ ରୂପରେ ଗଢ଼ି ତୋଳିବାରେ ଯୋଗଦାନ ଦେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ପରିଶେଷରେ ଏସ୍ ପାଲ ଚୌଧୁରୀ ସତର୍କତା ଏକ ମଡେଲ ଯାହା ପ୍ରତ୍ୟେକ ସଂଗଠନ ଏବଂ ଜୀବନଶୈଳୀକୁ ମାର୍ଗଦର୍ଶନ କରେ ଯାହା ନିଜ ଠାରୁ ଆରମ୍ଭ ହୁଏ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ସତର୍କତା ସଚେତନତା ସପ୍ତାହରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଶ୍ରୀ ଭାରତୀ ସମାବେଶକୁ ସ୍ୱାଗତ କରିବା ସହିତ ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ସତର୍କତା ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ ଇନବାଉଣ୍ଡ ଏବଂ ଆଉଟରିଚ୍ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସପ୍ତାହକ ମଧ୍ୟରେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଏକ ଛୋଟ ଭିଡିଓ, 'ଦି ଭିଜିଲାଣ୍ଟ ମାଇଣ୍ଡ' ପୋଡକାଷ୍ଟର ଦ୍ୱିତୀୟ ସିରିଜ୍, ଥିମ୍ ସଙ୍ଗୀତ ଭିଡିଓ ଏବଂ ପେରିଫେରାଲ୍ ସ୍କୁଲଗୁଡ଼ିକରେ ଆୟୋଜିତ ପଥପ୍ରାନ୍ତ ନାଟକର ଭିଡିଓ ଫିଲ୍ମର ଏକ ଝଲକ ପ୍ରଦର୍ଶିତ ହୋଇଥିଲା। ସତର୍କତା ବିଭାଗ ଏଜିଏମ୍ ଅବନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସିସିଡବ୍ଲ୍ୟୁ ବିଭାଗର ସିନିୟର ମ୍ୟାନେଜର କବିତା ବିଶୋୟୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର



ରାଉରକେଲା, ୩।୧୧(ସମିସ): ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ଉପସଭାପତି ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନାର ପ୍ରାକ୍ତନ ପ୍ରବନ୍ଧକ ଉପେନ୍ଦ୍ର ନାଥ ଦାଶ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନି ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ କାର୍ତ୍ତିକ ମାହାତ୍ମ୍ୟ ଶୀର୍ଷକ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ଦାଶ ଭବିଷ୍ୟତ ପାଇଁ ପାଠାଗାର ଗୁଡିକରେ ବହି ଗୁଡିକ ଯତ୍ନ ସହକାରେ ରଖିବା ସହ ପାଠାଗାର ଆନ୍ଦୋଳନକୁ ଜାରି ରଖିବା ସହ ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ। ସାଧାରଣ ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବିତା ଦାଶ ସଂଯୋଜନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକ କିଶୋରୀ ମୋହନ କର 'ଆଦିକନ୍ଦ କେତେ' ଶୀର୍ଷକ ଏକ କ୍ଷୁଦ୍ର ଗଳ୍ପ ପାଠ କରିଥିଲେ। ତୃତୀୟ ପର୍ଯ୍ୟାୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ କବି ସୁଶାନ୍ତ ନାୟକ ଓ ସବିତା ପରିଡ଼ାଙ୍କ ସଂଯୋଜନାରେ ଅଶୋକ କୁମାର ପଟ୍ଟନାୟକ, ସୁନୀଲ କୁମାର ମହାନ୍ତି, ବ୍ରହ୍ମାନନ୍ଦ ପାଢ଼ୀ, ଉପେନ୍ଦ୍ର କୁମାର ବସ୍ତିଆ, ଦିବାକର ଦାସ, ବଳରାମ ଦାସ, ପ୍ରିୟା ପାତ୍ର, ଦୀପ୍ତି ମହାନ୍ତି, ପ୍ରତାପ କୁମାର ପଣ୍ଡା, ଦେବେନ୍ଦ୍ର କୁମାର ବଳ, ଗଦାଧର ରଥଙ୍କ ସହ ସଂଯୋଜକ ଦ୍ୱୟ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସଭାପତି ଶ୍ରୀ ପ୍ରଧାନ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କ ପରିଚୟ ଦେଇଥିଲା ବେଳେ ଆବାହକ ଶ୍ରୀ ଆଚାର୍ଯ୍ୟ ଆଲୋଚ୍ୟ ବିଷୟର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଶେଷରେ ସୁଭାଷିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଶକ୍ତିପ୍ରସାଦ ସାମନ୍ତରାୟ, ପ୍ରିୟା ପାତ୍ର, ଶରତ ସ୍ୱାଇଁ, ବିଭୁଦତ୍ତ ବେହେରା, ଶରତ ରାଉତ, ବସନ୍ତ ମହାରଣା, ଶ୍ରୀକାନ୍ତ ପାଣିଗ୍ରାହୀ, ନିରୁପମା ଚାନ୍ଦ, ରମେଶ ଚନ୍ଦ୍ର ସାହୁ, କୌଶଲ୍ୟା ମହାରଣା, ଗୀତାଞ୍ଜଳି ମହାରଣା, ସ୍ୱର୍ଣ୍ଣଲତା ଘଡେଇ, କରୁଣାକର ପାଟ୍ଟଶାଣି, ବୃନ୍ଦାବନ ନାୟକ, କମଳ ଆଚାର୍ଯ୍ୟ, ରୁକ୍ମିଣୀ ଅଗ୍ରୱାଲ, କାମିନୀ ବିଶ୍ୱାଳ, ପ୍ରବୀର କୁମାର ଦୁବେ, ଅରବିନ୍ଦ ପାତ୍ର, ରାଧା ମୋହନ ନାୟକ, ପୁତୁଲ ଡୋଗ୍ରା, ପ୍ରଭାସିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୪ର୍ଥ ଭେଟେରାନ କପ୍ ଉଦ୍‌ଯାପିତ

## ବଣାଇଁ ଏଭରଗ୍ରୀନ୍ ଚାମ୍ପିଅନ୍

ବଣାଇଁ, ୩।୧୧(ସମିସ): ବଣାଇଁ ରାଜା ଧରଣୀଧର ବହୁମୁଖି ଖେଳ ପଡ଼ିଆଠାରେ ବଣାଇଁ ଭେଟେରାନ କମିଟି ପକ୍ଷରୁ ଆୟୋଜିତ ୪ର୍ଥତମ ଭେଟେରାନ କପ୍ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଣାଇଁ ସହକାରୀ ବନ ସଂରକ୍ଷକ ଦୁର୍ଯ୍ୟୋଧନ ଜେରେଇ, ସମ୍ମାନିତ ଅତିଥି ଭାବେ ଗୁରୁଣ୍ଡିଆ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଚୈଧୁରୀ ମାହାନ୍ତ, ମୁଖ୍ୟବକ୍ତା



ଭାବେ ଅଧ୍ୟାପକ ତପନ କୁମାର ଦଣ୍ଡିଆ ତଥା କମିଟିର ବରିଷ୍ଠ ସଦସ୍ୟ ରଘୁନାଥ କିସାନ, ଭୁବନାନନ୍ଦ କିସାନ, କେନ୍ଦ୍ରିକଲା ସରପଞ୍ଚ ଉଗ୍ରସେନ କିସାନ, କରୁଣାକର ବୋଡ, ବୈଲୋଚନ ନାଏକ, ମୁନୁ ବେହେରା ଓ କମିଟିର ସଭାପତି ଶଙ୍କର ମୁଣ୍ଡା, ସମ୍ପାଦକ ସରୋଜ ଗହୀର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସର୍ବମୋଟ ଆଠଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସରଧାପୁର ଏବଂ ଲିଜେଣ୍ଡ ବଣାଇଁ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ବଣାଇଁ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ସେହିପରି ଭାବେ ସମ୍ବଲପୁର ଏବଂ ଭେଟେରାନ ଏଭର୍ ଗ୍ରୀନ ବଣାଇଁ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପେନାଲଟି ସୁଟ ଆଉଟ୍‌ରେ ବଣାଇଁ ଭେଟେରାନ ବିଜୟୀ ହୋଇଥିଲା। ବିଜେତା ଏବଂ ଉପବିଜେତା ଦଳକୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ଗଜାନନ ପାତ୍ର, ରାଜେଶ ଛତ୍ରିଆ, ବିକ୍ରମ ସିଂନାଏକ, ବଲହର ଭୋଇ, ଡିଲେଶ୍ୱର କିସାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏଥିରେ ବଣାଇଁ ଭେଟେରାନ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିବା ବେଳେ ସରୋଜ ଗହୀର ଧନ୍ୟବାଦ ଅର୍ପଣ କରିଥିଲେ।

## ବୈକୁଣ୍ଠ ଘାଟରେ ସଫେଇ କାର୍ଯ୍ୟକ୍ରମ

ରାଉରକେଲା, ୩।୧୧(ସମିସ): କୋଏଲନଗର, ଶକ୍ତିନଗର ଓ ଜଗଦା ଅଞ୍ଚଳର ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ସେକ୍ଟର-୨୦ ସ୍ଥିତ ବୈକୁଣ୍ଠ ଘାଟରେ ସାମୂହିକ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ସମାଜସେବୀ ଜୟଶ୍ରୀ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବରିଷ୍ଠ ସମାଜସେବୀ ଗଗନ ପଣ୍ଡାଙ୍କ ଉପସ୍ଥିତିରେ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଅଶୋକ ମହାନ୍ତି, ପ୍ରକାଶ ପତି, ଦେବେନ୍ଦ୍ର ନାଥ ନାୟକ, ଦିଲ୍ଲୀପ ମହାନ୍ତି, ଆଇନଜୀବୀ ନାରାୟଣ ପ୍ରଧାନ, ଅଗଣି ଦାସ, ଉଦ୍ଧବ ବାରିକ, ବିଜୟ ସାହୁ, କବିତା ମଲ୍ଲିକ, ଜ୍ୟୋତ୍ସ୍ନା ଦାସ, ଶିଶିର ମୁଦାଲି, ଚକ୍ରଧର ମଲ୍ଲିକ, ଗୋପାଳ ପାତ୍ର, ଅରିନ୍ଦମ ମହାନ୍ତି, ଆଦିତ୍ୟ ମହାନ୍ତି, ଲୁଟୁପୁହାଣ, ରମେଶ ପାତ୍ର, ପ୍ରଣୟ ପାଣିଗ୍ରାହୀ, ରାଜୁ ନାଗ, ସୁଦାମ ପ୍ରଧାନ, ଲାଲଜି ସିଂ, ସତ୍ୟ ମଲ୍ଲିକ, ଦେବାଶିଷ ମହାନ୍ତି, ସତ୍ୟ ମଲ୍ଲିକ, ଦିପ୍ତି ପ୍ରସନ୍ନ ମହାନ୍ତି, ସୁକାନ୍ତ ଦାଶଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟବାସୀନ୍ଦା ଉପସ୍ଥିତ ଥିଲେ। ରାଉରକେଲା ଇସ୍ପାତ କାରଖାନା ଓ ରାଉରକେଲା ମହାନଗର ନିଗମ



କର୍ତ୍ତୃପକ୍ଷଙ୍କ ସହଯୋଗ ମିଳିଥିବାରୁ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀମାନଙ୍କ ତରଫରୁ ସୁଶ୍ରୀ ପାଣିଗ୍ରାହୀ କୃତଜ୍ଞତା ଜଣାଇଥିଲେ।

## ଡିୱାଇଏଫ୍‌ଆଇର ୪୬ତମ ପ୍ରତିଷ୍ଠା ଦିବସ

ରାଉରକେଲା, ୩।୧୧(ସମିସ): ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିୱାଇଏଫ୍‌ଆଇ)ର ୪୬ ତମ ପ୍ରତିଷ୍ଠା ଦିବସ ଆଜି ସ୍ଥାନୀୟ ସେକ୍ଟର-୧୬ ସ୍ଥିତ ସଂଗଠନର ସୁନ୍ଦରଗଡ଼ ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାର୍ଯ୍ୟାଳୟଠାରେ ପତାକା ଉତ୍ତୋଳନ ଓ ସଭା ଅନୁଷ୍ଠିତ ହୋଇଥିଲା। ସଂଗଠନର ଜିଲ୍ଲା ସଭାପତି ଶେଖର ଶର୍ମା ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ପୂର୍ବତନ ଜିଲ୍ଲାପାଳ ସଭାପତି ତଥା ଆଇନଜୀବୀ ରାଜ କିଶୋର ପ୍ରଧାନ ଯୋଗଦେଇ ଅପସଂସ୍କୃତି, ଅନ୍ଧବିଶ୍ୱାସ ବିରୁଦ୍ଧରେ ଯୁବ ସମାଜକୁ ଏକଜୁଟ କରି ଐକ୍ୟବଦ୍ଧ ଆନ୍ଦୋଳନ କରିବା ସହ ଏକ ସର୍ବବୃହତ ସଂଗଠନ ଭାବରେ ପ୍ରତିଷ୍ଠା କରିବା ପାଇଁ ଶପଥ ନେବାକୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିୱାଇଏଫ୍‌ଆଇ ରାଉରକେଲା ଆଞ୍ଚଳିକ କମିଟି ସଭାପତି ସତ୍ୟମ୍ ତନ୍ତୀ, ସମ୍ପାଦକ ଲଲାଟେନ୍ଦୁ ନାୟକ, କାଞ୍ଚନୀ ଦେହୁରୀ, ପରେଶ୍ ମହାନ୍ତି, ପୂର୍ବତନ ଯୁବନେତା ବିଶ୍ୱଜିତ ମାଝୀ, ପ୍ରଭାତ ମହାନ୍ତି, ଦିବାକର ମହାରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

### ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ତୃତୀୟ ସନ୍ଧ୍ୟା

# ଶାସ୍ତ୍ରୀୟ ସଙ୍ଗୀତରେ ଦର୍ଶକ ବିଭୋର

ରାଉରକେଲା, ୩।୧୧(ସମିସ)







ଭଞ୍ଜଭବନ ପ୍ରଦର୍ଶନୀ ପଡ଼ିଆ ମୁକ୍ତାକାଶ ମଞ୍ଚରେ ଚାଲିଥିବା ୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ-୨୦୨୫ର ସୋମବାର ଥିଲା ତୃତୀୟ ସନ୍ଧ୍ୟା। ତୃତୀୟ ସନ୍ଧ୍ୟାରେ ସୁଲଳିତ ଶାସ୍ତ୍ରୀୟ ସଙ୍ଗୀତର ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ଜାତୀୟସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ ଓ ଲୋକନୃତ୍ୟ ଉତ୍ସବର ମାନ୍ୟତା ହାସଲ କରିଥିବା ଏହି ଉତ୍ସବର ତୃତୀୟ ରଜନୀରେ ରାଉରକେଲାର ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ, ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ଡ. ପ୍ରତିଜ୍ଞା ପଲେଇ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ପଲାଇ ରାଉରକେଲା ଭଳି ଏକ ଉପାନ୍ତ ସହରରେ ଜାତୀୟସ୍ତରୀୟ ନୃତ୍ୟ ସଙ୍ଗୀତ ଉତ୍ସବର ଆୟୋଜନ ସହରକୁ ଏକ ନୂତନ ପରିଚୟ ଦେଇଛି ବୋଲି ଉଲ୍ଲେଖ କରିଥିଲେ। ଶ୍ରୀମତୀ ବର୍ମା ଏକ ସୁସଂଗତ ମଣିଷ ଜୀବନରେ ନୃତ୍ୟ ଓ ସଙ୍ଗୀତର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଭଞ୍ଜ କଳା କେନ୍ଦ୍ରର କଳାକାରଙ୍କ ଓଡ଼ିଶୀ ସଙ୍ଗୀତରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ସନ୍ଧ୍ୟାରେ ଦେଶ ବିଦେଶରେ ଓଡ଼ିଶୀ ସଙ୍ଗୀତର ପ୍ରଚାର ପ୍ରସାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସୁନାମଧାନ୍ୟ ଓଡ଼ିଶୀ ସଙ୍ଗୀତ ସୁରକାର ପ୍ରଫେସର ଡ. ସଙ୍ଗୀତା ଗୋସାଇଁ ଚିତ୍ତାକର୍ଷକ ଓଡ଼ିଶୀ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ଆତ୍ମବିଭୋର କରିଥିଲେ। ପରେପରେ ମୁମ୍ବାଇରୁ ଆସିଥିବା ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ଡ. ମୀତା ପଣ୍ଡିତଙ୍କ ହିନ୍ଦୁସ୍ତାନୀ ରାଗ ପରିବେଷଣରେ ଦର୍ଶକ ଅଭିଭୂତ ହୋଇଥିଲେ। ଖ୍ୟାତିସମ୍ପନ୍ନ ତାବଲା ବାଦକ ଡ. ତାପସ ପାଲ ତାଙ୍କୁ ସହଯୋଗ କରିଥିଲେ। ଏଥିପୂର୍ବରୁ ଗାନ୍ଧୀ ଜୟନ୍ତୀ ଅବସରରେ ଅନୁଷ୍ଠିତ ଚିତ୍ର କଳା ପ୍ରତିଯୋଗିତାର ବିଜେତାମାନଙ୍କୁ ଏହି ସନ୍ଧ୍ୟାରେ ପୁରସ୍କୃତ କରାଯାଇଥିଲା। ଏହି ସମ୍ମାନଜନକ ନୃତ୍ୟୋତ୍ସବ ଆୟୋଜନରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ, ରାଉରକେଲା ଇସ୍ପାତ କାରଖାନା, ଭଞ୍ଜ ସାଂସ୍କୃତିକ ନ୍ୟାସ, ଇଜେଡସିସି, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏନଏସପିସିଏଲ, ନାଲକୋ, ଏମସିଏଲ ଏବଂ ଅନେକ ବୃହତ୍ତ କର୍ପୋରେଟ ସହଯୋଗ ଦେଇଆସୁଛନ୍ତି। ଭଞ୍ଜକଳା କେନ୍ଦ୍ରର ସଭାପତି ଶୁଭ ଶଙ୍କର ରାୟଚୌଧୁରୀ ସ୍ୱାଗତ ଅଭିଭାଷଣରେ ଭଞ୍ଜ କଳା କେନ୍ଦ୍ରର ଦୀର୍ଘ ବର୍ଷର ଗୌରବମୟ ଯାତ୍ରା ଏବଂ ଓଡିଶୀ ସଙ୍ଗୀତ, ଓଡିଶୀ ନୃତ୍ୟ ଓ ପାରମ୍ପରିକ ଲୋକନୃତ୍ୟର ପ୍ରଚାର ପ୍ରସାର ପାଇଁ ଏହାର ଯୋଗଦାନ ସମ୍ବନ୍ଧରେ କହିଥିଲେ। ଭଞ୍ଜ ସାଂସ୍କୃତିକ ନ୍ୟାସର ଅଧ୍ୟକ୍ଷ ତଥା ଆର୍‌ଏସ୍‌ପି କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କ ମାର୍ଗଦର୍ଶନରେ ଭଞ୍ଜ କଳା କେନ୍ଦ୍ରର ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭଞ୍ଜ କଳା କେନ୍ଦ୍ରର ଉପସଭାପତି ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ସମ୍ପାଦକ ଆଲୋକ କୁମାର ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ। ଆରଏସପି ଲୋକ ସମ୍ପର୍କ ବିଭାଗର ଉପ ପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିବେକାନନ୍ଦ ପରିଡ଼ା, ଜ୍ୟୋତିର୍ମୟ ଆଚାର୍ଯ୍ୟ, ପଞ୍ଚାନନ ମଲ୍ଲିକ, ସୁବ୍ରତ ଶତପଥୀ, ସନ୍ତୋଷ ରଥ, ଗଜେନ୍ଦ୍ର ମୁର୍ମୁ, ବସନ୍ତ ସାହୁ, କନକ ଲତା ମିଶ୍ର, ପ୍ରଦୀପ କୁମାର ଗୌଡ ଏବଂ ପ୍ରବୀଣ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପତଞ୍ଜଳି ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ

ରାଉରକେଲା, ୩।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ପତଞ୍ଜଳି ଯୋଗ ପରିବାରର ସେକ୍ଟର -୧୪ ଲକ୍ଷ୍ମୀ ନାରାୟଣ ମନ୍ଦିରସ୍ଥିତ ପତଞ୍ଜଳି ଯୋଗ କେନ୍ଦ୍ରର ୧୯ତମ ବାର୍ଷିକ ଉତ୍ସବ ବରିଷ୍ଠ ଯୋଗ ଶିକ୍ଷକ ବିଷ୍ଣୁ ଚରଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଅକ୍ରୁର ମାର୍ଥା ମୁଖ୍ୟଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଜିଲ୍ଲା ବିଏସଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିତମ୍ବିନି ସ୍ୱାଇଁ, ଜିଲ୍ଲା ମିଡ଼ିଆ ପ୍ରଭାରୀ ଗଙ୍ଗାଧର ଦାଶ, ଜିଲ୍ଲା ମହିଳା ସୋସିଆଲ ମିଡ଼ିଆ ପ୍ରଭାରୀ ଆରତୀ କର ସମସ୍ତେ ପ୍ରତିଦିନ ଯୋଗ ଅଭ୍ୟାସ ଜାରି ରଖିବା ଏବଂ ଅଷ୍ଟାଙ୍ଗ ଯୋଗକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ରର ବରିଷ୍ଠ ଯୋଗ ଶିକ୍ଷକ ବି. ବି ଭୁଜବଳ ଏହାକୁ ପରିଚାଳନା କରିଥିଲେ। ଡି. ଜଳଧର ପାତ୍ର, ରାମକୃଷ୍ଣ ପଣ୍ଡା, ଅଶୋକ କୁମାର ଓଝା, ରମାକାନ୍ତ ସାହୁ, ମିଷ୍ଟର ନାୟକ, ମଞ୍ଜୁଲତା ମାଝୀ, ତାରା, ପ୍ରଭାତୀ ସାହୁ, ରାମକୃଷ୍ଣ ଦାସ, ସର୍ବେଶ୍ୱର ପାତ୍ର, ଉମାକାନ୍ତ ମଲ୍ଲିକ, କେକେ ରଥ, ଏଫ୍‌ଏମ୍ ଦାଶ, ବିସି ମୌରିକ, ଏକ କେ ଜତି, ଏସ୍‌କେ ସାହୁ, ନିର୍ମଳ ଦାଶ, ସଞ୍ଜୟ ଚୌଧୁରୀ, ବାପି ଜେନା, ଗୌରିଶଙ୍କର ପାଣିଗ୍ରାହୀ, ଆର୍‌ସି ବେହେରା, ଆର୍ ଏନ୍ ସାଇ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ପୃଥିବୀରେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କ ପାଇଁ କେବଳ ରୁଟି ହିଁ ଭଗବାନ।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ବିଶ୍ୱ ବିଜୟିନୀ

ଅନୁଭବ ଓ ଅଭିଜ୍ଞତା ଦୃଷ୍ଟିରୁ ହରମନପ୍ରୀତଙ୍କ ଦଳ ଅଧିକ ପରିପକ୍ୱ ଓ ଶାଣିତ, ବିଶେଷକରି ସ୍ୱଦେଶ ମାଟିର ସହାନୁଭୂତି ଓ ସମର୍ଥନ ବିଶ୍ୱକପ ହାସଲରେ ସହାୟକ ହୋଇଛି। ପୂର୍ବରୁ ଏହିଦଳ ଦୁଇଥର ଫାଇନାଲ ଖେଳି ରନର୍ସଅପ ମଧ୍ୟ ହୋଇଛି। ତେଣୁ ଭାଷ୍ୟକାରମାନେ ଏହି ବିଜୟକୁ ୧୯୮୩ରେ କପିଳଦେବଙ୍କ ନେତୃତ୍ୱରେ ଭାରତର ବିଶ୍ୱକପ ହାସଲ ସହ କରୁଥିବା ତୁଳନା ଆଦୌ ସମୀଚୀନ ନୁହେଁ। ଫାଇନାଲରେ ଅବତୀର୍ଣ୍ଣ ହୋଇଥିବା ଦୁଇଦଳ ଦକ୍ଷିଣ ଆଫ୍ରିକା ଓ ଭାରତ ସେମିଫାଇନାଲରେ ଯଥାକ୍ରମେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆକୁ ପରାଜିତ କରିବାରେ ଯେଉଁ ଚମକ ଦେଖାଇଥିଲେ ତାହା ସେମାନଙ୍କ ଯୋଗ୍ୟତା ଓ ପରାକାଷ୍ଠାର ନିଦର୍ଶନ ବୋଲି କୁହାଯାଇପାରେ। କାରଣ ପରାଜିତ ଦୁଇଦଳ ହିଁ ଥିଲେ ଅସଲରେ ବିଶ୍ୱକପ ଦାବିଦାର। ଅଷ୍ଟ୍ରେଲିଆର ୩୩୯ ଲକ୍ଷ୍ୟର ଅନୁଧାବନ କରି ମ୍ୟାଚ ଜିତିବା ଭାରତ ପାଇଁ ଏତେ ସହଜ ନଥିଲା। ଅଧିନାୟକ ହରମନପ୍ରୀତଙ୍କ ଉପଯୋଗୀ ୮୯ରନ ସାଙ୍ଗକୁ ଜେମିମାଙ୍କ ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ୧୨୭ରନ ଭାରତକୁ ଫାଇନାଲରେ ପହଞ୍ଚାଇବାରେ ସହାୟକ ହୋଇଥିଲା। ଏହାଥିଲା ଏକଦିବସୀୟ ମହିଳା କ୍ରିକେଟ ଇତିହାସରେ ରେକର୍ଡ ଅନୁଧାବନ। ସେହିଭଳି ଦକ୍ଷିଣ ଆଫ୍ରିକା ମଧ୍ୟ ପ୍ରଥମେ ବ୍ୟାଟିଂ କରି ୩୧୯ ରନ କରିଥିଲା। ଇଂଲଣ୍ଡ ତାହାର ପିଛା କରି ମାତ୍ର ୧୯୪ରନ କରିବାକୁ ସମର୍ଥ ହୋଇଥିଲା।

ଫାଇନାଲରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟକ ଲୌରା ଉଇଲଭାର୍ଟ ପଶ୍ଚାତଧାବନ କରିବାକୁ ଉଚିତ ମଣି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲେ। ମ୍ୟାଚର ଗତି ଓ ପ୍ରକୃତି ଯାହା ସେଥିରେ ୩୦୦ରୁ ଊର୍ଦ୍ଧ୍ୱ ରନ ଲକ୍ଷ୍ୟ ଧାର୍ଯ୍ୟ ନକଲେ ଜିତିବା ଯେକୌଣସି ଦଳ ପକ୍ଷରେ ଏତେ ସହଜ ହେବ ନାହିଁ। ତେବେ ଓପନିଂ ବ୍ୟାଟର ଶେଫାଳି ଦଳ ପକ୍ଷରୁ ସର୍ବାଧିକ ୮୭ରନ ଓ ଦୀପ୍ତିଙ୍କ ଉପଯୋଗୀ ୫୮ରନ ଭାରତକୁ ୨୯୮ ପହଞ୍ଚାଇବାରେ ସହାୟକ ହୋଇଥିଲା। ଏହି ଲକ୍ଷ୍ୟର ପିଛା କରୁ କରୁ ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଅଧିନାୟକ ଲୌରା ଉଇଲଭାର୍ଟଙ୍କ ଚମକପ୍ରଦ ଶତକ ସତ୍ତ୍ୱେ ଦଳକୁ ସଫଳତା ମିଳିନଥିଲା। ଦଳ ପ୍ରଥମ ଥର ଫାଇନାଲକୁ ଉନ୍ନୀତ ହୋଇଥିବାରୁ ରନର୍ସଅପରେ ହିଁ ସନ୍ତୁଷ୍ଟ ହେବାକୁ ପଡ଼ିଲା। ଭାରତର ଏହି ବିଜୟ ପଛରେ ଶେଫାଳିଙ୍କ ୮୭ ରନ ଓ ଦୁଇଟି ଉଇକେଟ ହାସଲ ଦୃଷ୍ଟିରୁ ତାଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ସମ୍ମାନିତ କରାଯାଇଥିଲା। ଏହାସତ୍ତ୍ୱେ ଦୀପ୍ତିଙ୍କ ୫୮ ରନ ସାଙ୍ଗକୁ ୫ ଉଇକେଟ ହାସଲ କମ ଗୁରୁତ୍ୱପୂର୍ଣ୍ଣ ନୁହେଁ। ସର୍ବାଧିକ ୨୨ଉଇକେଟ ହାସଲ ସହ ୨୧୫ରନ ସଂଗ୍ରହ ସକାଶେ ସେ ଚଳିତ ବିଶ୍ୱକପର ଶ୍ରେଷ୍ଠ ଖେଳାଳିର ମର୍ଯ୍ୟାଦା ହାସଲ କରିଛନ୍ତି। ଯାହାହେଉ ଭାରତୀୟ ଦଳ ୫୨ରନରେ ଦକ୍ଷିଣ ଆଫ୍ରିକାକୁ ପରାଜିତ କରି ବିଶ୍ୱକପ ଚମ୍ପିୟାନ ହେବା କମ ଗୌରବର କଥା ନୁହେଁ।

ବିସିସିଆଇର ଘୋଷଣା ଅନୁଯାୟୀ ଭାରତୀୟ ମହିଳା କ୍ରିକେଟ ଦଳ ୧୨୫ କୋଟିଟଙ୍କା ପାଇବ। ଏହି ପୁରସ୍କାର ରାଶି ଯେତେ ବଡ଼କଥା ନୁହେଁ ବଡ଼କଥା ହେଲା ଆମ ଦେଶର ମହିଳା ଯେ ବିଶ୍ୱବିଜୟିନୀ ହୋଇପାରିବେ ତାହା ଏହି ବିଶ୍ୱକପ ଟୁର୍ଣ୍ଣାମେଣ୍ଟରେ ପ୍ରମାଣିତ ହୋଇଛି। ଆଗାମୀ ଦିନରେ ମହିଳା କ୍ରିକେଟ ପ୍ରତି ଆମଦେଶରେ ଆଗ୍ରହ ଓ ଆକର୍ଷଣ ବଢ଼ିବ। ଉନ୍ନତମାନର ମହିଳା କ୍ରିକେଟ ପାଇଁ କ୍ଷେତ୍ର ପ୍ରସ୍ତୁତିର ସୁଯୋଗ ଆହୁରି ବ୍ୟାପକ ହେବ ବୋଲି ଆଶା କରିବା।

## ଆଣ୍ଡ୍ରୁଙ୍କ ପରେ କିଏ?

ଜେଫ୍ରି ଏପିଷ୍ଟିନ୍‌ଙ୍କ ଯୌନ କେଳେଙ୍କାରୀ ସମଗ୍ର ବିଶ୍ୱର ହଟଚମଟ ସୃଷ୍ଟି କରିଥିଲା। ବିତ୍ତୀୟ ସହାୟତା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ପ୍ରତିଷ୍ଠା ଓ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏପିଷ୍ଟିନ୍ ଉଭୟ ରାଜନୈତିକ ଓ କର୍ପୋରେଟ୍ ଜଗତରେ ବିଶ୍ୱରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାବେ ଲୋକସଂପର୍କ ବଢ଼ାଇଥିଲେ। ବୈଭବ ପ୍ରାଚୁର୍ଯ୍ୟ ମଧ୍ୟରେ ଥିବା ଏପିଷ୍ଟିନ୍ ଯୌନ ଲାଳସାକୁ ଚରିତାର୍ଥ. କରିବା ପାଇଁ ବ୍ୟଭିଚାରର ସମସ୍ତ ସୀମା ଅତିକ୍ରମ. କରିଥିଲେ। ନିଜର ପ୍ରଭାବ ଓ ପ୍ରତିଷ୍ଠାର ଆଢୁଆଳରେ ତଥାକଥିତ ବନ୍ଧୁମାନଙ୍କ ସନ୍ତୁଷ୍ଟି ପାଇଁ ବିପୁଳ ବ୍ୟୟରେ ନାବାଳିକାଙ୍କୁ ସଂଗ୍ରହ କରି ଗୋପନ ଅଭିସାରର ପଥ ପରିଷ୍କାର କରିଥିଲେ। କିଛି ନିକଟତମ ସହଯୋଗୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ହୋଇଥିବାରୁ ଏହି ଘଟଣାକ୍ରମର ଭିଡିଓ ସୁଟିଂ ମଧ୍ୟ କରାଇଥିଲେ।

ତେବେ ଏପ୍ରକାର ଯୌନ ଶୋଷଣ ସବୁଦିନ ଲୁଚି ରହିପାରିବ ନାହିଁ। ନିର୍ଯାତନା ଓ ଶୋଷଣର ସମ୍ମୁଖୀନ ହୋଇଥିବା ଯୁବତୀ ଦିନେ ନା ଦିନେ ମୁହଁ ଖୋଲିବେ। ତାହା ହିଁ ଶେଷରେ ଘଟିଲା। ଏଫବିଆଇ ପକ୍ଷରୁ ତଦନ୍ତ ହେଲା। ପ୍ରବଳ ଚାପ ସତ୍ତ୍ୱେ ସେ ଦୋଷୀ ସାବ୍ୟସ୍ତ ହେଲେ ଏବଂ ତାଙ୍କୁ ୧୯ ମାସ କାରାଦଣ୍ଡାଦେଶ ଭୋଗିବାକୁ ପଡ଼ିଲା। ଶେଷରେ ସେ ଆତ୍ମହତ୍ୟା କଲେ ବୋଲି କୁହାଯାଇଥିଲେ ମଧ୍ୟ ତାହା ସନ୍ଦେହରୁ ଊର୍ଦ୍ଧ୍ୱରେ ଆସିପାରୁନାହିଁ। ଆମେରିକା ଦୁଇ ପରସ୍ପର ବିରୋଧୀ ଦଳର ନେତା ଏହି ଯୌନ ଶୋଷଣରେ ସଂପୃକ୍ତ ଥିବାରୁ ଏପିଷ୍ଟିନ୍‌ଙ୍କ କଳାକାରନାମାର ସବିଶେଷ ତଥ୍ୟ ପଦାକୁ ଆସିପାରିନାହିଁ। ଏ ସଂକ୍ରାନ୍ତରେ ଭିଡିଓ ରେକର୍ଡିଂ କେଉଁଠି ନା କେଉଁଠି ଲୁକ୍କାୟିତ ହୋଇ ରହିଛି। ତେଣୁ ନେତାଙ୍କ ମୁଣ୍ଡରୁ ବିବାଦ ହଟିନି। ବ୍ରିଟେନର ଯୁବରାଜ ଆଣ୍ଡ୍ରୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ଏହି ଯୌନ କେଳେଙ୍କାରୀ ପୁଣି ଥରେ ପଦାକୁ ଆସିଛି। ଆମେରିକୀୟ ଯୁବତୀ ଭର୍ଜିନିଆ ଜେଫ୍ରି ମୁହଁ ଖୋଲିବାରୁ ଯୁବରାଜ ଆଣ୍ଡ୍ରୁ ବ୍ରିଟେନ ରାଜପରିବାର ପଦମର୍ଯ୍ୟାଦା ସମ୍ମାନରୁ ବଞ୍ଚିତ ହୋଇଛନ୍ତି। କିଛିଦିନ ତଳେ କିଙ୍ଗ ଚାର୍ଲସ୍ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଏହି ପ୍ରସଙ୍ଗକୁ କେନ୍ଦ୍ର କରି କଡ଼ା ବିରୋଧର ସମ୍ମୁଖୀନ ହୋଇଥିଲେ। ତେଣୁ ପ୍ରବଳ ଚାପର ବଶବର୍ତ୍ତୀ ହୋଇ ତୁରନ୍ତ ଆଣ୍ଡ୍ରୁଙ୍କ ଉପାଧି ପ୍ରତ୍ୟାହାର କରାଯିବା ସହ ୱିଣ୍ଡସର କାସଲ ବାସଗୃହରୁ ବିଦାୟ ନେବାକୁ କୁହାଯାଇଛି। ତାଙ୍କଠାରୁ ରାଜ ପରିବାରର ଉପାଧି ଓ ସମ୍ମାନ ପ୍ରତ୍ୟାହାର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।

ଜେଫ୍ରିଙ୍କ ଭଳି ବହୁ ନାବାଳିକା ଏପିଷ୍ଟିନ୍‌ଙ୍କ ଯୌନ କେଳେଙ୍କାରୀର ଶିକାର ହୋଇଛନ୍ତି। ଆଗକୁ ଆଉ ଯେ କିଏ ମୁହଁ ଖୋଲିବ ତାହାର ସମ୍ଭାବନା ଊଣା। ତେବେ ଭିଡିଓ ରେକର୍ଡିଂକୁ ଯେ ନଷ୍ଟ କରାଯାଉଛି ଏକଥା ନୁହେଁ। ଏହା ବେଶୀବର୍ଷ ତଳର ଘଟଣା ନୁହେଁ। ଟ୍ରମ୍ପଙ୍କୁ ନେଇ ବାରମ୍ବାର କଥା ଉଠୁଥିଲେ ମଧ୍ୟ କ୍ଷମତାର ଚାପ ଓ ସାଲିସ ଉଭୟ ଏକ୍ଷେତ୍ରରେ କାମ କରୁଛି। ଗାଜା ବ୍ୟାପାରରେ ଟ୍ରମ୍ପଙ୍କ ଭୂମିକାକୁ ଲକ୍ଷ୍ୟ କଲେ ମୋସାଡର ଭୂମିକା ଆପେ ଆପେ ସନ୍ଦେହ ପରିସରକୁ ଆସି ଯାଉଛି।

## ସୃଜନାତ୍ମକ ବିନାଶ ବନାମ ସୃଜନାତ୍ମକ ସଂରକ୍ଷଣ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ପୁଞ୍ଜିବାଦୀ ଅର୍ଥନୀତି ତଥା ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରଗତି ପଛରେ ସୃଜନଶୀଳ ବା ସୃଜନାତ୍ମକ ବିନାଶ (କ୍ରିଏଟିଭ୍ ଡେଷ୍ଟ୍ରକସନ୍)ର ନିର୍ଣ୍ଣାୟକ ଭୂମିକା ଅବିସମ୍ବାଦିତ ବୋଲି ପ୍ରତିପାଦିତ କରି ୨୦୨୫ର ନୋବେଲ ପୁରସ୍କାରରେ ସମ୍ମାନିତ ହେଲେ ପ୍ରସିଦ୍ଧ ତିନି ଅର୍ଥନୀତିଜ୍ଞ ଜୋଏଲ୍ ମୋକିର୍, ଫିଲିପ୍ ଆଘିଅନ୍ ଓ ପିଟର୍ ହାଓଇଟ୍। ଏହି 'ସୃଜନାତ୍ମକ ବିନାଶ'ର ତତ୍ତ୍ୱଟି ପ୍ରଥମେ ଆମକୁ ଜଣାଇଥିଲେ 'ଜୋସେଫ୍ ସୁମ୍ପିଟର୍'। ଏ ବର୍ଷର ଏହି ଚର୍ଚ୍ଚିତ ନୋବେଲ୍ ବିଜେତାମାନେ ଏହି ନିଷ୍କର୍ଷଟିର ସତ୍ୟତା ତଥା ପ୍ରାମାଣିକତା ଗବେଷଣାଲବ୍ଧ ତଥ୍ୟନିଷ୍ଠ ଯୁକ୍ତି ଆଧାରରେ ଦୃଢ଼ତାର ସହ ସାବ୍ୟସ୍ତ କଲେ। ତେଣୁ ଏବେ ଆମ ବୁଦ୍ଧିଜୀବୀଙ୍କ ତୁଣ୍ଡରେ 'ସୃଜନାତ୍ମକ ବିନାଶ' ରୂପକ ଆପାତତଃ ବିପରୀତାଭାସ ତତ୍ତ୍ୱଟି ଏକ ଘୋଷାପଦ ପାଲଟି ସାରିଲାଣି। ଅନେକ ବି ମାତ୍ରାତିରିକ୍ତ ଉତ୍ସାହ ଦେଖାଇ କହିବାକୁ ଆରମ୍ଭ କଲେଣି ଯେ ପ୍ରତ୍ୟେକ ପ୍ରକାରର ସମୃଦ୍ଧି ବା ବିକାଶ, ତାହା ପ୍ରାକୃତିକ ହେଉ କି ମାନବଜୀବନକୈନ୍ଦ୍ରିକ ହେଉ, ର ଏହା ହେଉଛି ଏକମାତ୍ର ଉତ୍ପ୍ରେରକ।

ଏଥିରେ ବିସ୍ମିତ ହେବାର କାରଣ ଅବଶ୍ୟ ଥାଇ ନପାରେ। କାରଣ ଆମେ ପ୍ରତ୍ୟେକ ଜାଣିଛେ ଯେ ଘଞ୍ଚ ଅରଣ୍ୟଟିଏ ଅଗ୍ନିଦଗ୍ଧ ହେଲା ପରେ ନୂତନ ସବୁଜିମାର ସୃଷ୍ଟି ହୁଏ; ପୁରାତନ ସଂସ୍କୃତି ଓ ପରମ୍ପରା, ପୁରାତନ ଜ୍ଞାନରାଜିରୁ ବେଶ୍ କିଛିକୁ ନେପଥ୍ୟକୁ ହଟାଇ ଦେଇ ନୂତନ ସଂସ୍କୃତି, ପରମ୍ପରା ବା ଜ୍ଞାନରାଜିର ଅଭ୍ୟୁଦୟ ହୁଏ ଏବଂ ପୁରାତନ ପ୍ରବିଧି ବା ପ୍ରାବିଧିକ କୌଶଳର ସ୍ଥାନରେ ନୂତନ ପ୍ରବିଧି, ପ୍ରାବିଧିକ କୌଶଳର ଆବିଷ୍କାର ବା ଉଦ୍‌ଭାବନ ହୁଏ। କିନ୍ତୁ ଦୁର୍ଭାଗ୍ୟଜନକ କଥାଟି ହେଉଛି ଯେ ବର୍ତ୍ତମାନର ଏହି ଲଗାମହୀନ କାଳଖଣ୍ଡରେ ସଂକୀର୍ଣ୍ଣ, ବିଦ୍ୱେଷପୂର୍ଣ୍ଣ ମତାଦର୍ଶର ପ୍ରବକ୍ତା ଓ ଅନ୍ଧଭକ୍ତମାନେ ଆମ ଧର୍ମ, ସଂସ୍କୃତି ତଥା ଜ୍ଞାନପରମ୍ପରାରେ ଥିବା ସକଳ ପ୍ରକାରର ମୁକ୍ତ, ଉଦାର ଚିନ୍ତନ ଓ ସାର୍ବଜନୀନ ବିଚାରଧାରା ସର୍ବାଦୌ ପରିତ୍ୟଜ୍ୟ ବୋଲି ଆମମାନଙ୍କୁ କହୁଛନ୍ତି। ଦେଶପ୍ରେମ, ଜାତିପ୍ରେମ ବା ସଂପ୍ରଦାୟପ୍ରେମର ଦ୍ୱାହି ଦେଇ ଚିରନ୍ତନୀ ମାନବୀୟଆଦର୍ଶ ବା ମୂଲ୍ୟବୋଧ ସବୁର ସ୍ଥାନରେ ଘୃଣା, ଅସୂୟା, ଅସହିଷ୍ଣୁତା, ଧର୍ମୀୟ ବିଭେଦର ବୀଜ ରୋପଣ କରିବାରେ ବିକୃତ ଉତ୍ସାହ ଦେଖାଇ ଚାଲିଛନ୍ତି। ଦୟା, କ୍ଷମା, ସମଭାବାପନ୍ନ, ବିଶ୍ୱପ୍ରେମ ଓ ସର୍ବଧର୍ମସମନ୍ୱୟୀ ଭାବଭାବନାଗୁଡ଼ିକୁ ଖର୍ବ, ମଳିନ, ନିଷ୍ପ୍ରଭ କିମ୍ବା ମୂଳପୋଛ କରିଦେବା ପାଇଁ ହୀନ ମସୁଧା ଚାଲିଛି ସର୍ବତ୍ର।

ଏମିତି ଭ୍ରଷ୍ଟ, ଭ୍ରାନ୍ତ ବିଚାରଧାରାର ତଥାକଥିତ ରାଷ୍ଟ୍ରପ୍ରେମୀ ବା ଧର୍ମପ୍ରେମୀମାନଙ୍କ ସହିତ ଆମ ବୁଦ୍ଧିଜୀବୀ, ଆମ ଜନବିଦ୍ୱାନମାନେ, ଏପରିକି ବିଜ୍ଞାନୀ ଓ ପ୍ରଯୁକ୍ତିବିଦ୍ୟା ବିଶାରଦମାନେ, ସ୍ୱର ମିଳାଇଥିବାର ଭୁରିଭୁରି ଦୃଷ୍ଟାନ୍ତ ଆମ ପାଖରେ। ଏପରି ଏକ ବିଷାକ୍ତ, ବିମର୍ଷକର ବାତାବରଣରେ ବିଚରା ସାଧାରଣ ଜନତା ଅତି ସହଜରେ ପ୍ରତାରିତ ହେବା ଆଦୌ ବିଚିତ୍ର ନୁହେଁ। ମାନବୀୟ ମୂଲ୍ୟବୋଧ, ଗଣତାନ୍ତ୍ରିକ ଆଦର୍ଶ ଓ ଧର୍ମନିରପେକ୍ଷ ବିଚାରଧାରା ସବୁକୁ ପୁରୁଣା, ଘଷରା, ଯୁଗଅନୁପଯୋଗୀ ବୋଲି କହି ଉଗ୍ର, ହିଂସ୍ର, ସାଂପ୍ରଦାୟିକ ମତାଦର୍ଶ ସବୁର ପରିପ୍ରସାର ପାଇଁ ନିରନ୍ତର ପ୍ରୟାସ କରୁଥିବା ନ୍ୟସ୍ତସ୍ୱାର୍ଥଗୋଷ୍ଠୀ ସୃଜନାତ୍ମକ ବିନାଶ ତତ୍ତ୍ୱଟିର ଅପପ୍ରୟୋଗ କରିବାର ସହସ୍ର ସମ୍ଭାବନା ଥିବା ପରି ସ୍ପଷ୍ଟ ବୋଧ ହୁଏ। ତେଣୁ ଏ ସନ୍ଦର୍ଭରେ ଏକ ବିକଳ୍ପ ଚିନ୍ତନର ଆବଶ୍ୟକତା ଅଛି, କାରଣ ପ୍ରତ୍ୟେକ କ୍ଷେତ୍ରରେ ସଂଘଟିତ ହେଉଥିବା ବିକାଶ, ପରିବର୍ଦ୍ଧନ ବା ନବପ୍ରବର୍ତ୍ତନ ପଛରେ ସୃଜନାତ୍ମକ ଧ୍ୱଂସ କି ବିନାଶ ଏକ ଅବଧାରିତ ପ୍ରକ୍ରିୟା ନୁହେଁ।

ଏ ଜୀବନ ଓ ଜଗତରେ ଏମିତି ଅନେକ କ୍ଷେତ୍ର ଅଛି, ଯେଉଁଠି ସୃଜନାତ୍ମକ ବିନାଶ ନୁହେଁ, ବରଂ ସୃଜନାତ୍ମକ ସଂରକ୍ଷଣ ମାଧ୍ୟମରେ ନୂତନକୁ ଆବାହନ ଓ ସ୍ୱାଗତ କରାଯାଇଥାଏ, ଯେଉଁଠି ବିକାଶ, ବିବର୍ତ୍ତନ କି ନବନବ ଉନ୍ମେଷମାନ ଅନବରତ ଘଟିଚାଲିଥାଏ ଧ୍ୱଂସ ବା ବିନାଶର ବିନା ସଂରଚନାରେ। ନୂତନର ଆବାହନ, ନୂତନର ଧରାବତରଣ ପାଇଁ ଯାହାକିଛି ପ୍ରାଚୀନ, ଯାହାକିଛି ପୂର୍ବସୃଷ୍ଟ ବା ପୂର୍ବପ୍ରତିଷ୍ଠିତ ସେ ସବୁକୁ ସଂପୂର୍ଣ୍ଣ ବିନାଶ କରିବା ବା ନେପଥ୍ୟକୁ ଠେଲିଦେବା ସର୍ବଦା ଏକ ଅବଧାରିତ ସତ୍ୟ ନୁହେଁ। ଆଗକୁ ପାଦ ପକାଇ ଚାଲିବା ପାଇଁ ସର୍ବଦା ପଛର ସବୁ ପଦଚିହ୍ନକୁ ଲିଭାଇଦେବା ଆବଶ୍ୟକ ହୋଇନଥାଏ। ପ୍ରେମ, ମମତା, ଅନୁରାଗ ପରି ଆଦିମତମ ତଥା ସହଜାତ ମାନବୀୟ ପ୍ରବୃତ୍ତି ସବୁର କ୍ରମପ୍ରସ୍ଫୁଟନ ପାଇଁ ଲୋଡ଼ା ହେଉଛି ସୃଜନାତ୍ମକ ସଂରକ୍ଷଣ। ଅର୍ଥାତ୍ ଏହି ମାନବୀୟ ଭାବାବେଗ କ୍ରମଶଃ ଗଭୀରରୁ ଗଭୀରତର ହୋଇଥା'ନ୍ତି ପୂର୍ବର ସକଳ ସ୍ମୃତି, ସକଳ ଆବେଗକୁ ଅତୁଟ ରଖି। ପ୍ରଥମ ପ୍ରେମାନୁଭୂତିର ମଧୁଆବେଶକୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରି ପ୍ରେମ ତା'ର ସାର୍ଥକତା ସାଉଁଟି ନଥାଏ, ପୂର୍ଣ୍ଣତା ପ୍ରାପ୍ତ ହୋଇ ନ ଥାଏ। ମା'ର ବାତ୍ସଲ୍ୟ ପ୍ରେମ ସର୍ବଦା ହିଁ ରହିଥାଏ ଜାଜ୍ୱଲ୍ୟମାନ। ବୟସ୍କ ସନ୍ତାନ ପ୍ରତି ମା'ର ପ୍ରେମ ହେଉଛି ସ୍ମୃତି ଓ ଅଭିଜ୍ଞତାର ଆଧାରରେ ବିବର୍ତ୍ତିତ, ପରିପକ୍ୱ ହୋଇଥିବା ସେହି ବାତ୍ସଲ୍ୟ ପ୍ରେମ ମାତ୍ର। ବାତ୍ସଲ୍ୟ ପ୍ରେମ ଅନୁରୂପ ବି ଘନ ଆବେଗଦୀପ୍ତ ରୋମାଣ୍ଟିକ୍ ପ୍ରେମ, ଯା'ର ପ୍ରବାହ ଅବିଚ୍ଛିନ୍ନ ରହିଥାଏ ଅତୀତରୁ ବର୍ତ୍ତମାନ ଏବଂ ଯା'ର ଦୀପ୍ତି ସଂଚରିତ ହୋଇଚାଲିଥାଏ ପାହାନ୍ତା ପ୍ରହରର କୋମଳ ସୂର୍ଯ୍ୟାଲୋକର ଅବିଚ୍ଛିନ୍ନ କ୍ରମସଂଚରଣ ପରି। ପ୍ରେମ, ମମତା ଓ ଅନୁରାଗର ଅଙ୍ଗନ ହେଉଛି ହୃଦୟ ଏବଂ ହୃଦୟ ଜାଣେ ନାହିଁ 'ସୃଜନାତ୍ମକ ବିନାଶ'ର ଭାଷା। ହୃଦୟ କେବଳ ଜାଣେ 'ସୃଜନାତ୍ମକ ସଂରକ୍ଷଣ'ର ଭାଷା। ଏହା କେବଳ ବିଶ୍ୱାସ କରେ 'ସୃଜନାତ୍ମକ ବିକାଶ', 'ବିବର୍ତ୍ତନ' ଓ 'ସୃଜନାତ୍ମକ ପରିବର୍ଦ୍ଧନ'ରେ। ଫିନିକ୍ସ ପକ୍ଷୀ ପରି ପୁନର୍ଜନ୍ମ ନେବାକୁ, ପୁନଃ ସତେଜ ବା ଜୀବନ୍ତ ହେବାକୁ ମାନବୀୟ ପ୍ରେମ, ମମତା ଓ ଅନୁରାଗ କେବେହେଲେ ଲୋଡ଼ି ନ ଥା'ନ୍ତି ଆପଣା ଆପଣାର ଭସ୍ମ ପାଉଁଶ। ଏକ ଗୂଢ଼, ଗଭୀର ଦୃଷ୍ଟିରୁ ବିଚାର କଲେ ଆମେ ନିଶ୍ଚୟ ଉପଲବ୍ଧି କରିପାରିବା ଯେ ଆମ ଜୀବନର ମହାର୍ଘ ଭାବକ୍ଷେତ୍ର ପାଇଁ ସୃଜନଶୀଳ ବା ସୃଜନାତ୍ମକ ବିକାଶର ତତ୍ତ୍ୱଟି ପୂରାପୂରି ନିରାଧାର।

ଖାଲି ପ୍ରେମ ବା ମମତାର କ୍ଷେତ୍ର ନୁହେଁ, ମୈତ୍ରୀ, କରୁଣା, ସମ୍ବେଦନା ଓ ନୈତିକତା ପରି ଶ୍ରେଷ୍ଠତମ ମାନବୀୟ ମୂଲ୍ୟବୋଧ ସବୁର ବିକାଶ ବା ଯୁଗୋପଯୋଗୀ ରୂପାନ୍ତରଣ ପାଇଁ ଆବଶ୍ୟକ ହୋଇନଥାଏ କୌଣସି ପ୍ରକାର ବିନାଶର ପ୍ରକ୍ରିୟା। ଏ ସମସ୍ତ ମୂଲ୍ୟବୋଧର ଉତ୍ସ ହେଉଛି ମାନବର ଅନ୍ତର୍ମନ ବା ଚେତନା। ମାନବୀୟ ଚେତନାର କ୍ରମବିକାଶ ସହ ତାଳ ଦେଇ ବିବର୍ତ୍ତିତ ବା ବିକଶିତ ହୋଇଥାଏ ମୂଲ୍ୟବୋଧଭିତ୍ତିକ ମାନବଜୀବନ। ପ୍ରସ୍ତର ଯୁଗର ଅନ୍ଧାରି ବଳୟରୁ ଧୀରେ ଧୀରେ ସଚେତନତାର ଆଲୋକକୁ ଆସୁଥିବା ମଣିଷ ପ୍ରଥମେ କେବଳ ଆପଣାର ସୁରକ୍ଷା, ନିରାପତ୍ତା ନିଶ୍ଚିତ କରିବା ପାଇଁ କେତୋଟି ନୀତି, ନିୟମ ମାନିବାକୁ ଚାହିଁଥିବ ଏବଂ ପରେ ସେ ସବୁର ଉପଯୋଗିତା ତା' ପାଖରେ ସ୍ପଷ୍ଟ ହୋଇଯିବା ପରେ ସେ ବୁଝିଯାଇଥିବ ଯେ ସେ ନୀତି, ନିୟମ ବା ଲକ୍ଷ୍ମଣରେଖାମାନଙ୍କର ଉଲ୍ଲଙ୍ଘନ ତା'ର ଅସ୍ତିତ୍ୱ ପାଇଁ ବିପଜ୍ଜନକ। ମଣିଷ ତା'ର ସଭ୍ୟତାର ବ୍ରାହ୍ମ ମୁହୂର୍ତ୍ତରୁ ଏ ପର୍ଯ୍ୟନ୍ତ ମୈତ୍ରୀ, ପ୍ରୀତି, କରୁଣା ଓ ନୈତିକତା ଆଦି ମହନୀୟ ମାନବୀୟଭାବ, ନୀତି ବା ଆଦର୍ଶର ପରିପୁଷ୍ଟି କରିଆସିଛି ବିନା ସୃଜନାତ୍ମକ ବିନାଶ ତତ୍ତ୍ୱର ସଚେତନ ପ୍ରୟୋଗରେ। ପୁରାତନ ଆତ୍ମିକ ଭାବସଂପଦ, ପୁରାତନ ମୂଲ୍ୟବୋଧର ଧ୍ୱଂସସାଧନ ନୁହେଁ, ସଚେତନ ଅଙ୍ଗୀକାର ସଚେତନ ସଂରକ୍ଷଣ ମାଧ୍ୟମରେ ସେ ସବୁର ଦୃଢ଼ୀକରଣ ଓ ପରିବର୍ଦ୍ଧନ ହୋଇଥାଏ। ନ୍ୟାୟପ୍ରଦାନର ଦାୟରେ ଦୟା, କ୍ଷମା ବା କରୁଣାର ବିନାଶ କାମ୍ୟ ନୁହେଁ, ସାହସ ପ୍ରଦର୍ଶନ ପାଇଁ ନମ୍ରତା ବା ସଂବେଦନାର ବିନାଶ କାମ୍ୟ ନୁହେଁ କି ନିରପେକ୍ଷ ସତ୍ୟର ପ୍ରତିଷ୍ଠା ପାଇଁ ପ୍ରେମଭାବର ବିନାଶ କାମ୍ୟ ନୁହେଁ।

ଉତ୍ତରୋତ୍ତର ଭୌତିକ ତଥା ଅର୍ଥନୈତିକ ପ୍ରଗତିର ଧାରାରେ ସୃଜନାତ୍ମକ ଧ୍ୱଂସ ବା ବିନାଶ (କ୍ରିଏଟିଭ ଡେଷ୍ଟ୍ରକସନ୍)ର ପ୍ରାସଙ୍ଗିକତା ଅବଶ୍ୟ ଅନସ୍ୱୀକାର୍ଯ୍ୟ। ଅତ୍ୟାଧୁନିକ ପ୍ରଯୁକ୍ତିର ପ୍ରୟୋଗ, ଅତ୍ୟାଧୁନିକ ପ୍ରବିଧିମାନଙ୍କ ନିର୍ମାଣ, ବିନିର୍ମାଣ କ୍ରମରେ ଲିପ୍ତ ବିଶାରଦ, ବିଶେଷଜ୍ଞମାନେ ସୃଜନାତ୍ମକ ବିନାଶର ମନ୍ତ୍ରଟି ଉଚ୍ଚାରଣ କରି ପୁରୁଣାର ଯଜ୍ଞାନଳରେ ଆହୂତି ପ୍ରଦାନ କରୁଥା'ନ୍ତୁ। ନୂଆର ଧରାବତରଣ କରାଇ ଚାଲିଥା'ନ୍ତୁ, ନବପ୍ରବର୍ତ୍ତନ ମାଧ୍ୟମରେ। କିନ୍ତୁ ସକଳ ପ୍ରକାରର ବିକାଶ, ପରିବର୍ତ୍ତନ ବା ପରିବର୍ଦ୍ଧନ ପାଇଁ ପୂରାତନର ସମୂଳ ଉତ୍ପାଟନ, ସମୂଳ ବିସର୍ଜନ ଯେ ଅପରିହାର୍ଯ୍ୟ-ଏହା ଆଦୌ ଏକ ନିର୍ବିବାଦୀୟ ସତ୍ୟ ନୁହେଁ। ଆମେ ଯଦି ଏପରି ଭାବିବସିବା ଆମେ ମତାନ୍ଧ ହୋଇଯିବା, ଏକପ୍ରକାର ରୂଢ଼ିବାଦୀ ଧାରଣାର ଅନ୍ଧଭକ୍ତ ହୋଇଯିବା ଏବଂ ଜୀବନ ଓ ଜଗତ ପାଇଁ ଅତି ଶ୍ରେୟସ୍କର ଅନେକ ମହାର୍ଘ ଭାବସଂପଦ, ଅନେକ ମହାର୍ଘ ଗୁଣରାଜିର ବିନାଶପର୍ବର ପୁରୋଧା ହୋଇଯିବା, ଯେମିତି ହୋଇଚାଲିଛେ ଏବେ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ

ଡ. ଅଭିମନ୍ୟୁ ବରାଳ

ଆମ ଜନ୍ମଭୂମି ଭାରତବର୍ଷ ପ୍ରାଚୀନ ସଂସ୍କୃତିସମ୍ପନ୍ନ ସଭ୍ୟ ଦେଶ। ଏ ଦେଶର ବେଦ, ବେଦାନ୍ତ, ଉପନିଷଦ, ପୁରାଣ, ଜ୍ୟୋତିଷ, ସାହିତ୍ୟ, ବ୍ୟାକରଣ, ନ୍ୟାୟ, ମୀମାଂସା, ଅର୍ଥନୀତି ଓ ରାଜନୀତି ଆଦି ଥିଲା ଉନ୍ନତତର। ନାଳନ୍ଦା, ତକ୍ଷଶିଳା, ପୁଷ୍ପଗିରି ପ୍ରଭୃତି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଦେଶବିଦେଶରୁ ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରୁଥିଲେ। ଇଂରେଜମାନେ ଭାରତବର୍ଷକୁ ଅଧିକାର କରିବା ପରେ ଦେଖିଲେ ଯେ ଏ ଦେଶର ଶିକ୍ଷାଦାନ ପଦ୍ଧତି ଅତ୍ୟନ୍ତ ଉନ୍ନତ। ବେଦ, ବେଦାନ୍ତ ଓ ସଂସ୍କୃତ ଭାଷା ଏ ଜାତିକୁ ଉନ୍ନତ କରି ରଖିଛି। ତେଣୁ ଏ ଶିକ୍ଷା ବ୍ୟବସ୍ଥାକୁ ଯଦି ବିଭ୍ରାଟ କରିଦିଆଯାଏ ତେବେ ଭାରତୀୟମାନେ ଆମର ପଦାଙ୍କ ଅନୁସରଣ କରିବେ। ବେଶପୋଷାକ, ଚାଲିଚଳଣି ସବୁ ପରିବର୍ତ୍ତନ ହୋଇଯିବ। ଏମାନେ ସଂସ୍କୃତ ନ ପଢ଼ି ଇଂରାଜୀ ପଢ଼ିବେ। ବେଦ ବେଦାନ୍ତ ନ ପଢ଼ି ଇଂରାଜୀ ଉପନ୍ୟାସ (ନଭେଲ) ଓ ଗଳ୍ପାଦିକୁ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ।

ତେଣୁ ଇଂରେଜମାନେ ଯେଉଁ ଶିକ୍ଷାର ପ୍ରବର୍ତ୍ତନ କଲେ ସେଥିରେ ନଥିଲା ନୈତିକତାର ଲେଶମାତ୍ର ସୂଚନା। ତାହା ଥିଲା କେବଳ ଚାକିରି କୈନ୍ଦ୍ରିକ ବିଦ୍ୟା। ନାଳନ୍ଦା, ତକ୍ଷଶିଳା ପ୍ରଭୃତି ବିଶ୍ୱବିଦ୍ୟାଳୟରେ ଯେଉଁ ଶିକ୍ଷା ଦିଆଯାଉଥିଲା, ତାହା ନୈତିକତା ତଥା ବୌଦ୍ଧିକ ବିକାଶର ଶିକ୍ଷା। ଚୀନ ପରିବ୍ରାଜକ ହୁଏନ୍ ସାଂ ସ୍ୱୀୟ ବିବରଣୀରେ ଆମ ଶିକ୍ଷା ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିଛନ୍ତି। ତେଣୁ ସ୍ୱାର୍ଥପର ଇଂରେଜମାନେ ନିଜ ସ୍ୱାର୍ଥ ସିଦ୍ଧି ପାଇଁ ବିଶ୍ୱବିଦ୍ୟାଳୟକୁ ପ୍ରାୟ ଅଚଳ କରିଦେଲେ। ସେଥିରେ ଥିବା ବିଶାଳ ପାଠାଗାରକୁ ଅନଳ ଲଗାଇ ଭସ୍ମୀଭୂତ କରିଦେଲେ। ଶୁଣାଯାଏ ଉକ୍ତ ପାଠାଗାର ଦୀର୍ଘ ୬ ମାସ ପର୍ଯ୍ୟନ୍ତ ଜଳିଲା। ଫଳରେ ଅନେକ ଦୁଷ୍ପ୍ରାପ୍ୟ ଗ୍ରନ୍ଥ, ତାଳପତ୍ର ପୋଥି ଜଳିପୋଡ଼ି ପାଉଁଶ ହୋଇଗଲା। ଭାରତର ଶିକ୍ଷାଗତ ମେରୁଦଣ୍ଡକୁ ଭାଙ୍ଗିଦେବାରେ ଏହା ଥିଲା ଇଂରେଜମାନଙ୍କର ପ୍ରଥମ ଅଭିନବ କୌଶଳ। ଫଳରେ ଭାରତୀୟମାନେ ପାଶ୍ଚାତ୍ୟାଭିମୁଖୀ ତଥା ପରମୁଖାପେକ୍ଷୀ ହୋଇଗଲେ। ସେମାଙ୍କର ସ୍ୱାଧୀନ ଚିନ୍ତା ଓ ଚେତନା ବିଲୁପ୍ତ ହୋଇଗଲା। ତେଣୁ ଇଂରେଜମାନେ ଦୀର୍ଘଦିନ ଧରି ଏ ଦେଶକୁ ଶାସନ କରିବାର ସୁଯୋଗ ପାଇଗଲେ। ବ୍ୟାସକବି ଫକୀରମୋହନ ଯଥାର୍ଥରେ କହିଛନ୍ତି,

'ହିଷ୍ଟ୍ରି, ଫିଲୋସୋଫି, ବଟାନୀ ବିଦେଶୁ ହୋଇଛି ଏ ଆମଦାନୀ / ପିଲାଏ ଖାଆନ୍ତି ଏ ସବୁ ଫଳ ପାପ ଟଙ୍କା ଗଣିଦିଏ କେବଳ / ଏ ସବୁ ଫଳର ଗୁଣ ଓଲଟା ହୁଏ ଦେହ ସରୁ ବୁଦ୍ଧିଟା ମୋଟା / ମାତ୍ରକ ହଜମ ଯେପରି ଜାଣି ଜଗତ ଜିଣେ ସେ ଆପଣା ଜ୍ଞାନେ।'(ମୁଁ ହାଟ ବାହୁଡ଼ା)

ପ୍ରାଚୀନ ଭାରତରେ ଋଷିମୁନିମାନେ ଗୁରୁକୁଳ ଆଶ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରୁଥିଲେ। ସେମାନେ ଶିଷ୍ୟମାନଙ୍କୁ ପୁତ୍ରବତ୍ ଜ୍ଞାନ ପ୍ରଦାନ କରୁଥିଲେ। ଶିକ୍ଷାଦାନର ପଦ୍ଧତି ଭିନ୍ନ ଥିଲା। ଶିକ୍ଷା ଶେଷରେ ଏକ ଆଦର୍ଶ ମଣିଷ ଭାବରେ ଛାତ୍ରଟି ସମାଜର ମୁଖ୍ୟ ସ୍ରୋତରେ ମିଶି ନିଜ ଜୀବନଯାତ୍ରା ପଥରେ ଅଗ୍ରସର ହେଉଥିଲା। ସେଠାରେ ବେଦ ବେଦାନ୍ତଠାରୁ ଆରମ୍ଭ କରି କୃଷି ଏବଂ ବ୍ରହ୍ମଚର୍ଯ୍ୟ ପାଳନର ଶିକ୍ଷା ଦିଆଯାଉଥିଲା। ଏଥିପାଇଁ ଶିଷ୍ୟକୁ କୌଣସି ମୂଲ୍ୟ ଦେବାକୁ ପଡୁ ନ ଥିଲା। ଶିକ୍ଷା ସମାପ୍ତି ପରେ ଗୁରୁ ନିଜ ଇଚ୍ଛାରେ ଗୋଟିଏ ଦକ୍ଷିଣା ମାଗୁଥିଲେ। ଠିକ୍ ସେହିପରି ଥିଲା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ବକୁଳ ଛୁରିଅନା କୁଞ୍ଜର ବନ ବିଦ୍ୟାଳୟ। ବକୁଳ, ତମାଳ ତରୁ ବ୍ରତତୀର ସ୍ନିଗ୍ଧ ଛାୟାରେ ବସି ଛାତ୍ରମାନେ ଗୁରୁଙ୍କ ମୁଖରୁ ଶିକ୍ଷା ଗ୍ରହଣ କରୁଥିଲେ। ବନ ବିଦ୍ୟାଳୟର ଗୁରୁମାନେ ମଧ୍ୟ ଋଷି ପ୍ରତିମ ଥିଲେ। ପରବର୍ତ୍ତୀ କାଳରେ ଜନପଦମାନଙ୍କରେ ମାଟିବଂଶର ଅବଧାନମାନେ ଶିକ୍ଷାଦାନ କଲେ। ଧନୀ ଜମିଦାରଙ୍କ ବ୍ୟତୀତ ଖୁବ କମ୍ ପିଲା ଅଧ୍ୟୟନର ସୁଯୋଗ ପାଇଲେ। ପରେ ଗ୍ରାମ୍ୟ ଚାଟଶାଳୀରେ ସମସ୍ତ ବର୍ଗର ଛାତ୍ର ଅଧ୍ୟୟନ କରିବାର ସୁଯୋଗ ପାଇଲେ। ଛାନ୍ଦ, ପ୍ରବନ୍ଧ, ପଣିକିଆ ପ୍ରଭୃତି ସେଠାରେ ଅବଧାନେ ଶିକ୍ଷାଦାନ କଲେ। କିନ୍ତୁ ତାହା ମଧ୍ୟ ସାର୍ବଜନୀନ ହୋଇପାରିଲା ନାହିଁ।

ସ୍ୱାଧୀନତା ପରେ ସରକାରୀ ପ୍ରାଥମିକ ବିଦ୍ୟାଳୟମାନ ପ୍ରତିଷ୍ଠା କରାଗଲା। ଆଧୁନିକ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନେ ସ୍ୱଚ୍ଛନ୍ଦରେ ଅଧ୍ୟୟନ କରିପାରିଲେ। ଗାଁରେ ଥିବା ସରକାରୀ ଜମିରେ ବିଦ୍ୟାଳୟ ଖୋଲାଗଲା। ଅନେକ ସ୍ଥଳରେ ଧନିକ ଶ୍ରେଣୀର ଲୋକମାନେ ଜମି ଦେଇ ଘରଦ୍ୱାର ମଧ୍ୟ ତୋଳାଇ ଦେଲେ। ଗ୍ରାମବାସୀମାନେ ବିଦ୍ୟାଳୟର ରକ୍ଷଣାବେକ୍ଷଣ ତଥା ପରିଚାଳନା ଦାୟିତ୍ୱ ନେଲେ। କ୍ରମଶଃ ଝିଅମାନେ ବିଦ୍ୟାଳୟକୁ ଆସିଲେ। ଏହାପୂର୍ବରୁ ତତ୍କାଳୀନ ସମାଜରେ ଝିଅମାନେ ବାହାରକୁ ଯାଇ ପାଠ ପଢ଼ିବା ଏକ ଦୁରୁହ କାର୍ଯ୍ୟ ଥିଲା। ବ୍ୟାସକବି ଫକୀରମୋହନଙ୍କ ରେବତୀ ଗଳ୍ପ ଏହାର ଏକ ପ୍ରତିଫଳନ। ଛାତ୍ର-ଶିକ୍ଷକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପିତ ହେଲା। ଅଭିଭାବକମାନେ ମଧ୍ୟ ବିଦ୍ୟାଳୟ ସହିତ ସମ୍ପର୍କ ରକ୍ଷା କରୁଥିଲେ। କୌଣସି ଛାତ୍ର ବିଦ୍ୟାଳୟକୁ ନ ଆସିଲେ ଶିକ୍ଷକ ତା' ଘରକୁ ଯାଇ ଭଲମନ୍ଦ ବୁଝିବା ସହିତ ତାକୁ ଡାକି ଆଣୁଥିଲେ। 'ସମସ୍ତେ ପଢ଼ିବେ ସମସ୍ତେ ବଢ଼ିବେ', 'ଶିକ୍ଷା ହେଉଛି ମଣିଷର ମୌଳିକ ଅଧିକାର।' ସମ୍ବିଧାନର ଧାରା ୨୧ (ଏ)ରେ ଏହା ନିଶ୍ଚିତ କରାଯାଇଛି। ଗାଁ ଗହଳିରେ ଶିକ୍ଷକମାନେ ସମ୍ମାନିତ ବ୍ୟକ୍ତି ଭାବରେ ପ୍ରତିଷ୍ଠା ପାଇଲେ। ବିଦ୍ୟାଳୟର ଶୈକ୍ଷିକ ବାତାବରଣ ବେଶ୍ ମନୋରମ ହୋଇପାରିଲା।

ଶିକ୍ଷାଳୟ ଜ୍ଞାନର ମନ୍ଦିର। ଏହା ଅତ୍ୟନ୍ତ ପବିତ୍ର ସ୍ଥାନ। ସେହିପରି ଅଧ୍ୟୟନ ଏକ ମହାଯଜ୍ଞ। ଏଥିରେ ଛାତ୍ର ଜଜମାନ, ଶିକ୍ଷକ ପୁରୋହିତ। ଶିକ୍ଷାୟତନ ଏକ ଯଜ୍ଞଶାଳା। ସତ୍ୟବାଦୀ ବନ ବିଦ୍ୟାଳୟ ଏବଂ ସ୍ୱାଧୀନତା ପରେ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ମୌଳିକ ଶିକ୍ଷା ଏବଂ ମୌଳିକ ବିଦ୍ୟାଳୟମାନଙ୍କରେ ନ୍ୟୂନାଧିକେ ଏ ସବୁ ଦେଖିବାକୁ ମିଳୁଥିଲା। ସମୟକ୍ରମେ ଆଧୁନିକତାର ଦ୍ୱାହି ଦେଇ ଏହାର ପବିତ୍ରତା ନଷ୍ଟ ହୋଇଚାଲିଛି। ଏବେ ଆଉ ପ୍ରାଥମିକ ବିଦ୍ୟାଳୟରେ ସେ ଗୌରବ ନାହିଁ କି ସେ ଶୈକ୍ଷିକ ବାତାବରଣ ଆଉ ନାହିଁ। ଶିକ୍ଷକମାନେ ଚାକିରି କରି ଅର୍ଥ ଉପାର୍ଜନ ପାଇଁ ଆସୁଛନ୍ତି। ମାତ୍ର ପିଲାଟିର ଉନ୍ନତି ବିଷୟରେ ସେମାନେ ଚିନ୍ତା କରୁନାହାନ୍ତି। ବିଦ୍ୟାଳୟର ଝାଟିମାଟି ଚାଳଘର ଏବେ କୋଠାରେ ପରିଣତ ହୋଇଯାଇଛି। ସେହି ଅଞ୍ଚଳକୁ ଦଣ୍ଡମୁକ୍ତ ଅଞ୍ଚଳ କରି ଦିଆଯାଇଛି। କେତେକ ଛାତ୍ର ଖାଲି ମଧ୍ୟାହ୍ନଭୋଜନ ପାଇଁ ସ୍କୁଲକୁ ଆସୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ।

ପାଶ୍ଚାତ୍ୟ ଦେଶକୁ 'ମ୍ଳେଚ୍ଛ ଦେଶ' ବୋଲି 'ମନୁ ସଂହିତା'ରେ କୁହାଯାଇଛି। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ଆଜି ସବୁକିଛି ବଦଳିଯାଇଛି। ଆଜି ଭାରତୀୟମାନେ ବିଦେଶରୁ ଶିକ୍ଷାଲାଭ କରି ଆସିବା ପରେ ତାଙ୍କୁ ଏଠାରେ ସମ୍ମାନ ଦିଆଯାଉଛି ଏବଂ ସେମାନେ ଗର୍ବ ଅନୁଭବ କରୁଛନ୍ତି। ଏ ସବୁକୁ ଦେଖିଲେ ମନରେ ସ୍ୱତଃ ପ୍ରଶ୍ନଟିଏ ଉଠୁଛି - ଏ କ'ଣ ସେହି ଭାରତବର୍ଷ, ଯିଏ ଦିନେ ଶିକ୍ଷା କ୍ଷେତ୍ରରେ ଅପୂର୍ବ ଗୌରବର ଅଧିକାରୀ ହୋଇ ବିଶ୍ୱଗୁରୁର ସମ୍ମାନ ଲାଭ କରିଥିଲା? ତା'ଠାରୁ ବଡ଼ ପ୍ରଶ୍ନ ହେଉଛି ବିଶ୍ୱଗୁରୁ ଭାରତର ସେ ହୃତଗୌରବ ସତରେ କ'ଣ ଆଉ ଫେରିବନି?

ସାକ୍ଷୀଗୋପାଳ(ପୁରୀ), ମୋ: ୯୯୩୭୮୩୫୨୩୦

## ଧାତବ ଜୈବିକ ଆଧାରକୁ ନୋବେଲ ସ୍ୱୀକୃତି

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଚଳିତ ବର୍ଷ (୨୦୨୫) ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଉଛି ଜାପାନର କିଓଟୋ ବିଶ୍ୱବିଦ୍ୟାଳୟ ସୁସୁମୁ କିଟାଗାୱା, ମେଲବୋର୍ଣ୍ଣ ବିଶ୍ୱବିଦ୍ୟାଳୟର ରିଚାର୍ଡ ରୋବ୍‌ସନ ଏବଂ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଓମାର ୟାଘିଙ୍କୁ। ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଉଦଭାବନ 'ଧାତବ-ଜୈବିକ ଆଧାର' (ମେଟାଲ-ଅର୍ଗାନିକ ନେଟୱାର୍କ୍ ବା ସଂକ୍ଷେପରେ ଏମ୍‌ଓଏଫ୍) ଲାଗି। ଏହି ପଦାର୍ଥଗୁଡ଼ିକରେ ଧାତବ ଆୟନ୍‌ଗୁଡ଼ିକ ଜୈବିକ ଅଣୁମାନଙ୍କ ଦ୍ୱାରା ଏକ ନିୟମିତ ପୁନରାବୃତ୍ତି ଘଟୁଥିବା ଢଙ୍ଗରେ ସଂଯୁକ୍ତ ହୋଇ ତ୍ରିପରିସରୀୟ ସଂରଚନାଟିଏ ସୃଷ୍ଟି କରିଥା'ନ୍ତି। ଏହା ବିଷୟରେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏଥିରେ ଥିବା ଧାତବ ଆୟନ ଏବଂ ଜୈବିକ ଅଣୁ ମଧ୍ୟରେ ଶୂନ୍ୟସ୍ଥାନ ବିଶାଳକାୟ ରନ୍ଧ୍ର ରୂପେ କାର୍ଯ୍ୟ କରି ଏହାକୁ ଅତ୍ୟନ୍ତ ସଚ୍ଛିଦ୍ର କରିଥା'ନ୍ତି। ୟାଘିଙ୍କ କହିବା ଅନୁସାରେ ଏକ ଗ୍ରାମ ଏମ୍‌ଓଏଫ୍‌ର ଆଭ୍ୟନ୍ତରୀଣ ପୃଷ୍ଠଭୂମିର ଆକାର ପ୍ରାୟ ଏକ କ୍ଷୁଦ୍ର ଫୁଟବଲ ପଡ଼ିଆ ସହିତ ସମାନ। ଏହି କାରଣରୁ ଏଗୁଡ଼ିକ ଜେଓଲାଇଟ୍ ଏବଂ ମେସୋପୋରୋସ୍ ସିଲିକା ଭଳି ଅନ୍ୟାନ୍ୟ ସଚ୍ଛିଦ୍ର ପଦାର୍ଥ ତୁଳନାରେ ବହୁଗୁଣ ଅଧିକ ଶୋଷଣକାରୀ ରୂପେ କାର୍ଯ୍ୟ କରେ।

ବିଭିନ୍ନ ଧାତୁ ବ୍ୟବହାର କରି ଏବଂ ଜୈବିକ ସଂଯୋଗକାରୀ ଅଣୁ ଦ୍ୱାରା ଏମ୍‌ଓଏଫ୍‌ର ରନ୍ଧ୍ରଗୁଡ଼ିକୁ ସାନ କିମ୍ବା ବଡ଼ କରାଯାଇ ପାରିବା ସହିତ ତାହାକୁ ଅଧିକ ସକ୍ରିୟ କରିହେବ। ଅତଏବ, ତାହାକୁ ବାଷ୍ପ ସଂଚୟ କିମ୍ବା ବିଭିନ୍ନ ପ୍ରକାର ପରିସ୍ରବଣ କିମ୍ବା ଅଙ୍ଗାରକାମ୍ଳ ଶୋଷଣ ଆଦି କାର୍ଯ୍ୟରେ ନିୟୋଜିତ କରାଯାଇପାରିବ। ପୁନଶ୍ଚ ଏହାର ରାସାୟନିକ ଧର୍ମ ବଦଳାଇ ଏହାକୁ ଉତ୍ପ୍ରେରଣ, ବିଦ୍ୟୁତ୍ ରସାୟନ ବିଜ୍ଞାନ ଏବଂ ଫ୍ଲୋରେସେନସ୍‌ଭିତ୍ତିକ ଚିତ୍ର ଉତ୍ତୋଳନ ଆଦିରେ ବ୍ୟବହାର କରିହେବ।

ରୋବସନ୍ ୧୯୮୦ ଦଶକରେ ହୀରାର ସଂରଚନା ଅନୁକରଣରେ ତମ୍ବା ଧାତୁର ଆୟନ ସହିତ ଏକ ଜୈବିକ ଅଣୁ (ଲିଜେଣ୍ଡ) ଯୋଡ଼ି ଏହା ପ୍ରସ୍ତୁତ କରିବାକୁ ଉଦ୍ୟମ ଚଳାଥିଲେ। ଏଥିରେ ତାଙ୍କୁ ସଫଳତା ମିଳିଲା ୧୯୮୯ ମସିହାରେ। ତପରେ ୟାଘି ଏବଂ କିଟାଗାୱା ବିଭିନ୍ନ ଧାତବ ଆୟନ ଏବଂ ସଂଯୋଗକାରୀ ଜୈବିକ ଅଣୁ (ଲିଜେଣ୍ଡ) ବ୍ୟବହାର କରି ଏକ୍ଷେତ୍ରକୁ ବିକଶିତ କରିବାକୁ ଲାଗିଲେ। ଫଳରେ ପରବର୍ତ୍ତୀ ବର୍ଷମାନଙ୍କରେ ତାହା ଅଧିକରୁ ଅଧିକ ପ୍ରସ୍ତୁତ କରିବା ସମ୍ଭବ ହେଲା ଏବଂ ୨୦୦୦-ଦଶକ ବେଳକୁ ଏଥିରୁ ମାତ୍ର କେତେ ଡଜନ୍ ତିଆରି ହୋଇ ପାରିଥିବା ସ୍ଥଳେ ବିଗତ ବର୍ଷ (୨୦୨୪) ଏହା ପ୍ରାୟ ୧୦ ହଜାର ପର୍ଯ୍ୟନ୍ତ ହୋଇପାରିଛି। ଅତଏବ ଆଜି ସୁଦ୍ଧା ଏଗୁଡ଼ିକର ସଂଖ୍ୟା ଏକ ଲକ୍ଷ ଅତିକ୍ରମ କରିଗଲା, ଯାହାକି ଅତ୍ୟନ୍ତ ସୁଦୃଢ଼ ଏବଂ ୩୦୦ ରୁ ୩୫୦ ଡିଗ୍ରୀ ସେଲ୍ସିୟସ୍ ତାପ ସହ୍ୟ କରିପାରୁଛି।

ଇତିମଧ୍ୟରେ ବିଭିନ୍ନ ଦେଶର କମ୍ପାନୀମାନେ ଏହାକୁ ବ୍ୟବସାୟିକ ଭିତ୍ତିରେ ଉତ୍ପନ୍ନ କରି ନାନାଦି କାର୍ଯ୍ୟରେ ଲଗାଇବା ପାଇଁ ଅର୍ଥ ବିନିଯୋଗ କରିବା ଆରମ୍ଭ କରିଦେଲେଣି। ଉଦାହରଣ ସ୍ୱରୂପ ଇଂଲଣ୍ଡର 'ନୂଆଡା' ନାମକ କମ୍ପାନୀ ସତେଜ ଫଳ ଓ ପନିପରିବା ଆଦିକୁ ଦୀର୍ଘକାଳ ଧରି ଗଚ୍ଛିତ ରଖିବାରେ ଏହାକୁ ଉପଯୋଗ କରୁଛି। ଏଥିରେ ବ୍ୟବହୃତ ଏମ୍‌ଏଫ୍‌ଓରେ ରହୁଛି ଏକ ରାସାୟନିକ ପଦାର୍ଥ, ଯାହାକି ସେଗୁଡ଼ିକୁ ନଷ୍ଟ ହେବାକୁ ଦେଉନାହିଁ। ସେହିପରି ଆମେରିକାର 'ନୂମାଟ୍' କମ୍ପାନୀ ତିଆରି କରିଥିବା ଏହି ଜାତୀୟ ଏକ ନୂତନ ପଦାର୍ଥ ଶିଳ୍ପରୁ ନିର୍ଗତ ପ୍ରଦୂଷଣକାରୀ ବାଷ୍ପରୁ ଅଙ୍ଗାରକାମ୍ଳ ଏବଂ ଅଲଗା ଅଲଗା ଭାବେ ଅନ୍ୟାନ୍ୟ ବାଷ୍ପଗୁଡ଼ିକୁ ଶୋଷଣ କରି ଧରିରଖୁଛି। ସେଗୁଡ଼ିକୁ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ବ୍ୟବହାର କରାଯାଉଛି। ଅନ୍ୟପକ୍ଷରେ ଜଳାଭାବର ସମ୍ମୁଖୀନ ହେଉଥିବା ଉପସାଗରୀୟ ଦେଶମାନଙ୍କରେ ବ୍ୟବହାର ଏହାର 'ମେଟ୍' ନାମକ କମ୍ପାନୀ କେତେ ପ୍ରକାର ଏମ୍‌ଓଏଫ୍ ତିଆରି କରି ବ୍ୟବସାୟିକ ଭିତ୍ତିରେ ବାୟୁରୁ ଜାତୀୟ ବାଷ୍ପ ଶୋଷଣ କରି ତାହାକୁ ତରଳ ଜଳରେ ପରିଣତ କରିବା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ସେଠାରେ ପାନୀୟ ଜଳସଂକଟକୁ କିଛିମାତ୍ରାରେ ଦୂର କରିପାରିବ। ବୈଜ୍ଞାନିକମାନେ ଆଶା କରନ୍ତି ଯେ ଆଗାମୀ ଦିନମାନଙ୍କରେ ଏହାର ବିଭିନ୍ନ କିସମ ଅଧିକରୁ ଅଧିକ ସଂଖ୍ୟାରେ ପ୍ରସ୍ତୁତ ହେବ। ତାହା ମାନବଜାତିର ବିବିଧ କଲ୍ୟାଣକାର କ୍ଷେତ୍ରରେ ବିନିଯୋଗ ହୋଇ ପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେପିରେ ଯୋଗ ଦେଲେ ଅମର ପଟ୍ଟନାୟକ

ଭୁବନେଶ୍ୱର,୩।୧୧(ସମିସ): ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ଆଜି ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଅମରଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ବିଜେପିରେ ଯୋଗ ଦେଇଥିବା ଅମର କହିଛନ୍ତି।

# ସୁବିଧାବାଦୀ ରାଜନୀତିର ଉତ୍କୃଷ୍ଟ ଉଦାହରଣ : ବିଜେଡି

ଭୁବନେଶ୍ୱର,୩।୧୧(ସମିସ): ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ବିଜେପିରେ ଯୋଗଦାନକୁ କଡ଼ା ସମାଲୋଚନା କରିଛି ବିଜେଡି । ତାଙ୍କର

- ବିଜେଡି ଅମର ପଟ୍ଟନାୟକଙ୍କୁ ଦେଇଥିଲା ରାଜନୈତିକ ପରିଚୟ
- ଅମର ସ୍ପଷ୍ଟ କରନ୍ତୁ ଭୋଟ ଚୋରି ସଂପର୍କରେ ନିଜ ଆଭିମୁଖ୍ୟ

ବିଜେପି ଯୋଗଦାନ ସୁବିଧାବାଦୀ ରାଜନୀତିର ଉତ୍କୃଷ୍ଟ ଉଦାହରଣ ଓ ଏହାଦ୍ୱାରା ବିଜେଡିରେ ସାମାନ୍ୟ ପ୍ରଭାବ ପଡ଼ିବ ନାହିଁ ବୋଲି କହିଛି ବିଜେଡି।

ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦିକା ତଥା ରାଜ୍ୟସଭା ସାଂସଦ ସୁଲତା ଦେଓ, ମୁଖପାତ୍ର ଡ. ଲେନିନ୍ ମହାନ୍ତି, ସାଧାରଣ ସମ୍ପାଦିକା ରଞ୍ଜିତା ସାହୁ ଓ ରୀତାଞ୍ଜଳି ପ୍ରଧାନ ପ୍ରମୁଖ ଅମର ପଟ୍ଟନାୟକଙ୍କ ଏପରି କାର୍ଯ୍ୟକୁ



ତୀବ୍ର ସମାଲୋଚନା କରିଛନ୍ତି। ସୁଲତା କହିଛନ୍ତି ଯେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅମର ପଟ୍ଟନାୟକଙ୍କୁ ରାଜ୍ୟସଭା ପଠାଇଥିଲେ। ତାଙ୍କୁ ଦଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସହ ରାଜନୈତିକ ପରିଚୟ ଦେଇଥିଲେ । ଗତ ସାଧାରଣ ନିର୍ବାଚନରେ ବିଜେପିର ଭୋଟ ଚୋରି ବାବଦରେ ସମସ୍ତ ତଥ୍ୟ ସହ ନିର୍ବାଚନ କମିଶନ ନିକଟରେ ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ ଦାୟର ହୋଇଥିଲା। ଯେଉଁଥିରେ ଅମର ପଟ୍ଟନାୟକ ପ୍ରମୁଖ ଭୂମିକା ନେଇଥିଲେ। ବର୍ତ୍ତମାନ ବିଜେପିରେ ସାମିଲ ହେଲା ପରେ ଭୋଟ ଚୋରି ସଂପର୍କରେ ଅମର ପଟ୍ଟନାୟକ ନିଜର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ।

ସେହିପରି ଲେନିନ୍ କହିଛନ୍ତି ଯେ ଅବସର ଗ୍ରହଣ କରିବା ପରେ ବିଜୁ ଜନତା ଦଳର ଆଦର୍ଶ ତଥା ନବୀନ ବାବୁଙ୍କ ନେତୃତ୍ୱକୁ ସର୍ବଦା ପ୍ରଶଂସା କରିଆସୁଥିବା ଅମର ପଟ୍ଟନାୟକ ବର୍ତ୍ତମାନ ରାଷ୍ଟ୍ର ନିର୍ମାଣ କରିବା ପାଇଁ ବିଜେପିରେ ଯୋଗ ଦେଇଥିବା କହିବା ହାସ୍ୟାସ୍ପଦ। ସାମାଜିକ ଗଣମାଧ୍ୟମରେ ପ୍ରତ୍ୟେକ ଦିନ ବିଜେପିର ଶୀର୍ଷ ନେତୃତ୍ୱ ତଥା ରାଜ୍ୟ ସରକାରଙ୍କ ଦୋଷ ଦୁର୍ବଳତା ଓ ଅପାରଗତାକୁ ଲୋକଲୋଚନକୁ ଆଣୁଥିବା ଶ୍ରୀ ପଟ୍ଟନାୟକ ଆଜି ହଠାତ ୟୁ ଟର୍ଣ୍ଣ ନେଇ ବିଜେପି ୱାସିଙ୍ଗ ମେସିନରେ ପଶିବା ସୁବିଧାବାଦ ରାଜନୀତିର ଶ୍ରେଷ୍ଠ ଉଦାହରଣ। ଉପନିର୍ବାଚନ ପ୍ରଚାର ପାଇଁ ନବୀନ ପଟ୍ଟନାୟକ ନୂଆପଡାରେ ଥିବା ସମୟରେ ବିଜେପି ଅମର ପଟ୍ଟନାୟକଙ୍କୁ ନିଜ ଦଳରେ ସାମିଲ କରିବା ପାଇଁ ସମୟ ଧାର୍ଯ୍ୟ କରିବା, ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଯେଉଁଭଳି ଭାବେ ନୂଆପଡାବାସୀ ଆଜି ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ କରିଛନ୍ତି, ଏହାଦ୍ୱାରା ବିଜେପିର ଯୋଜନାବଦ୍ଧ ମିଶ୍ରଣ ଉଦ୍ୟମ ଫସର ଫାଟିଛି ଓ ଉପନିର୍ବାଚନରେ ଏହାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ଡ. ମହାନ୍ତି କହିଛନ୍ତି।

## ଗାଁକୁ ଫେରିଲା ଦାଦନ ଶ୍ରମିକର ଶବ

ଥୁଆମୂଳରାମପୁର, ୩।୧୧(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୁଳରାମପୁର ବ୍ଲକ୍ କର୍ଲାପାଟ ଥାନା ଅଧୀନ ଜୁବାଙ୍ଗ ଗ୍ରାମର ଉଦୟ ମାଝୀ(୨୫) କାମଧନ୍ଦା ଅନ୍ୱେଷଣରେ ସୁଦୂର କେରଳ ଯାଇ କୋଝିକୋଡିର କାକ୍କୋଡିରେ ଏକ ଠିକା ସଂସ୍ଥାରେ କାମ କରୁଥିଲା। ଗତ ୧ ତାରିଖ ଶନିବାର ସେଠାରେ କାମ କରୁଥିବା ବେଳେ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ସ୍ଲାବ ତଳେ ଉଦୟ ଚାପି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ସେଠାକାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ସକାଳେ ଗାଁରେ ଶବ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ଏବଂ ସମ୍ପର୍କୀୟଙ୍କ କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଥିଲା। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନକୁ ଦାହ ସଂସ୍କାର ପାଇଁ ନିଆଯାଇଥିଲା।


**AFFIDAVIT**

I, Sagupta Zari W/o MD Shahud Pervez, Resident of Latumia Lane, Panposh Town, PO-Rourkela-4, PS-Raghunathpali, Dist-Sundargarh, Odisha, PIN-769004, declared by this affidavit No A/08 Dated 01.11.2025 that now onwards I shall be known as **SHAGUFTA PERVEZ** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**NOTICE (FOR MINOR)**

Gangadhar Sahu, aged about 44 years, S/o-Late Sambaru Sahu, resident of AT: Plot No. 322, Raghunath Nagar, Dumuduma Housing Board Colony, Ps-Khandagiri, Bhubaneswar, Dist-Khordha, Pin-751019, declare that I have changed the name of my son from Priyanshu Pritam to Priyanshu Pritam Sahu henceforth he shall be known as **Priyanshu Pritam Sahu** for all purposes.

Sd/- Gangadhar Sahu

**AFFIDAVIT**

By virtue of an affidavit No. 572, dtd. 01.08.2025 in the court of the Executive Magistrate, Koraput, I, Cahnini Bibi resident of Tudukuthuba, Po- T. Thuba, Ps.- Nandapur, Dist.- Koraput-764037 have changed my name from Chandini Bagama to Chandi Bibi. Henceforth I shall be known as **Chandini Bibi** for all purposes.

Sd/- Chandini Bibi

**NOTICE**

By the virtue of an Natatory partnership deed sworn before the notary public Bhubaneswar dated 29.10.2025 . I Premanand Nath bearing Aadhar no.2609 2268 8325 S/o late Dharanidhar Nath from the Organization M/s Jaleswar Packaging is no more interested to continue as Partner with effect from 18.10.2025. The Partners have agreed to reconstitute the business as per the reconstitute Deed for all the purpose.

**AFFIDAVIT**

I, TAUHID MOHAMMED, age-67, S/o- Nabu Mian, Adress: D/29, Sector-16, Rourkela, Dist.: Sundargarh, PIN-769003, Odisha, declared by this Affidavit No.1342/2025, Dated: 01.11.2025. That now onwards I shall be known as MD TAUHEED for all future Purposes.

**AFFIDAVIT**

By virtue of an affidavit sworn before The Executive Magistrate, G.Udayagiri, Kandhamal, date- 16/10/2025. I, **N Dirghika Saumya Deepti,** D/o Situ Kumar Nayak, permanent resident of Village-Lebaguda, PO- Rudangia, PS-G.Udayagiri, Dist- Kandhamal, PIN-762100, Odisha declare that I have changed my name from **N.Dirghika Soumya Dipty** to **N Dirghika Saumya Deepti.** Henceforth, I shall be known as **N Dirghika Saumya Deepti** (new name) for all future purposes.

N Dirghika Saumya Deepti

**AFFIDAVIT**

By virtue of an affidavit no 5274 sworn before the Executive Magistrate, Tirtol dated- 31/10/2025, I **Namita Das,** resident of At-Bakharpur, Po- Malanda, Ps-Tirtol, Dist- Jagatsinghpur, Pin- 754136, Odisha declare that I have changed my name from **Ruksar Parwin** (old name) to **Namita Das** (new name). Henceforth, I shall be known as **Namita Das** for all future purposes.

**Namita Das**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 30/10/2025. I, **Nilakantha Bagarty** (applicant name), S/o Dharanidhar Bagarty, permanent & current resident of AT/PO- Bijepur, PS-Titilagarh, Dist- Balangir, (Odisha), PIN Code: 767033 declare that I have changed my minor son's name from **Meet Bagarty** (old name) to **Jeet Bagarty** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Jeet Bagarty** (new name) for all purposes.

**Nilakantha Bagarty**

**AFFIDAVIT**

I, Elakiya Sabapathi, W/o- P. Sabapathi, Resident of Qtr No. C-31, CMPDI COLONY, Post- Sainik School, Bhubaneswar, Dist.- Khorda, Pin-751005, Odisha declare by this Affidavit No. 76AA 943695, Dated 03.07.2025, that now onwards I shall be known as **U. ELAKIYA** for all future purposes.

**AFFIDAVIT**

By virtue of an affidavit no 5855, sworn before the Executive Magistrate, Champua on dtd- 16/10/2025, I **Puja Naik**, W/o- Akash Mallick, resident of At/Po/Ps-Champua, Dist- Keonjhar, Pin-758041, Odisha, I have changed name from **Puja Mallick** (old name) to **Puja Naik** (new name). Henceforth both the name **Puja Mallick** and **Puja Naik** is one & same person, I will be known as **Puja Naik** for all future purposes.

**Puja Naik**

**AFFIDAVIT**

I, Shahina Bano Suriya, aged about 45 years, W/o- Mohammad Irfan, resident of Ward No 05, Dasarapada, Bhanjamandap, Po- Umarkote, Ps- Umarkote, Dist- Nabarangapur, Odisha, PIN- 764073 declare by this affidavit No. 2251, dtd- 03/11/2025, that now onwards I shall be known as **SAHINA BANU SURIYA** for all future purposes.


**ମନ୍ତ୍ରୀଙ୍କ ସତ୍ୟପାଠରେ ଅସତ୍ୟ ତଥ୍ୟ**

# କୃଷ୍ଣ ପାତ୍ରଙ୍କ ବିଧାୟକ ପଦ ରଦ୍ଦ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୩।୧୧(ସମିସ): ୨୦୨୪ ରାଜ୍ୟ ବିଧାନସଭା ନିର୍ବାଚନରେ ଢେଙ୍କାନାଳ ବିଧାନସଭା ଆସନରୁ ବିଜୟୀ ହୋଇ ରାଜ୍ୟରେ ଯୋଗାଣ ମନ୍ତ୍ରୀ ପଦ ପାଇଥିବା ବିଜେପି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କ ସତ୍ୟପାଠରେ ଅସତ୍ୟ ତଥ୍ୟ ଦେଇଛନ୍ତି । ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ଶ୍ରୀ ପାତ୍ରଙ୍କ ବିଧାୟକ ପଦ ରଦ୍ଦ କରିବାକୁ ଦାବି କରିଛି କଂଗ୍ରେସ।

ଦଳପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କ ନାମାଙ୍କନ ପତ୍ର ଦାଖଲ କଲାବେଳେ ସତ୍ୟପାଠରେ ଉଲ୍ଲେଖ କରିଥିବା ପାନ ନମ୍ବର ଟି ହେଉଛି ଏକେକେପିପି୩୩୪୨ଆର୍। ମାତ୍ର ଏହି ପାନ୍ ନମ୍ବର ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଓ ଭୁଲ। ତାଙ୍କ ପତ୍ନୀଙ୍କ ପାନ ନମ୍ବର ଠିକ ଥିଲା ବେଳେ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପାନକାର୍ଡ ସଂପୂର୍ଣ୍ଣ ବେନାମୀ। ଆୟକର ବିଭାଗର କର୍ତ୍ତୃପକ୍ଷଙ୍କ ପାଖରୁ ଏହି ପାନକାର୍ଡର ସତ୍ୟାସତ୍ୟ ବାବଦରେ ଖବର ନେବାପରେ ଏହି ପାନକାର୍ଡଟି ଏକ ଅବୈଧ ବୋଲି ତଥ୍ୟ ମିଳିଛି। ଏପରି ପାନକାଡର୍ କାହାରିକୁ ଦିଆଯାଇନାହିଁ ବୋଲି ଆୟକର ବିଭାଗ କହିଛି।

ଜନପ୍ରତିନିଧି ଅଧିନିୟମ ୧୯୫୧ ଧାରା ୪(ଏ)ଅନୁସାରେ ଜଣେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବା ସମୟରେ ଫର୍ମ-୨୬ ସହିତ ଏକ ସତ୍ୟପାଠ ବା ଶପଥପତ୍ର ମଧ୍ୟ ଦାଖଲ କରିଥାନ୍ତି। ତାଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ତଥ୍ୟ ସଂପୂର୍ଣ୍ଣଭାବେ ଠିକ ଓ ନିର୍ଭୁଲ ବୋଲି ଉଲ୍ଲେଖ କରିଥାଆନ୍ତି। ତେଣୁ ଫର୍ମ- ୨୬ ରେ ମିଛ ତଥ୍ୟ ଦେଇଥିବା ହେତୁ ତାଙ୍କ ନାମାଙ୍କନ ପତ୍ର ଖାରଜ ହେବା ପରିବର୍ତ୍ତେ କିପରି ଯାଞ୍ଚ ପ୍ରକ୍ରିୟାରେ କାଏମ ରହିଲା ଏହାକୁ ନେଇ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ପ୍ରଶ୍ନ କରିଛନ୍ତି। ଯଦି ଏହି ପାନ ନମ୍ବର ମନ୍ତ୍ରୀଙ୍କର ନୁହେଁ ତେବେ ଏହା କାହାର ସେକଥା ମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି।

ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ପାତ୍ର ନିଜ ସତ୍ୟପାଠରେ ଯେଉଁ ୫ ବର୍ଷର ଆୟକର ଦାଖଲ କରିଥିବାର ତଥ୍ୟ ପ୍ରଦାନ କରିଛନ୍ତି ତାହା କେଉଁ ପାନ ନମ୍ବର ଅନୁସାରେ ଦେଇଛନ୍ତି ଏହା ନିର୍ବାଚନ ଆୟୋଗ ଯାଞ୍ଚ କରୁ ବୋଲି କଂଗ୍ରେସ ଦାବି କରିଛି। ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦୁଇଟି ପାନକାର୍ଡ ରଖିଛନ୍ତି କି ବୋଲି କଂଗ୍ରେସ ପ୍ରଶ୍ନ କରିବା ସହ ଯଦି ଏହା ହୋଇଥାଏ ଏହାମଧ୍ୟ ଏକ ଧର୍ତ୍ତବ୍ୟ ଅପରାଧ। ମିଛ ତଥ୍ୟ ପ୍ରଦାନ ଜନପ୍ରତିନିଧି ଆଇନ-୧୯୫୧ର ୪ଏର ସଂପୂର୍ଣ୍ଣ ଉଲ୍ଲଙ୍ଘନ। ନିର୍ବାଚନ ଆୟୋଗ ଏ ଖବର ଜାଣିଲାପରେ ସେତେବେଳର ରିଟର୍ଣ୍ଣିଂ ଅଫିସରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି କଂଗ୍ରେସ ଦାବି କରିଛି। ନିର୍ବାଚନ ଆୟୋଗ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ଗଣତନ୍ତ୍ରର ସୁସ୍ଥ ପରମ୍ପରାକୁ ବଜାୟ ରଖନ୍ତୁ ବୋଲି ସେ କହିବା ସହିତ ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିଧାୟକ ପଦକୁ ତୁରନ୍ତ ରଦ୍ଦ କରାଯାଉ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନଳିନୀ କାନ୍ତ ନାୟକ ଓ ଡଃ ମନିଷାଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ନାବାଳକ ମୃତ

ଲାଞ୍ଜିଗଡ଼/କଲ୍ୟାଣସିଂହପୁର, ୩।୧୧(ସମିସ): କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ବନାଞ୍ଚଳ ଲାଞ୍ଜିଗଡ଼ ସେକ୍ସନ ନାଚିନିଗୁଡ଼ା ବିଟ୍‌ସ୍ଥିତ ହରିଡ଼ାଗୁଡ଼ା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତକ ହେଲେ, ତ୍ରିଲୋଚନପୁର



ପଞ୍ଚାୟତସ୍ଥିତ କୁନାକାଡୁ ଗାଁର କାଣ୍ଡୁ ମାଝୀଙ୍କ ପୁଅ ରବି ମାଝୀ(୫)। ହାତୀ ଆକ୍ରମଣରେ ତା’ ବଡ଼ଭାଇ ସମରୁ ମାଝୀ(୭) ମଧ୍ୟ ଆହତ ହୋଇଛି। ୩ବର୍ଷ ହେଲା କାଣ୍ଡୁ ହରିଡାଗୁଡ଼ା ଗାଁରେ ଘର କରି ନିକଟସ୍ଥ ଜଙ୍ଗଲରେ ପୋଡୁଚାଷ କରୁଥିଲେ। ସୋମବାର ସକାଳେ ତାଙ୍କର ଦୁଇ ପୁଅ ରବି ଓ ସମରୁ ନିଜ ଚାଷଜମିକୁ ଯାଉଥିଲେ। ଏହି ସମୟରେ ଗାଁ ନିକଟସ୍ଥ ପାଣିଟାଙ୍କି ନିକଟରେ ଏକ ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ରବିକୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ରବିକୁ ଫିଙ୍ଗି ଦେଇଥିଲା। ଘଟଣାସ୍ଥଳରେ ହିଁ ରବିର ମୃତ୍ୟୁ ଘଟିଥିଲା। ଖବର ପାଇ ଲାଞ୍ଜିଗଡ଼ ବିଡିଓ ଦାୟିତ୍ୱରେ ଥିବା ଆଇଏଏସ୍ ଅମିନେଶ ପ୍ରଧାନ, ଅମୂଲ୍ୟ ବାହୁଲ, ବିଶ୍ୱନାଥପୁର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ତଥା ଏସିଏଫ୍ ନରୋତ୍ତମ ମାଝୀ, ଡ. ନରେନ୍ଦ୍ର ଦାସ, ବିଜେପୁର ଥାନା ଅଧିକାରୀ ନିଳାମ୍ବର ଯାନୀ, ତ୍ରିଲୋଚନପୁର ପିଇଓ ତାପସ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଘଟଣା ତଦନ୍ତ କରିଥିଲେ। ପୁଲିସ ପକ୍ଷରୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ତଥା ଏସିଏଫ୍ ଶ୍ରୀ ମାଝୀଙ୍କୁ ପଚାରିବାରୁ ଆମେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛୁ ଏବଂ କ୍ଷୟକ୍ଷତି ଆକଳନ ପାଇଁ ତାଙ୍କ ଡକ୍ୟୁମେଣ୍ଟ ଅଣାଯାଇଛି। ଅନଲାଇନ୍ ହେବାପରେ ସେମାନେ ସହାୟତା ରାଶି ପାଇବେ ବୋଲି କହିଛନ୍ତି। ଏବେ ଦନ୍ତା ହାତୀଟି ଲାଞ୍ଜିଗଡ଼ ସେକ୍ସନ ସ୍ଥିତ ଇଜୁରୁପା ଜଙ୍ଗଲରେ ରହିଛି ଓ ହାତୀର ଗତିବିଧି ଉପରେ ନଜର ରଖିଛୁ ବୋଲି ପ୍ରକାଶ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୦ଟି ଗାଡ଼ି ଉପରେ...

ପର୍ଯ୍ୟନ୍ତ ରାସ୍ତା ରକ୍ତରଞ୍ଜିତ ହୋଇଯାଇଥିଲା। ମୃତକଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ରାସ୍ତା ଉପରେ ଛିଟ୍‌କି ପଡ଼ିଥିଲା। କାହର ପେଟ୍ କଟିଯାଇଛି ତ ଆଉ କାହାର ହାତ କଟିଯାଇଛି।

ଏହି ଦୁର୍ଘଟଣା ସୋମବାର ଦ୍ୱିପହରରେ ହରମାଡାର ଲୋହା ମଣ୍ଡିଠାରେ ଘଟିଛି। ଅପରାହ୍ଣ ୧ଟାରେ ଏହି ଡମ୍ପର ଲୋହା ମଣ୍ଡି ପେଟ୍ରୋଲ ପମ୍ପଠାରୁ ରୋଡ୍ ନଂ-୧୪ରୁ ହାଇୱେ ଉପରକୁ ଉଠିଥିଲା। ଏହାପରେ ରାସ୍ତାରେ ଥିବା ଗାଡ଼ିଗୁଡ଼ିକୁ ଧକ୍କା ଦେଇ ସେଗୁଡିକ ଉପରେ ଚଢ଼ିଯାଇଥିଲା। ଡମ୍ପର ଡ୍ରାଇଭର କଲ୍ୟାଣ ମିନାକୁ ଲୋକେ ଧରି ପୁଲିସ ଜିମା ଦେଇଛନ୍ତି।

## ମୋ ପ୍ରତି ବିଶ୍ୱାସଘାତକତା...

ନବୀନ କହିଥିଲେ ଯେ ଏବେ ସାରା ରାଜ୍ୟରେ ବିକାଶ କାମ ପୂରା ବନ୍ଦ ହୋଇଯାଇଛି। ଆଇନଶୃଙ୍ଖଳା ଭୁଶୁଡି ପଡ଼ିଛି, ନାରୀ ଅତ୍ୟାଚାର ସବୁ ସୀମା ଟପିଛି। ଭାଇଚାରାର ରାଜ୍ୟ ଓଡ଼ିଶାର ସୁନାମ ଆଜି ନଷ୍ଟ ହୋଇଛି ବୋଲି ନବୀନ କହିଥିଲେ।

ଶ୍ରୀ ପଟ୍ଟନାୟକ ଆହୁରି କହିଥିଲେ ଯେ ମିଶନ ଶକ୍ତି ମା’ମାନେ ରାଜ୍ୟରେ ଏକ ନୀରବ ଆନ୍ଦୋଳନ ଆଣିଥିଲେ। କିନ୍ତୁ ଏ ସରକାରରେ ମିଶନ ଶକ୍ତି ମା’ମାନେ ଆଜି ଋଣ ପାଉନାହାନ୍ତି, ମିଶନ ଶକ୍ତି ସହଯୋଗୀ ମା’ମାନେ ୮ ମାସ ହେଲା ଦରମା ପାଇ ନାହାନ୍ତି। ଏ ସରକାର କେବଳ ମିଛ ପ୍ରଚାରରେ ମାତିଛି। ରାଜ୍ୟ ସରକାର କେବଳ ରଙ୍ଗମରା ସରକାରରେ ପରିଣତ ହୋଇଛି ବୋଲି ଉଲ୍ଲେଖ କରି ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ଗୋଟିଗୋଟି ପ୍ରତିଶ୍ରୁତି ଓ ଏହାର ଫଳଶ୍ରୁତି ସମ୍ପର୍କରେ ଲୋକଙ୍କୁ ପ୍ରଶ୍ନ କରିଥିଲେ। ମାଗଣା ବିଜୁଳି, ୩୫୦୦ ଟଙ୍କା ଭତ୍ତା, ଚାଷୀଙ୍କୁ ୟୁରିଆ ସାର ମିଳିଛି କି, କଟ୍‌ନୀଛଟ୍‌ନୀ ବନ୍ଦ ହୋଇଛି କି, ବିଏସ୍‌କେୱାଇ ଭଲ ନା ଆୟୁଷ୍ମାନ କାର୍ଡ ଭଲ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ପଚାରିବା ସହ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ।

ସମାବେଶରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସମେତ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରଣବ ପ୍ରକାଶ ଦାସ, ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ, ଟୁକୁନୀ ସାହୁ, ଅବନୀ ଯୋଷୀ, ମନୋଜ ମିଶ୍ର, ଅଧିରାଜ ପାଣିଗ୍ରାହୀ, ପ୍ରତାପ କେଶରୀ ଦେବ, ସୁଦାମ ମାରାଣ୍ଡି, ପୁଷ୍ପେନ୍ଦ୍ର ସିଂଦେଓ, ନିରଞ୍ଜନ ବିଶି, ଶୁଭାଶିଷ ଖୁଣ୍ଟିଆ, ମୁନ୍ନା ଖାନ୍, ଶର୍ମିଷ୍ଠା ସେଠୀ, ଡଲି ମାଝୀ, ଦୀପିକା ଦୀପ, କ୍ଷମାନିଧି ନିଆଲ, ବ୍ୟୋମକେଶ ରାୟ, ପ୍ରଣବ ବଳବନ୍ତରାୟ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ସୁଶାନ୍ତ କୁମାର ରାଉତ, ବିଶ୍ୱରଞ୍ଜନ ମଲ୍ଲିକ, ନଳିନୀକାନ୍ତ ପ୍ରଧାନ, ଯୋଗେଶ ସିଂ, ପ୍ରଦୀପ ମାଝୀ, ସଞ୍ଜୀବ ମଲ୍ଲିକ, କଳିକେଶ ସିଂହଦେଓ, ରୂପେଶ ପାଣିଗ୍ରାହୀ, ମାଧବ ଧଡ଼ା, ଉମାକାନ୍ତ ସାମନ୍ତରାୟ, ରବି ନାରାୟଣ ନନ୍ଦ, ଜଗନ୍ନାଥ ସାରକା, ରମେଶ ମାଝୀ, ସୁବାସ ସିଂ, ଡଃ. ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ଦୁଷ୍ମନ୍ତ ନାୟକ, ଗିରିଜା ସିଂ ମାଝୀ, ଈଶ୍ୱର ପାଣିଗ୍ରାହୀ, ହେମନ୍ତ ସାମନ୍ତରାୟ, ସରୋଜ ମେହେର, ମୁନା ମହାନ୍ତି, ଅବିନାଶ ସାମଲ ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ।

## ଅନିଲ ଅମ୍ବାନୀଙ୍କ ବିଳାସପୂର୍ଣ୍ଣ...

ନୋଟିସ ଜାରି କରାଯାଇଥିଲା। ଏହି ମାମଲାର ତଦନ୍ତରୁ ଇଡି ଜାଣିବାକୁ ପାଇଥିଲା ଯେ ରିଲାଏନ୍ସ ହୋମ୍ ଫାଇନାନ୍ସ (ଆରଏଚଏଫଏଲ) ଏବଂ ରିଲାଏନ୍ସ କମର୍ସିଆଲ ଫାଇନାନ୍ସ (ଆରସିଏଫଏଲ)ଙ୍କୁ ଦିଆଯାଇଥିବା ପାଣ୍ଠିର ଅପବ୍ୟବହାର ହୋଇଛି। ୨୦୧୭ରୁ ୨୦୧୯ ମଧ୍ୟରେ ୟେସ ବ୍ୟାଙ୍କ ପକ୍ଷରୁ ଆରଏଚଏଫଏଲକୁ ୨୯୬୫ କୋଟି ଏବଂ ଆରସିଏଫଏଲକୁ ୨୦୪୫ କୋଟି ଟଙ୍କାର ଋଣ ଦେଇଥିଲା । କିନ୍ତୁ ୨୦୧୯ ଡିସେମ୍ବର ସୁଦ୍ଧା ଏହି ଟଙ୍କା ନନ୍-ପର୍‌ଫର୍ମିଂ ଆସେଟ (ଏନପିଏ) ପାଲଟି ଯାଇଥିଲା। ଏବେ ସୁଦ୍ଧା ଆରଏଚଏଫଏଲର ୧୩୫୩ କୋଟି ଏବଂ ଆରସିଏଫଏଲର ୧୯୮୪ କୋଟି ଟଙ୍କା ବକେୟା ଅଛି। ୟେସ ବ୍ୟାଙ୍କର ମୋଟ ୨୭୦୦ କୋଟିରୁ ଅଧିକ କ୍ଷତି ହୋଇଛି। ଇଡି ଅନୁଯାୟୀ, ଏହି କମ୍ପାନୀଙ୍କୁ ଦିଆଯାଇଥିବା ଟଙ୍କାକୁ ରିଲାଏନ୍ସ ଅନ୍ୟତ୍ର ସ୍ଥାନାନ୍ତର କରି ଦେଇଥିଲା। ଋଣ ପ୍ରଦାନ ବ୍ୟବସ୍ଥାରେ ମଧ ଜାଲିଆତି କରାଯାଇଥିଲା। ଦିନକରେ ଋଣ ଆବେଦନ, ଅନୁମୋଦନ ଏବଂ ପ୍ରଦାନ କରାଯାଇଥିଲା। କ୍ଷେତ୍ର ପର୍ଯ୍ୟବେକ୍ଷଣ ଏବଂ ବୈଠକ କରାଯାଇ ନ ଥିଲା। ଦାଖଲ କାଗଜପତ୍ର ଖାଲି ଥିଲା। ଇଡି ଏହାକୁ ‘ଜାଣିଶୁଣି କରାଯାଇଥିବା ଠକେଇ’ କହିଛି।

## ବିଚାରଧୀନ କଏଦୀଙ୍କ...

ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯାଇଛି। ପାଇଖାନା ଭିତରେ ଯଦି ଏଭଳି ଅଘଟଣ ଘଟେ, ତେବେ ଜାଣିବା ନିହାତି କଷ୍ଟକର। ଏହି ଘଟଣାରେ ଚୌଦ୍ୱାର ଥାନା ପୁଲିସ, ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବା ବୋଲି ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ମାଝୀ ଜଣାଇଛନ୍ତି। ଅନ୍ୟପଟେ ପବିତ୍ରଙ୍କ ଶରୀରକୁ ପରିବାର ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପ୍ରକ୍ରିୟା କରାଯିବ। ଏହି ଘଟଣାରେ ଜଣେ ଏଡିଜି ପାହ୍ୟାର ଅଧିକାରୀ ତଦନ୍ତ କରିବେ ବୋଲି ସୂଚନା ମିଳିଛି। କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ। ସୂଚନାଯୋଗ୍ୟ, ଗତ ଦଶହରା ସମୟରେ ବିହାରର ୨ କୁଖ୍ୟାତ ଅପରାଧୀ ଜେଲ୍‌ର କଡ଼ା ସୁରକ୍ଷାବଳୟ ଭେଦ କରି ପାଚେରି ଡେଇଁ ଫେରାର୍ ହୋଇଯାଇଥିଲେ। ଏ ପର୍ଯ୍ୟନ୍ତ ସେମାନଙ୍କୁ ଗିରଫ କରାଯାଇପାରିନାହିଁ। ସେହିପରି, ଅନ୍ୟ ଏକ ଘଟଣାରେ ଜଣେ କଏଦୀର ପଥର ମାଡ଼ରେ ଅନ୍ୟ ଜଣେ କଏଦୀ ଗୁରୁତର ଆହତ ହୋଇଥିବା ଭଳି ଘଟଣା ଘଟିଛି।

୧୧୭୫ କ୍ଷମତା ବିଶିଷ୍ଟ ଏହି ଜେଲରେ ଏବେ ୯୦୦ଜଣ କଏଦୀ ରହୁଛନ୍ତି। ଜେଲ ସୁପରିଟେଣ୍ଡେଣ୍ଟଙ୍କ ସମେତ ଜଣେ ଜେଲର୍, ୫ଜଣ ସବ୍-ଆସିଷ୍ଟାଣ୍ଟ ଜେଲର୍, ୪ଜଣ ଆସିଷ୍ଟାଣ୍ଟ ଜେଲର ଓ ୭୦ଜଣ ମହିଳା ଓ ପୁରୁଷ ୱାର୍ଡର୍ ନିୟୋଜିତ ରହିଛନ୍ତି।

## ପାଇଖାନା ଟାଙ୍କିରେ...

ସୂଚନାନୁଯାୟୀ, ଶୁଭମ, ଶିବାନୀ ଓ ଶିବୁ ପରିବାର ସଦସ୍ୟଙ୍କ ସହ ମାମୁଘରକୁ ବୁଲିବାକୁ ଆସିଥିଲେ। ଆଜି ସେମାନେ ହସଖୁସିରେ ଖେଳୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଖେଳନିଶାରେ ସେମାନେ ନିକଟରେ ଥିବା ସେପ୍ଟିକ ଟାଙ୍କି ଉପରେ ଚଢ଼ି ଯାଇଥିଲେ। ଟାଙ୍କିର ଘୋଡ଼ଣୀଟି ଭାଙ୍ଗିଯିବାରୁ ୩ଜଣ ଯାକ ଟାଙ୍କି ଭିତରେ ଗଳିପଡ଼ିଥିଲେ। ସେହି ସମୟରେ ଆଖପାଖରେ କେହି ନଥିବାରୁ ଘଟଣା ଜଣାପଡ଼ିନଥିଲା। ତେବେ ଦୀର୍ଘ ସମୟ ପରେ ବି ପିଲାମାନେ ଘରକୁ ନଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ବହୁ ଖୋଜାଖୋଜି କରିବା ପରେ ବାରିପଟେ ଥିବା ପାଇଖାନା ଟାଙ୍କି ଘୋଡ଼ଣୀ ଭାଙ୍ଗି ଯାଇଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ ଗାଁ ଲୋକଙ୍କ ସହାୟତାରେ ଟାଙ୍କି ଭିତରେ ଖୋଜାଖୋଜି କରି ଅଚେତ ଅବସ୍ଥାରେ ସମସ୍ତଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ତୁରନ୍ତ ବଡ଼ମ୍ବା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସମସ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଖବର ପାଇ ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁହୁଲି, ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତି ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ବଡ଼ମ୍ବା ଥାନାରେ ଏ ସଂକ୍ରାନ୍ତରେ ପୃଥକ୍ ପୃଥକ୍ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜିଲ୍ଲା ରେଡ୍‌କ୍ରସ୍ ସହାୟତା ପାଣ୍ଠି ପକ୍ଷରୁ ସମସ୍ତ ମୃତକଙ୍କ ପରିବାରଙ୍କୁ ୨୦ ହଜାର ଟଙ୍କାର ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯିବା ପାଇଁ ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ସିଲିକନ୍ ଟେକ୍...

ପଞ୍ଚସପ୍ତକୁ ଦେଇଥିଲା। ତେବେ କେଉଁ ଆଧାରରେ ଏତେ ବଡ ଗୁରୁଦାୟିତ୍ୱ ଏକ ଅନଭିଜ୍ଞ ସଂସ୍ଥାକୁ ସିଲିକନ୍ ପ୍ରଦାନ କରିଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଥିଲା। ଜେରା ବେଳେ ସିଲିକନ୍ ହାତରେ ପରୀକ୍ଷା ସଂକ୍ରାନ୍ତ ସମସ୍ତ ଗୁପ୍ତ ସୂଚନା ରହିଥିବା ଜଣା ପଡ଼ିଥିଲା। ପ୍ରଶ୍ନପତ୍ର ଠାରୁ ଆରମ୍ଭ କରି ସବୁକିଛିର ତଥ୍ୟ ସିଲିକନ୍‌ର ମାଲିକ ସୁରେଶ ଜାଣିଥିଲେ। ପରୀକ୍ଷା ପରିଚାଳନା ଆଳରେ ଚାକିରି ବିକ୍ରି କରି ଟଙ୍କା କମାଇବା ପାଇଁ ସେ ଏକ ଭଲ ସ୍କାମ୍ ନେଟ୍‌ୱର୍କ ଅପରେଟ୍ କରୁଥିବା ବ୍ୟକ୍ତିଙ୍କୁ ଖୋଜୁଥିଲେ। ବହୁ ଖୋଜାଖୋଜି ପରେ ଶଙ୍କର ତାଙ୍କ ହାବୁଡରେ ପଡ଼ିଥିଲେ। ବିନା କୌଣସି ବାଛବିଚାରରେ ତତ୍‌କ୍ଷଣାତ୍ ପଞ୍ଚସପ୍ତକୁ ଦାୟିତ୍ୱ ଦେବା ସହ ପରୀକ୍ଷା ସଂକ୍ରାନ୍ତ ସମସ୍ତ ଗୁପ୍ତ ତଥ୍ୟ ଶଙ୍କରଙ୍କ ହାତରେ ଟେକି ଦେଇଥିଲେ। ଶଙ୍କର ତାଙ୍କ ନେଟ୍‌ୱର୍କରେ ଥିବା ସହଯୋଗୀଙ୍କୁ ବ୍ୟବହାର କରି ମାର୍କେଟ୍‌ରୁ କୋଟି କୋଟି ଟଙ୍କା ଉଠାଇଥିଲେ।

ଶଙ୍କରଙ୍କୁ ପରୀକ୍ଷା ସଂକ୍ରାନ୍ତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସୁରେଶ ମେଲ୍ ଏବଂ ହ୍ୱାଟ୍ସଆପ୍ ଯୋଗେ ଯୋଗାଇଥିଲେ। ହେଲେ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ସାମ୍ନାକୁ ଆସିବା ପରେ ଉଭୟ ନିଜ ନିଜର ମେଲ୍ ଏବଂ ହ୍ୱାଟ୍ସଆପ୍ ଚାଟ୍ ଡିଲିଟ୍ କରିଦେଇଛନ୍ତି। ଏଣୁ କ୍ରାଇମବ୍ରାଞ୍ଚ ପାଇଁ ପ୍ରମାଣ ଯୋଗାଡ କରିବା ଏକ ବଡ ଚାଲେଞ୍ଜ ପାଲଟି ଯାଇଛି।

ସୁରେଶଙ୍କୁ ଜେରା ବେଳେ ମିଳିଥିବା ତଥ୍ୟ ସମ୍ପର୍କରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ ସିଲିକନ୍ ଟେକ୍‌ର ସିଇଓ ସୁରେଶ ନାୟକ ଏସ୍‌ଆଇ ପରୀକ୍ଷା ପ୍ରଶ୍ନପତ୍ର ପ୍ରସ୍ତୁତି, ପ୍ରିଣ୍ଟିଂ ଏବଂ ପରିବହନ ଦାୟିତ୍ୱରେ ରହିଥିଲେ। ସେ ପଞ୍ଚସପ୍ତର ମାଲିକ ଶଙ୍କର ପୃଷ୍ଟିଙ୍କ ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ଥିଲେ। ସେ ତାଙ୍କୁ ଲୁଚାଇବାକୁ ସବୁ ପ୍ରକାର ଚେଷ୍ଟା କରିଥିଲେ। ଉଭୟ ଲଗାତାର ଯୋଗାଯୋଗରେ ରହୁଥିଲେ। ଶଙ୍କର କିପରି ଫେରାର ହେବେ ଆଉ ପୁଲିସ ହାତରେ ଧରା ନ ପଡ଼ିବେ, ସୁରେଶ ଏଥିପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଥିଲେ। ଏପରିକି ଶଙ୍କର ଯେତେବେଳେ ଫେରାର ଥିଲେ, ସେ ତାଙ୍କୁ ଦିଲ୍ଲୀରେ ରହିବା ପାଇଁ ଘର ଦେଇଥିଲେ। ତାଙ୍କୁ କମ୍ପାନୀର ନୂଆଦିଲ୍ଲୀ କାଲ୍‌କାଜୀସ୍ଥିତ ଗେଷ୍ଟ ହାଉସ୍ ଯୋଗାଇ ଦେଇଥିଲେ। ଏଠାରେ ଶଙ୍କର କିଛିଦିନ ଧରି ଗୁପ୍ତ ଭାବେ ରହିଥିଲେ। ପୁଲିସ ହାତରେ ଧରା ନ ପଡ଼ିବା ପାଇଁ ଶଙ୍କର ତାଙ୍କ ନିର୍ଦ୍ଦେଶରେ ବାରମ୍ବାର ଠିକଣା ବଦଳାଉଥିଲେ। ଏ ସମ୍ପର୍କିତ ସମସ୍ତ ପ୍ରମାଣ କ୍ରାଇମବ୍ରାଞ୍ଚକୁ ମିଳି ସାରିଛି। କଲ୍ ରେକର୍ଡ ଠାରୁ ଆରମ୍ଭ କରି ଲୋକେସନ୍ ସବୁକିଛି କ୍ରାଇମବ୍ରାଞ୍ଚ ପାଇ ସାରିଛି। ଶଙ୍କରଙ୍କ ମୋବାଇଲ୍ ଫୋନ୍ ଏବଂ ସୁରେଶଙ୍କ ଲାପଟପ୍‌କୁ ଫରେନ୍‌ସିକ୍ ଯାଞ୍ଚ ପାଇଁ ପଠାଯାଇଛି।

ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଥିବା ମୁନ୍ନା, ଲୋକନାଥ ଓ ସୌମ୍ୟା ପ୍ରିୟଦର୍ଶନୀଙ୍କୁ କ୍ରାଇମବ୍ରାଞ୍ଚ ସୋମବାର ମଧ୍ୟ ଜେରା କରିଥିଲା। ଏମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ବଡ଼ ବଡ଼ ଲୋକଙ୍କୁ ଯୋଗଯୋଗ କରିଥିବା ଏବଂ ଟଙ୍କା ନେଣଦେଣ କରିଥିବା ନେଇ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଗିରଫ ଶଙ୍କର ଏବଂ ସୁରେଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବ୍ରହ୍ମପୁର ଜେଲ୍‌ରେ...

କ୍ରାଇମବ୍ରାଞ୍ଚ ପକ୍ଷରୁ ହୋଇଥିବା ରିମାଣ୍ଡ ସମ୍ପର୍କିତ ଶୁଣାଣି ମଙ୍ଗଳବାର ହେବ ବୋଲି ଜଣାପଡ଼ିଛି। ଉଭୟ ଶଙ୍କର ଓ ସୁରେଶଙ୍କୁ ବ୍ରହ୍ମପୁର କୋର୍ଟରେ ହାଜର ବେଳେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂର୍ବରୁ ଘଟଣାରେ ଗିରଫ ପରୀକ୍ଷା ଆଶାୟୀ ଓ ଦଲାଲଙ୍କୁ ପୁଲିସ ମୁହଁ ଘୋଡ଼ାଇ ନେଇଥିବା ବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ଉଭୟ ଶଙ୍କର ପୃଷ୍ଟି ଓ ସୁରେଶ ନାୟକଙ୍କୁ ମୁହଁ ନ ଘୋଡ଼ାଇ ଏପରିକି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବାକୁ ମଧ୍ୟ ସୁଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।

## ପୁଲିସ କବ୍‌ଜାରେ...

ସେମାନଙ୍କଠାରୁ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓଗାଳିଥିବା ମଧ୍ୟ ସୂଚନା ମିଳିଛି। ଜେରା ସମୟରେ ପୁଲିସ ଅନ୍ୟ ଦୁଇଜଣଙ୍କୁ ମଧ୍ୟ ଅଟକ ରଖି ପଚରାଉଚରା କରିଥିବା କୁହାଯାଉଛି।

ହତ୍ୟାକାଣ୍ଡ ପରେ ପୁରୀରୁ ଚିଣ୍ଟୁ ପ୍ରଧାନ ବେଙ୍ଗାଲୁରୁ ଫେରିଯାଇଥିବା ବେଳେ କୁରୁପତି ଜୟପୁର ଯାଇ ଉମା ବିଶୋୟୀ ସହ ମିଶିଥିଲା। ସେଠାରେ ସ୍ୱଳ୍ପ ଦିନର ରହଣି ପରେ ଉଭୟ ରାୟପୁର ଓ ରାଞ୍ଚି ଦେଇ ଅନ୍ୟତ୍ର ଫେରାର ହୋଇଯାଇଥିଲେ। ଅଟକ ଉମା ଓ କୁରୁପତିଙ୍କୁ ଆସନ୍ତାକାଲି ଗିରଫ ଦେଖାଇ ପୁଲିସ କୋର୍ଟ ଚାଲାଣ କରିପାରେ ବୋଲି କୁହାଯାଉଛି।


Government of India
**Income Tax Department**
Bhubaneswar

**ସାର୍ବଜନୀନ ସୂଚନା**

F.No. Nodal Officer/Odisha Elections/2025-26/ Date: 31.10.2025

71-ନୂଆପଡା ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ଭୋଟ, 2025 ଘୋଷଣା କରାଯାଇଛି ଭାରତର ନିର୍ବାଚନ ଆୟୋଗ ଦ୍ୱାରା । ନିର୍ବାଚନ ପ୍ରକ୍ରିୟା ସମୟରେ କଳା ଟଙ୍କା ବ୍ୟବହାର ରୋକିବା ପାଇଁ ଆୟକର ବିଭାଗ ନିୟମ କଡାକଡି ରଖିବା ପାଇଁ ଦାୟିତ୍ୱ ପାଇଛି ।

ଅଘୋଷିତ ଅର୍ଥ ଓ ଅନ୍ୟ ଅଘୋଷିତ ମୂଲ୍ୟବାନ ସାମଗ୍ରୀର ସୂଚନା ଓ ଅଭିଯୋଗ ପ୍ରାପ୍ତ କରିବାପାଇଁ ଆୟକର ବିଭାଗ, ଓଡ଼ିଶା ଦ୍ୱାରା ୨୪×୭ କଲ୍ ସେଣ୍ଟର୍ ସୁବିଧା ସହିତ ନିମ୍ନଲିଖିତ ଯୋଗାଯୋଗ ନମ୍ବର ସହିତ ଭୁବନେଶ୍ୱରରେ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହିତ ସୂଚନା ଅଭିଯୋଗ ପ୍ରକୋଷ୍ଠ ସ୍ଥାପିତ ହୋଇଛି ।

**ନିର୍ବାଚନ ନିୟନ୍ତ୍ରଣ ପ୍ରକୋଷ୍ଠ ସହ ଅଭିଯୋଗ ପରିଚାଳନା ପ୍ରକୋଷ୍ଠ**

**ଟୋଲ୍ ଫ୍ରି ନମ୍ବର: 1800-345-7921**

**ହ୍ୱାଟ୍ସଆପ୍ ନମ୍ବର : 9438917442**

**ଇ ମେଲ କରନ୍ତୁ: Bhubaneswar.addidit.inv2@incometax.gov.in**

ନିର୍ବାଚନ ସମ୍ବନ୍ଧୀୟ କୌଣସି ପ୍ରକାର ଅନୁଚିତ ନଗଦ ରାଶିର ଲେଣଦେଣ କିମ୍ବା ଅଘୋଷିତ ନଗଦ ରାଶି ଓ ମୂଲ୍ୟବାନ ସାମଗ୍ରୀର ସୂଚନା ବିଷୟରେ ଦୟାକରି ଉପରୋକ୍ତ ନମ୍ବରରେ ସୂଚନା ଦିଆଯାଇପାରିବ ।

ସ୍ୱା/- ବିମଲେନ୍ଦୁ ଡୁଡୁ
ଯୁକ୍ତ ନିର୍ଦ୍ଦେଶକ, ଆୟକର (ଅନ୍ୱେଷଣ)
ୟୁନିଟ୍ -୨ ସହ ନୋଡାଲ ଅଧିକାରୀ (ଇ.ଇ.ଏମ.), ଭୁବନେଶ୍ୱର

### ପୁରୁଣା ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଦାବି

# ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଦେବଗଡ଼,୩।୧୧(ସମିସ)



ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବିରେ ଜିଲ୍ଲାରେ ଗତ କିଛି ମାସରୁ ଦେଖା ଦେଇଥିବା ଜନ ଆନ୍ଦୋଳନ ଥମିବା ପରିବର୍ତ୍ତେ ଦିନକୁ ଦିନ ବିସ୍ତାର କରିଚାଲିଛି। ଏହି କ୍ରମରେ ଆଜି ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରାଯାଇଛି। ମଞ୍ଚ ପକ୍ଷରୁ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ଜିଲ୍ଲାର ବିଭିନ୍ନ ସଂଗଠନର ପଦାଧିକାରୀ ଓ କର୍ମକର୍ତ୍ତା ମାନେ ଏକତ୍ରିତ ହୋଇଥିଲେ। କଳା ବ୍ୟାଚ ପରିଧାନ କରିବାସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରିଥିଲେ। ଦୀର୍ଘ ପ୍ରାୟ ୪ ମାସ ଧରି ଦେବଗଡ଼ ଜିଲ୍ଲାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯୁବ ଏକତା ମଞ୍ଚ ପୁରୁଣା ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଦାବି କରିଆସିଛି। ରାଜ୍ୟ ସରକାରଙ୍କ ନିକଟକୁ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ସରକାର ଏଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏଣୁ ଆଗାମୀ ଦିନରେ ଆନ୍ଦୋଳନକୁ ଅଧିକ ତୀବ୍ରତର କରାଯିବ ବୋଲି ଆନ୍ଦୋଳନକୁ ସମର୍ଥନ କରୁଥିବା ବିଭିନ୍ନ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।


ଦେବଗଡ଼ ସହର ମଧ୍ୟ ଭାଗରେ ଥିବା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାକୁ ବାଲିରୋଇ ସ୍ଥିତ ନୂତନ କୋଠାକୁ ସ୍ଥାନାନ୍ତର କରିବା ପର ଠାରୁ ଦେବଗଡ଼ରେ ଜନ ଅସନ୍ତୋଷ ଦେଖା ଦେଇଛି। ଜନ ସାଧାରଣଙ୍କ ଦାବିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅବହେଳା ପ୍ରଦର୍ଶନ କରାଯାଉଛି। ଅନ୍ୟ ପକ୍ଷରେ ଏକତା ମଞ୍ଚର ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଶାସକ ଦଳର କେତେକ ନେତା ଓ କର୍ମୀ ଚକ୍ରବ୍ୟୂହ ରଚୁ ଥିବା ଅଭିଯୋଗ ରହିଛି। ରାଜ୍ୟ ସରକାରଙ୍କ ଉଦାସୀନ ମନୋଭାବ କାରଣରୁ ଜିଲ୍ଲାବାସୀଙ୍କ ଏକ ସାମାନ୍ୟ ଦାବି ପୂରଣ ହୋଇ ପାରୁ ନାହିଁ। ଆଗକୁ ସରକାର ଓ ଜନସାଧାରଣ ସାମ୍ନାସାମ୍ନି ହେବାକୁ ପଥ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି।

## ବେପାରୀଙ୍କୁ ମାଡ଼ମାରି ଲୁଟ୍



କୋଲାବିରା,୩।୧୧(ସମିସ): ସନ୍ଧ୍ୟାରେ ବଜାରରୁ ବେପାର ସାରି ଘରକୁ ଫେରୁଥିବା ସମୟରେ ରାସ୍ତାରେ ବେପାରୀଙ୍କୁ ମାଡ଼ ମାରି ପାଇସା ଲୁଟି ନେଇଥିବା କୋଲାବିରା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କୋଲାବିରା ଥାନା ଅଧୀନ ରଘୁନାଥପାଲି ଗାଁର ବିଭୁତି ଭୂଷଣ ମେହେର ରବିବାର କେଲେଣ୍ଡାମାଲ ଦୈନିକ ବଜାର ସାରି ସନ୍ଧ୍ୟାରେ ସାଇକଲରେ ବଳକା ଜିନିଷପତ୍ର ଲଦି ଘରକୁ ଫେରୁଥିଲେ। ବାଟରେ ଅଜଣା ବ୍ୟକ୍ତି ଜଣେ ନିକଟକୁ ଆସି କୁଆଡେ ଯିବ ବୋଲି ପଚାରିଥିଲା। ଏପରିକି କିଛିବାଟ ସାଙ୍ଗରେ ଚାଲିଚାଲି ଆସିଥିଲା। ହେଲେ ରାସ୍ତାରେ ହଠାତ୍ ଏକ ଧାରୁଆ ଅସ୍ତ୍ରରେ ପଛପଟୁ ଆକ୍ରମଣ କରିଥିଲା। ଏଥିରେ ସାଇକେଲ ସହ ବିଭୁତି ତଳେ ପଡିଯାଇଥିଲେ। ଏହାପରେ ତାଙ୍କ ନିକଟରୁ ପାଖାପାଖି ୫ ହଜାର ଟଙ୍କା ଓ ମୋବାଇଲ ନେଇ ଦୌଡ଼ି ଫେରାର ହୋଇଥିଲା। ଭୟରେ ଘରକୁ ଫେରି ସେ ସବୁକଥା ଜଣାଇଥିଲେ। ପରେ କୋଲାବିରା ଥାନାରେ ଏସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ବିଭୂତିଙ୍କୁ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରେଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ରାହାସପୂଜାରେ ରାଧାକୃଷ୍ଣଙ୍କ ନଗର ପରିକ୍ରମା





ଦେବଗଡ଼,୩।୧୧(ସମିସ): ପବିତ୍ର ରାହାସ ପୂର୍ଣ୍ଣିମା ଅବସରରେ ଦେବଗଡ଼ର ପ୍ରସିଦ୍ଧ ରାହାସ ପୂଜା ନିମନ୍ତେ ଦେବଗଡ଼ ପୌରାଞ୍ଚଳ ଭିତିରିଆ ସାହି ସ୍ଥିତ ଗୋପୀକିଶୋର ଆସୋସିଏସନ୍ ରାହାସ ପୂଜା କମିଟି ପକ୍ଷରୁ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ରାହାସ ପୂଜା ମଣ୍ଡପ ନିକଟରୁ କମିଟିର ସଭାପତି ସୁଜିତ ପାତ୍ର, ଉପସଭାପତି ସୁଶାନ୍ତ ନାୟକ ଓ ବାଦଲ ଦାସ, ସମ୍ପାଦକ ବିକାଶ ନାୟକ, ସହସମ୍ପାଦକ ବବଲୁ ନାୟକ, କୋଷାଧ୍ୟକ୍ଷ ସନ୍ତୋଷ ବେହେରା ଓ ପ୍ରତୀକ ନାୟକଙ୍କ ନେତୃତ୍ୱରେ ଶୋଭାଯାତ୍ରା ହୋଇଥିଲା। ଘଣ୍ଟବାଦ୍ୟ, ରନିଂ ମେଲୋଡି, ରେକର୍ଡ ଡ୍ୟାନ୍ସ ସମେତ ଅଘୋରୀ ନୃତ୍ୟ, ଏଆଇ ଡିଜେ ସାଉଣ୍ଡର ତାଳେ ତାଳେ ହଜାର ହଜାର ଲୋକଙ୍କ ଗହଣରେ ପୁଷ୍ପ ସଜ୍ଜିତ ଯାନରେ ମହାପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତୀଙ୍କୁ ନଗର ପରିକ୍ରମା କରାଯାଇଥିଲା। କୌତୁକ ରେଳଗାଡି ଓ ପ୍ରଖ୍ୟାତ ସିନେ ଅଭିନେତା ଆଲ୍ଲୁ ଅର୍ଜୁନଙ୍କ ନକଲ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଅଘୋରୀ ନୃତ୍ୟ ଦଳ ପକ୍ଷରୁ ଦୁଃଶାହସିକ ଅଗ୍ନି କ୍ରୀଡା ପ୍ରଦର୍ଶିତ ହୋଇଥିଲା। ରାତ୍ରିରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତୀଙ୍କୁ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶୋଭାଯାତ୍ରାରେ ପୂଜା କମିଟିର ସାଂସ୍କୃତିକ ସମ୍ପାଦକ ଅହିଂସା ନାୟକ, ପୂଜା ମଣ୍ଡପ ସମ୍ପାଦକ ଦୁଃଖବନ୍ଧୁ ସାହୁ, କମିଟିର ପୂର୍ବତନ ସଭାପତି ବିବେକାନନ୍ଦ ଦାସ, ଉପଦେଷ୍ଟା ବିରେନ ନାୟକ, ଗୋକୁଳ ଚନ୍ଦ୍ର ଦାସ, ଗଜେନ୍ଦ୍ର ନାୟକ, ଶଶୀଭୂଷଣ ଭୋଇ, କିଶୋର ଚନ୍ଦ୍ର ଦାସ, ବ୍ରହ୍ମାନନ୍ଦ ଅଗ୍ରୱାଲା, ସୁବାସ ଚନ୍ଦ୍ର ଭୋଇ, ନୃସିଂହ ଚରଣ ସାହୁ, ପ୍ରଦୀପ୍ତ ମହାପାତ୍ର, ସାଧିଆ ନାୟକ, ପ୍ରଫୁଲ୍ଲ ନାୟକ, ମୋହିନୀ ଦାସ, ଚକ୍ରଧର ମହାନ୍ତି, ଦିଲ୍ଲିପ ପ୍ରଧାନ, ପ୍ରଦୀପ ଅମାନ୍ତ, ପ୍ରଦୀପ ଛତ୍ରିଆ, ପୂର୍ଣ୍ଣଚନ୍ଦ୍ର ସାହୁ, ଚିତରଞ୍ଜନ ନାୟକ, ଚିତରଞ୍ଜନ ଦାସ, ଦୀପନ ନାୟକ, ବିକାଶ ନାୟକ, ଭୋଳାନାଥ ଦାସ, ସୁଶାନ୍ତ ଗୋଏଲ, ଦିଲ୍ଲିପ ଅଗ୍ରୱାଲା, ପ୍ରଭାତ ସାହୁ ଓ ଆଲୋକ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ, ଉପଦେଷ୍ଟା ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲା ପୁଲିସ ପକ୍ଷରୁ ଚୋରି ମୋବାଇଲ ହସ୍ତାନ୍ତର ମେଳା




ଝାରସୁଗୁଡ଼ା,୩।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ପୁଲିସ ପକ୍ଷରୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ଠାରେ ସୋମବାର ମୋବାଇଲ ଚୋରି ମାମଲା ଗୁଡ଼ିକରେ ଉଦ୍ଧାର ମୋବାଇଲ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା ପୁଲିସ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଳା ରେଡ୍ଡୀ ରାଘବେନ୍ଦ୍ର ଯୋଗ ଦେଇ ଉଦ୍ଧାର ମୋବାଇଲ ଗୁଡ଼ିକୁ ହସ୍ତାନ୍ତର କରିଥିଲେ। ବିଗତ ଦିନରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ମୋବାଇଲ ଚୋରି ମାମଲାର ତାଲିକା ପ୍ରସ୍ତୁତ କରିବା ସହ ସମସ୍ତ ମୋବାଇଲ ଗୁଡିକୁ ଉଦ୍ଧାର କରିବା ପାଇଁ ଆରକ୍ଷୀ ଅଧିକ୍ଷକ ରାଘବେନ୍ଦ୍ର ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରୁ ୧୦୧ ଟି ମୋବାଇଲ ଉଦ୍ଧାର ହୋଇଥିଲା। ଉଦ୍ଧାର ମୋବାଇଲ ଗୁଡିକୁ ସୋମବାର ଏକ ମେଳା କରାଯାଇ ମୋବାଇଲର ପ୍ରକୃତ ମାଲିକ ମାନଙ୍କୁ ହସ୍ତାନ୍ତର କରାଯାଇଛି। ଆଗାମୀ ଦିନରେ କାହାରି ମୋବାଇଲ ଚୋରି ଅବା ହଜିଗଲେ ସାଇବର କ୍ରାଇମ୍ ପୋର୍ଟାଲ କିମ୍ବା ଜିଲ୍ଲା ସାଇବର ସେଲଙ୍କୁ ଯୋଗାଯୋଗ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଜେମ୍ସ ସମାଦ ଓ ମଧୁସିକ୍ତା ମିଶ୍ର, ଏସଡିପିଓ ଉମାଶଙ୍କର ସିଂ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ସହ ବିଭିନ୍ନ ଥାନାର ଥାନାଧିକାରୀଙ୍କ ସହ ଅନେକ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଦେବଗଡ଼,୩।୧୧(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୩୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୩ଟି ବ୍ୟକ୍ତିଗତ ଏବଂ ୭ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି ଅନ୍ତ୍ୟୋଦୟ ଗୃହ, ବିଦ୍ୟୁତ୍ ସଂଯୋଗୀକରଣ, ବିଏସଏନଏଲ୍ ମୋବାଇଲ ଟାୱାର ସ୍ଥାପନ, ସୁଭଦ୍ରା ଯୋଜନା ସାମିଲ, ନୂତନ ପଞ୍ଚାୟତ ଗଠନ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ବନଖଣ୍ଡ ଅଧିକାରୀ ରଶ୍ମି ଜୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବାଇକ୍-ବସ୍ ମୁହାଁମୁହିଁ ଧକ୍କା; ଜଣେ ମୃତ, ଜଣେ ଗୁରୁତର

ଦେବଗଡ଼,୩।୧୧(ସମିସ): ତିଳେଇବଣି ଫାଣ୍ଡି ଅଧୀନ କରଡାପାଳ ଗାଁ ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜପଥରେ କୁଚିଣ୍ଡାରୁ ଦେବଗଡ଼ ଆସୁଥିବା ଘରୋଇ ଯାତ୍ରୀବାହୀ ବସ ସମ୍ମୁଖ ପଟୁ ଆସୁଥିବା ଏକ ବାଇକକୁ ଧକ୍କା ଦେଇଛି। ଫଳରେ ବାଇକରେ ଥିବା ଦୁଇ ଯୁବକଙ୍କ ମଧ୍ୟରୁ ଜଣେ ଯୁବକର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ହୋଇ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ମୃତ ଯୁବକ କୁଚିଣ୍ଡା ଥାନା କତରଖେଳା ଗାଁର ନିରଞ୍ଜନ ପ୍ରଧାନ ଓ ଗୁରୁତର ଯୁବକ ଦେବଗଡ଼ ପୌରାଞ୍ଚଳ ଭିତିରିଆ ସାହିର ସତ୍ୟବ୍ରତ ନାୟକ ବୋଲି ଜଣାପଡ଼ିଛି।

ସୋମବାର ଦେବଗଡ଼ ପୌରାଞ୍ଚଳ ଭିତିରିଆ ସାହିର ସତ୍ୟବ୍ରତ ନାୟକ ନିଜ ସମ୍ପର୍କୀୟ ଭାଇ ସହ କତରଖେଳା ସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ବାଟରେ କରଡାପାଳ ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ସତ୍ୟବ୍ରତଙ୍କୁ ଘଟଣା ସ୍ଥଳରୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅବସ୍ଥା ଶଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ତିଳେଇବଣି ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି। ପୁଲିସ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଗ୍ରସ୍ତ ଉଭୟ ଗାଡିକୁ ଜବତ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ଗାଧୋଇବାକୁ ଯାଇ ବୁଡ଼ିଗଲେ

ରିଆମାଳ,୩।୧୧(ସମିସ): ରିଆମାଳ ଥାନା ରିଆମାଳ ବ୍ରାହ୍ମଣ ବନ୍ଧରୁ ସୋମବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ଶବ ଉଦ୍ଧାର କରାଯାଇଛି। ସେ ବଡବାହାଳ ଗାଁର ପୁନିଆଁ ବେହେରା ବୋଲି ପରିଚୟ ମିଳିଛି। ଆଜି ଗାଧୋଇବାକୁ ଯାଇ ସେ ଆଉ ଫେରି ନ ଥିଲେ। ପରିବାର ଲୋକ ଚାରିଆଡେ ଖୋଜାଖୋଜି କରି ତାଙ୍କୁ ପାଇ ନଥିଲେ। ଶେଷରେ ସନ୍ଧ୍ୟାରେ ବ୍ରାହ୍ମଣ ବନ୍ଧରୁ ଶବ ଉଦ୍ଧାର କରାଯାଇ ଥିଲା। ଖବର ପାଇ ରିଆମାଳ ଥାନା ପୁଲିସ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ପୁନିଆଁ ଜଣେ ଦିନ ମଜୁରିଆ। ସାଉକାର ମାନଙ୍କ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ତାଙ୍କ ପତ୍ନୀଙ୍କ ସହ ଘରେ ତିନି ଝିଅ ଅଛନ୍ତି। ତାଙ୍କ ଦେହାନ୍ତରେ ପରିବାର ସର୍ବସ୍ୱାନ୍ତ ହୋଇ ପଡିଛି। ପରିବାରକୁ ସରକାରୀ ଓ ପ୍ରଶାସନ ପକ୍ଷରୁ ଅନୁକମ୍ପା ମୂଳକ ସହାୟତା ରାଶି ଯୋଗାଇ ଦେବାକୁ ମତ ପ୍ରକାଶ ପାଇଛି।

## ଧୋବାପଡ଼ା କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

ଝାରସୁଗୁଡ଼ା,୩।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍‌ର ତେଲେନପାଲି ଧୋବାପଡା ଠାରେ ନିର୍ମିତ କମ୍ୟୁନିଟି ସେଣ୍ଟର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପଲତା ସେଠ ଏହାର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ରଜକ ସେବା ସଂଘର କେନ୍ଦ୍ରୀୟ କମିଟି ସଭାପତି ରାଜେଶ ସେଠ ମୁଖ୍ୟ ଅତିଥି ଏବଂ ସମ୍ପାଦକ ଜୟକୃଷ୍ଣ ସେଠ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଜିଲ୍ଲାରେ ରଜକ ସମାଜ ସକାଶେ ଆହୁରି ଅନେକ ସଭା ଗୃହ ନିର୍ମାଣ ପାଇଁ ରହିଥିବା ସ୍ୱପ୍ନ ପୂରଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ଉପସଭାପତି ଉମେଶ ସେଠ, କେନ୍ଦ୍ରୀୟ କୋଷାଧ୍ୟକ୍ଷ ଅଭିନ ଚନ୍ଦ୍ର ସେଠ, ଝାରସୁଗୁଡ଼ା ଜିଲ୍ଲା କମିଟି ସଭାପତି ଚନ୍ଦ୍ରମଣି ସେଠ, ସମ୍ପାଦକ କିଶୋର ସେଠ, ସମ୍ବଲପୁର ଜିଲ୍ଲା କମିଟି ସଭାପତି ରମେଶ ଚନ୍ଦ୍ର ସେଠ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଉପଦେଷ୍ଟା ଶିବଶଙ୍କର ସେଠ, କୋଷାଧ୍ୟକ୍ଷ ପୂର୍ଣ୍ଣେନ୍ଦୁ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ତେଲେନପାଲି ଆଞ୍ଚଳିକ କମିଟି ସଭାପତି ରାଜେନ୍ଦ୍ର ସେଠଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହକୁ ଆଞ୍ଚଳିକ ସମ୍ପାଦକ ବିଜୟ ସେଠ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଈଶ୍ୱର ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ଓଟମେନ ସେଠ, ଗୌତମ ସେଠ, ବିପିନ ସେଠ, ରାଧାକାନ୍ତ ସେଠ, ଦାମୋଦର ସେଠ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ସାଇବର କ୍ରାଇମ୍ ସଚେତନତା ଶିବିର



ଝାରସୁଗୁଡ଼ା,୩।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସରସ୍ୱତୀ ଶିଶୁ ମନ୍ଦିରରେ ଅତିରିକ୍ତ ଆରକ୍ଷି ଅଧିକ୍ଷକ ମଧୁଶିକ୍ତା ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ଓରିଏଣ୍ଟ ଥାନା ଅଧିକାରୀ କ୍ଷମାସାଗର ନାଏକଙ୍କ ନେତୃତ୍ୱରେ ସାଇବର କ୍ରାଇମ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପୁଲିସ୍ ଉପ ଅଧିକ୍ଷକ ଜୋତ୍ସ୍ନାମୟୀ ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସାଇବର କ୍ରାଇମ ବିଷୟରେ ସଚେତନ କରିଥିଲେ। ଏହି ଅବସରରେ ଓରିଏଣ୍ଟ ଥାନାରୁ ସରସ୍ୱତୀ ଶିଶୁ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ଶିଶୁ ମନ୍ଦିରର ସଭାପତି ଗୋବିନ୍ଦ ସିଂହ, ଉପସଭାପତି ଜୟନ୍ତ ବାରିକ, ଯୁଗ୍ମ ସମ୍ପାଦକ ବିଜୟ ସାହୁ, କୋଷାଧ୍ୟକ୍ଷ ଭବାନୀକୁଅଁର, ସହ ପ୍ରଧାନଆଚାର୍ଯ୍ୟ ବସନ୍ତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ପୁଷ୍ପା ଜସ୍ୱାଲ ସଞ୍ଚାଳନ କରିଥିଲେ।

## ବରପାଲିରେ ଫୁଟବଲ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

ଝାରସୁଗୁଡ଼ା,୩।୧୧(ସମିସ): ଝାରସୁଗୁଡ଼ା ସଦର ବ୍ଲକ୍ ବରପାଲି ଗାଁରେ ୫୧ ତମ ଗୋକୁଳାଷ୍ଟମୀ ଯାତ୍ରା ଉପଲକ୍ଷେ ଦ୍ୱିଦିବସୀୟ ଫୁଟବଲ୍ ପ୍ରତିଯୋଗିତା ଆୟୋଜନକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ଯୁବକ ସଂଘର ସଭାପତି ହେମନ୍ତ ବଗାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ଜିଲ୍ଲାସ୍ତରୀୟ ୧୬ଟି ଫୁଟବଲ ଦଳ ଯୋଗ ଦେବେ ବୋଲି ସୂଚନା ଦିଆଯାଇଛି। ପ୍ରତିଯୋଗିତାରେ ବିଜେତା ଦଳକୁ ଟ୍ରଫି ସହ ୩୧ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୨୧ ହଜାର ଟଙ୍କା ପ୍ରଦାନ କରାଯିବା ନେଇ ଆୟୋଜକଙ୍କ ପକ୍ଷରୁ ସୂଚନା ରହିଛି। ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଏବଂ ଯାତ୍ରା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଯୋଗ ଦେବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଥିବା ବେଳେ ଏଥିରେ ମନ୍ତ୍ରୀ ସହମତି ଦେଇଥିବା ଜଣାପଡ଼ିଛି। ଏହି ଅବସରରେ ଚାନ୍ଦିନୀମାଲ ପଞ୍ଚାୟତ ଅଧୀନ ବରିଷ୍ଠ ଓ ସମ୍ମାନୀୟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ। ଏହା ସହିତ ଗାଁରେ ନିର୍ମାଣ ହେଉଥିବା ନୂତନ କାର୍ଯ୍ୟର ଶିଳାନ୍ୟାସ ଓ ବନ ସୁରକ୍ଷା ସମିତି କୋଠାର ଶୁଭ ଉଦ୍‌ଘାଟନ ହେବ।

## 'ଉନ୍ମେଷ' ଶୈକ୍ଷିକ ଉତ୍କର୍ଷ ପାଇଁ ଅଭିନବ ପ୍ରୟାସ

ଝାରସୁଗୁଡ଼ା,୩।୧୧(ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଝାରସୁଗୁଡ଼ା ଓ ଟିଆରଏଲ, କ୍ରୋସାକି, ବେଲପାହାଡର ମିଳିତ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୦୦ ଜଣ ଏ୧ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କୁ ନେଇ ଦ୍ୱିତୀୟ ତ୍ରିଦିବସୀୟ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଉଦ୍‌ଘାଟିତ ହୋଇଯାଇଛି। ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଉତ୍କର୍ଷତା ହାସଲ କରିବା ସହିତ ଜିଲ୍ଲାରେ ଏ୧ ଗ୍ରେଡ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା। ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ଗୁମାଡେରା ସ୍ଥିତ ଜୁବଲି ହଲ ଠାରେ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବିଇଓ ଅନିଲ ପଟେଲ, ଲଖନପୁର ବିଇଓ ରାଜେନ୍ଦ୍ର ପ୍ରସାଦ ସାହୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନିରୋଜ ପଟେଲ, ଟିଆର୍‌ଏଲ୍ କ୍ରୋସାକି ବେଲପାହାଡର ପିଆର ଆଣ୍ଡ ସିଏସଆର ଜେନେରାଲ ମ୍ୟାନେଜର ଡ.ସନ୍ତୋଷ ମିଶ୍ର, ଦୀପକ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ସମାରୋହରେ ଗିରିଧରଲାଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ କୁଶ ସା ଧନ୍ୟବାଦ ଅର୍ପଣ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କ ମାର୍ଗଦର୍ଶନରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆଙ୍କର ତତ୍ତ୍ୱାବଧାନରେ କର୍ମଶାଳା ଆୟୋଜନ କରାଯାଉଛି। ଆଗାମୀ ଦିନରେ ଆହୁରି ଦୁଇଟି ସହାୟକ ଶିକ୍ଷଣ କର୍ମଶାଳା ଆୟୋଜନ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଡ.ଗଡତିଆ ସୂଚନା ପ୍ରଦାନ କରିଛନ୍ତି। ଏହାର ସଫଳ ରୂପାୟନ ପାଇଁ ଅଭିଜ୍ଞ ବିଷୟ ଶିକ୍ଷକ ସଚିନ୍ଦ୍ର ପଟେଲ, ରମେଶ ଖମାରି, ଟୁନାରଣା, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ଜୟଶଙ୍କର ନାଗ, ଗୋବର୍ଦ୍ଧନ ସା, ଭାରତୀ ଭୋଇ, ଅରୁଣ ଭୋଇ, ଶିବଶଙ୍କର ମେହେର, ସବିତା ସାହୁ, ସୁଜିତ ପଧାନ, ପିଣ୍ଟୁ ପଧାନ ପ୍ରମୁଖଙ୍କୁ ସାଧନକର୍ମୀ ଭାବେ ନିଯୁକ୍ତ କରାଯାଇଛି।

# ସଂସ୍କାର ବୋର୍ଡ୍ସ ପ୍ରିମିୟର୍ କ୍ରିକେଟ ଲିଗ୍

ବରଗଡ଼,୩।୧୧(ସମିସ)



ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ସଂସ୍କାର ବୋର୍ଡର୍ ପ୍ରିମିଅର୍ ଲିଗ୍ (ଏସ୍‌ବିପିଏଲ୍)ର ଆୟୋଜିତ ହୋଇଯାଇଛି। ଏହି ଅବସରରେ ସଂସ୍କାର ସ୍କୁଲ୍‌ର ଅଧ୍ୟକ୍ଷ ସୁମନ ସାୱଡିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ପ୍ରଧାନ ଶିକ୍ଷକ କରନ ସାହୁ, ନିର୍ଦ୍ଦେଶକ ସିଦ୍ଧାର୍ଥ ସାୱଡିଆ, ଉପ ପ୍ରଧାନଶିକ୍ଷକ ପ୍ରଭୁଦତ୍ତ ଦାଶ, ଏକାଡେମିକ ସଂଯୋଜିକା ସୀମା ସାହୁ, ସଂଯୋଜିକା ମମତା ସିହ୍ନା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି କ୍ରିକେଟ୍ ପ୍ରିମିଅର୍ ଲିଗ୍ ଇଣ୍ଡିଆନ୍ ପ୍ରିମିଅର୍ ଲିଗ୍ (ଆଇପିଏଲ୍) ଉପରେ ଆଧାରିତ ହୋଇଛି। ପ୍ରଥମଥର ପାଇଁ ଓଡ଼ିଶାରେ ବରଗଡ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ଦ୍ୱାରା ଏପରି ଲିଗ୍ ଆୟୋଜିତ ହେଉଛି। ଗତକାଲି ପ୍ରଥମ ପର୍ଯ୍ୟାୟରେ ଖେଳାଳିମାନଙ୍କୁ ନିଲାମ ମାଧ୍ୟମରେ କିଣି ଟିମ୍, କ୍ୟାପ୍ଟେନ୍, ମ୍ୟାନେଜର୍ ଓ କୋଚ୍ ନିଯୁକ୍ତ କରାଯାଇଥିଲା। ପୁଅ ମାନଙ୍କର ୮ଟି ଟିମ୍ ଥିଲା ସଂସ୍କାର ଡ୍ରିମ୍ ଡ୍ରାଇଭର୍ସ (କ୍ୟାପ୍ଟେନ୍ ଓମ୍ ପ୍ରକାଶ ବାରିକ), ସଂସ୍କାର ବ୍ଲାଷ୍ଟର୍ସ (କ୍ୟାପ୍ଟେନ୍ ଶ୍ରିୟାଂଶ ପଣ୍ଡା), ସଂସ୍କାର ରାଇଜିଂ ଷ୍ଟୁଡେଣ୍ଟ (କ୍ୟାପ୍ଟେନ୍ ରାଜେନ୍ଦ୍ର କୁମ୍ଭାର), ସଂସ୍କାର ରୟାଲ୍ ୱାରିଅର୍ସ (କ୍ୟାପ୍ଟେନ୍ ଆଶୁତୋଷ ସିଂଘାନିଆ), ସଂସ୍କାର ଚ୍ୟାଲେଞ୍ଜର୍ସ (କ୍ୟାପ୍ଟେନ୍ ଯଶବନ୍ତ ସାହୁ), ସଂସ୍କାର ଥଣ୍ଡର୍ ଷ୍ଟ୍ରାଇକର୍ସ (କ୍ୟାପ୍ଟେନ୍ କେଶବ ଅଗ୍ରୱାଲ), ସଂସ୍କାର ଇଲେଭେନ୍ ଷ୍ଟାର୍ସ (କ୍ୟାପ୍ଟେନ୍ ନୈତିକ ଜେନ୍), ସଂସ୍କାର ଯୁଙ୍ଗ ଫାଇଟର୍ସ (କ୍ୟାପ୍ଟେନ୍ ଉତ୍କର୍ଷ ସାହୁ)। ଏହା ସହିତ ଝିଅମାନଙ୍କର ୨ଟି ଟିମ୍ ଥିଲା ସଂସ୍କାର ବ୍ଲାଷ୍ଟର୍ସ ଗର୍ଲ୍ସ (କ୍ୟାପ୍ଟେନ୍ ଭବ୍ୟା ଅଗ୍ରୱାଲ୍), ସଂସ୍କାର ଥଣ୍ଡର୍ ଷ୍ଟ୍ରାଇକର୍ ଗର୍ଲ୍ସ (କ୍ୟାପ୍ଟେନ୍ ସମର୍ପିତା ପାଲ୍)। ମ୍ୟାନେଜର ଭାବେ ହେଲେ ସୁସ୍ମିତ ଖାନ୍ରା, ବିରଜୁ ପ୍ରସାଦ, ତାପସ ରାୟ, ମହେନ୍ଦ୍ର ସାହୁ, ସୁବ୍ରତ ସାହୁ, ଶଶି ପାଣ୍ଡେ, ସମୀର ବିଶ୍ୱାଳ, ଜିତେନ୍ଦ୍ର ନାୟକ ରହିଛନ୍ତି। କୋଚ ଦାୟିତ୍ୱ ବିଶ୍ୱଜିତ ସାହୁ, ସଂଜୀତା ଆଚାର୍ଯ୍ୟ, ରିଙ୍କୁ ସାହୁ, ଦୁଷ୍ମନ୍ତ ଭୋଇ, ଟିକେଶ୍ୱର ବେହେରା, ଅଭିଜିତ ପ୍ରଧାନ, ବ୍ରଜେଶ ବେହେରା ଓ ମହମ୍ମଦ ଫିରଦୌସ ପ୍ରମୁଖ ତୁଲାଉଛନ୍ତି। ଶିକ୍ଷକ ହର୍ଷଲ୍ ଡାନ୍‌ଙ୍କ ଦ୍ୱାରା ସମସ୍ତ ଖେଳାଳିଙ୍କ ଅକ୍ସନ୍ କରାଯାଇଥିଲା। ସମସ୍ତ ମ୍ୟାନେଜରମାନେ ତାଙ୍କୁ ଯଥୋଚିତ ଦାମରେ କିଣିଥିଲେ। ପ୍ରତ୍ୟେକ ମ୍ୟାନେଜରଙ୍କୁ ୫ ଲକ୍ଷ ଟଙ୍କା ନିଲାମ ପାଇଁ ଦିଆଯାଇଥିଲା। ଯେଉଁଠି ଷଷ୍ଠ ଶ୍ରେଣୀରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଥିରେ ସବୁଠାରୁ ଅଧିକ ଦାମର ନିଲାମ ଦ୍ୱାରା ଏକାଦଶ ଶ୍ରେଣୀର ଛାତ୍ର ଲକ୍ଷ୍ୟ ଅଗ୍ରୱାଲଙ୍କୁ ୨ ଲକ୍ଷ ୬୦ ହଜାର ଓ ନବମ ଶ୍ରେଣୀର ଛାତ୍ରୀ ଦିଶା ମେହରଙ୍କୁ ୧ ଲକ୍ଷ ୪୦ ହଜାରରେ କିଣାଯାଇଥିଲା। ଏହାର ଲିଗ୍ ମ୍ୟାଚ୍ ମଙ୍ଗଳବାର ୪ ନଭେମ୍ବର ସନ୍ଧ୍ୟା ୩.୩୦ରୁ ୫.୩୦ ପର୍ଯ୍ୟନ୍ତ ୬-୬ ଓଭରର ଖେଳ ଭାବେ ଆୟୋଜିତ ହେବ। ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଅଧ୍ୟକ୍ଷ ସୁମନ ସାୱଡିଆ ସମସ୍ତ ଟିମ୍, ମ୍ୟାନେଜର ଓ କ୍ୟାପ୍ଟେନ୍‌ଙ୍କୁ ଶୁଭେଚ୍ଛା ଓ ଆଶୀର୍ବାଦ ଦେବା ସହ ସମସ୍ତେ ଏହାକୁ ଖେଳ ଭାବନା ଓ ମନୋରଞ୍ଜନ ସହ ଖେଳନ୍ତୁ ବୋଲି କହିଥିଲେ।



## ପୁଲିସ ପକ୍ଷରୁ ସାଇବର ସଚେତନତା

# ସତର୍କତା ହିଁ ଠକେଇରୁ ରକ୍ଷାପାଇବାର ମୂଳମନ୍ତ୍ର

**କେସିଙ୍ଗା, ୩।୧୧(ସମିସ):** ପ୍ରତିଦିନ ଧନୀ ଗରିବ ପାଠୁଆ ଅପାଠୁଆ ସମସ୍ତେ କୋଉଠି ନା କୋଉଠି ଯେମିତିକି ବି ସାଇବର ଠକେଇରେ ନିଜର ସର୍ବସ୍ୱ ହରାଉଥିବା ପ୍ରତିଦିନ ଦେଖିବାକୁ ମିଳୁଛି। ସାଇବର ଠକେଇରୁ ସୁରକ୍ଷିତ ରହିବା ପାଇଁ କଳାହାଣ୍ଡି ପୁଲିସର ତତ୍ତ୍ୱାବଧାନରେ କେସିଙ୍ଗା ପୁଲିସ ପକ୍ଷରୁ ସ୍ଥାନୀୟ ବିଦ୍ୟାପୀଠ ଖେଳ ପଡ଼ିଆ ରେ ସଚେତନ ଶିବିର ଅନୁଷ୍ଠିତ ହୋଇ ଜନସାଧାରଣଙ୍କୁ ସାଇବର ଠକେଇରୁ କିପରି ବର୍ତ୍ତି ପାରିବେ ସେ ସମ୍ପର୍କରେ ସାଇବର ପୋଲିସ ପକ୍ଷରୁ ଅଞ୍ଚଳବାସୀଙ୍କୁ ସଚେତନତା କରାଯାଇଥିଲା। କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଡିଏସ୍‌ପି ଅଳକା ନନ୍ଦା ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ କେସିଙ୍ଗା ଏସବିଆଇର ଶାଖା ପରିଚାଳକ ଲିଙ୍ଗରାଜ ମହାନନ୍ଦ। ଶାଖା ପରିଚାଳକ ଶ୍ରୀ ମହାନନ୍ଦ ତାଙ୍କ ଅଭଭାଷଣରେ ସତର୍କତାର ସହିତ ମୋବାଇଲ୍ ବ୍ୟବହାର ହିଁ ସାଇବର ଠକେଇରୁ ସୁରକ୍ଷିତ ରହିବାର ମୂଳ ମନ୍ତ୍ର ବୋଲି କହି ଘରର ଛୋଟ ପୁଅ ଝିଅମାନଙ୍କୁ ମୋବାଇଲ ନ ଦେବାକୁ ଅଭିଭାବକଙ୍କୁ ନିବେଦନ କରିଥିଲେ। ସେହିପରି ଭବାନୀପାଟଣା ସାଇବର କ୍ରାଇମ ଥାନା ଅଧିକାରୀ ଚନ୍ଦନ କୁମାର ସାହୁ ମଧ୍ୟ ସଚେତନ ଓ ସତର୍କତା ହିଁ ସାଇବର ଠକେଇରୁ ରକ୍ଷାପାଇବାର ମୂଳମନ୍ତ୍ର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳ, କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡ଼ିଓ




ଜନ୍ମେଜୟ ସ୍ୱାଇଁ ପ୍ରମୁଖ ମଞ୍ଚାସିନ ହୋଇ ସାଇବର ଠକେଇ ଉପରେ ନିଜର ମତାମତ ଦେଇଥିଲେ। ଏହି ଉପଲକ୍ଷେ କଳାହାଣ୍ଡି ପୋଲିସ ପକ୍ଷରୁ ସାଇବର କ୍ରାଇମ ଉପରେ ଏକ ପ୍ରଥପ୍ରାନ୍ତ ନାଟକ ସମେତ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ପୋଲିସ ର ରାହାସ ବିହାରି ସାହା, ଅରକ୍ଷିତ ମାଝୀ, ପଲମ ଫାଣ୍ଡି ଅଧିକାରୀ ସୁବୋଧ ପୁଲ, ଉକ୍ଳେଲା ଫାଣ୍ଡି ଅଧିକାରୀ ଅନୁପ କୁମାର ଶତପଥୀ ଓ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ଡହଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ୍ ଶାଖା ଗଠିତ

**କୋକସରା, ୩।୧୧(ସମିସ):** ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଯୁବ ରେଡକ୍ରସ ୟୁନିଟ ଓ ସ୍ୱେଚ୍ଛାସେବୀଙ୍କପାଇଁ ଅନ୍ତର୍ଭୁକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର କୋକସରା ବ୍ଲକ ଡହଗାଁ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ




ଠାରେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଜିତେନ୍ଦ୍ର ଭକ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଯୁବ ରେଡକ୍ରସ୍ ପରାମର୍ଶଦାତା ପଞ୍ଚାୟତ ସମିତି ଡିଗ୍ରୀ କଲେଜର ଅଧ୍ୟାପକ ସୁବ୍ରତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଯୁବ ରେଡକ୍ରସ୍ ପରାମର୍ଶଦାତା ମୋହନ ଚରଣ ବିଷି ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ରେଡକ୍ରସର ଇତିହାସ ଓ ବିକାଶ, ମୌଳିକ ନୀତି, ଚିହ୍ନ ବିଷୟରେ ଆଲୋଚନା କରିବା ସହିତ ମାନବ ସେବା ହିଁ ମାଧବ ସେବା ବୋଲି କହିଥିଲେ।ନୂତନ ଭାବରେ ମନୋନୀତ ଯୁବ ରେଡକ୍ରସ୍ ପରାମର୍ଶଦାତା ସେତୁରାମ ନାଏକ ମଞ୍ଚ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ସନ୍ଦିପ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୁଷ୍ପାଞ୍ଜଳି ଶବର, ରିତେଶ ରଞ୍ଜନ ରଣା, ଚିତ୍ତ ରଞ୍ଜନ ଗଉଡ, ଧର୍ମୁ ନାଏକ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବିଦ୍ୟାଳୟର ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତା ଅବରୋଧ

**ଧର୍ମଗଡ଼, ୩।୧୧(ସମିସ)**

ଧର୍ମଗଡ଼ ବେହେରା ବିଜୁ ଏକ୍ସପ୍ରେସ ରାସ୍ତା ଢ଼ାବା ନିକଟରେ ରବିବାର ଦିନ ଅପରାହ୍ନ ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ କୋକସରା ବ୍ଲକ ଖୁଣ୍ଟିଆ ଗ୍ରାମର ତରୁଣ ଦୁର୍ଗା (୬୫)।ସେ ଜଣେ ଛୋଟ ବ୍ୟବସାୟୀ।ଅପରାହ୍ନ ବେଳକୁ ବେହେରା ବଜାର ସାରି ଘରକୁ ଫେରୁଥିବା ବେଳେ ଆମପାଣି ପଟୁ ଆସୁଥିବା ଏକ କୁକୁଡ଼ା ବୋଝେଇ ଆଇଚର ଗାଡି ପଛ ପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟତମ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିଲେ।



ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟେ ପରିବାର ଲୋକ ଓ ସ୍ଥାନୀୟ ଲୋକ ଉତ୍ତେଜିତ ହୋଇ ରାସ୍ତା ଅବରୋଧ କରି କ୍ଷତିପୂରଣ ଦାବି ନେଇ ଆନ୍ଦୋଳନ କରିଥିଲେ। ତମାମ ରାତି ସାରା ଶବ ଡାକ୍ତରଖାନାରେ ପଡ଼ି ରହିଥିବା ବେଳେ ସୋମବାର ସକାଳୁ ଶବକୁ ରାସ୍ତା ଉପରେ ରଖି ଆନ୍ଦୋଳନ କରିଥିଲେ। ଘଟଣା ସ୍ଥଳରେ କୋକସରା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାମଣା କରିଥିଲେ ହେଁ ଲୋକେ ନିଜ ନିଜ ଜିଦ ରେ ଅଡି ବସିଥିଲେ। ରବିବାର ଅପରାହ୍ନ ରେ କୋକସରା ତହସିଲଦାର ଘଟଣାସ୍ଥଳ କୁ ଆସି ଆଲୋଚନା କରିଥିଲେ। ହେଲେ କୌଣସି ସମାଧାନ ହୋଇପାରି ନଥିଲା। ଧୀରେ ଧୀରେ ଘଟଣା ସ୍ଥଳ ରେ ଉତ୍ତେଜନା ପ୍ରକାଶ ପାଇଥିଲା। କୋକସରା, ଆମପାଣି ପୁଲିସ ମୁତୟନ ହୋଇ ବୁଝାସୁଝା ସହ ଆଲୋଚନା କରିଥିଲେ। ଶେଷରେ ଗାଡି ମାଲିକ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ଆର୍ଥିକ ସହାୟତା ଦେବା ପରେ ଦୀର୍ଘ ୧୬ଘଣ୍ଟା ସମୟ ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ପୁଲିସ ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତର ଖାନା ପଠାଇଛି। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପୁଲିସ ପରିବାରକୁ ହସ୍ତାନ୍ତର କରିଛି। ଗାଁ ମଶାଣିରେ ସତ୍କାର ହୋଇଥିବା ଜଣାପଡ଼ିଛି।

# ଜୁଆ ଆଡ୍ଡାରେ ପୁଲିସର ଚଢ଼ଉ

**କର୍ଲାମୁଣ୍ଡା, ୩।୧୧(ସମିସ):** କର୍ଲାମୁଣ୍ଡା ବ୍ଲକ ରିଷିଡା ଫାଣ୍ଡି ପୁଲିସ ଏକ ଜୁଆ ଆଡ୍ଡାରେ ଅତର୍କିତ ଚଢଉ କରିଛି। କେସିଙ୍ଗା ଏସଡିପିଓ ସନ୍ଦୀପ କୁମାର ମାଝୀଙ୍କ ନିର୍ଦ୍ଦେଶକ୍ରମେ ତଥା ମ.ରାମପୁର ଥାନାଧିକାରୀ ବୀରବର ଭଗତଙ୍କ ତତ୍ତ୍ୱାବଧାନରେ ରିଷିଡା ଫାଣ୍ଡିଅଧିକାରୀ ମନୁଆ ବିଡିକାଙ୍କ ନେତୃତ୍ୱରେ ପୁଲିସ ଟିମ୍ ରିଷିଡା ଫାଣ୍ଡି ଅଧିନସ୍ଥ ପରମାନନ୍ଦପୁର ସ୍ଥିତ ଜଗଦମ୍ବା ରାଇସମିଲ ନିକଟରେ ଥିବା ଏକ କୁଡିଆରେ ଜୁଆଖେଳ ଚାଲୁଥିବା ଜାଣିଅତର୍କିତ ଚଢଉ କରିଥିଲେ। ଜୁଆ ଖେଳୁଥିବା ସ୍ଥାନୀୟ ଅଞ୍ଚଳର ୪ଜଣ ବ୍ୟକ୍ତିଙ୍କୁ ଗିରଫ କରି ନଗଦ ଅର୍ଥ ଜବତ କରିଥିଲେ।ଚଢାଉରେ ରିଷିଡା ଫାଣ୍ଡିର କନେଷ୍ଟବଳ ସଞ୍ଜିବ କୁମାର ସାହୁ, ରଞ୍ଜନ କୁମାର ସାହୁ, ସୁନୀଲ କୁମାର ବାଗ, କୈଳାସ ପୁଟେଲ ସାମିଲ ଥିଲେ। ଏନେଇ ପୁଲିସ ମାମଲା ରୁଜୁ କରିଥିବା ବେଳେ ଗିରଫ ୪ ଜଣଙ୍କୁ ଜାମିନରେ ଛାଡିଦିଆ ଯାଇଥିବା ଜଣାଯାଇଛି।

## ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶର ମାଧ୍ୟମ 'ସୁରଭି'

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ

**ଧର୍ମଗଡ଼, ୩।୧୧ (ସମିସ):** ଧର୍ମଗଡ଼ ବ୍ଲକ ସନ୍ଧିକୁଲିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶିଶୁଙ୍କ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବର ପ୍ରଥମ ଅଧିବେଶନରେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନୀ ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବରେ ଏବିଇଓ ଅରୂପାନନ୍ଦ ଭୋଇ, ଏବିଇଓ ବିଶ୍ୱଜିତ ବେହେରା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରିଖୀରାମ ବେହେରା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶର ଅନ୍ୟ ନାମ ହେଉଛି ସୁରଭି ବୋଲି ଅତିଥିମାନେ କହିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଅତିରିକ୍ତ ଗୋଷ୍ଠୀ




ଶିକ୍ଷା ଅଧିକାରୀ ହେମନ୍ତ କୁମାର ପଣ୍ଡା ସମେତ ଅନ୍ୟାନ୍ୟ ଅତିଥି ମଞ୍ଚାସିନ ହୋଇ ଶିଶୁ ମହୋତ୍ସବ ସୁରଭି -ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁଯୋଗ ଆଣି ଦେଇଛି। ପ୍ରତିଭା କେବଳ ଘର ଭିତରେ ସୀମିତ ନ ରହି ଦେଶ ଦୁନିଆ ଆଗରେ ପରିଚୟ ସୃଷ୍ଟି କରିବା ପାଇଁ ସୁରଭି ଏକ ନିଆରା ଉଦ୍ୟମ ବୋଲି ଅତିଥିମାନେ ଅଭିଭାଷଣ ରଖିଥିଲେ। ବ୍ଲକର ୧୭ଟି କ୍ଲଷ୍ଟର ଛାତ୍ରଛାତ୍ରୀଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା।ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବ୍ରାହ୍ମଣ ଛେଣ୍ଡିଆ ସିଆରସିସି ଟିକେଶ୍ୱର ନାଏକ ଓ କାଙ୍କେରି ସିଅରସିସି ପ୍ରେମଲାଲ ଜଗତ ପରିଚାଳନା କରିଥିଲେ। ଶେଷରେ ବିଇଓ ଶ୍ରୀମତୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ

**ମ.ରାମପୁର, ୩।୧୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଭଲିବଲ୍ କ୍ଲବ୍ ତରଫରୁ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣା ମେଣ୍ଟ ମ.ରାମପୁର ମହାବିଦ୍ୟାଳୟ ଖେଳ ପଡ଼ିଆ ଠାରେ ଅନୁଷ୍ଠିତ ହୋଇ ଥିଲା। ଉଦ୍‌ଘାଟନୀ ମ୍ୟାଚ୍ ରେ ମୁଖ୍ୟ ଅତିଥି ଭାବେ ସେବଜଗତ ସମ୍ପାଦକ ସତ୍ୟ ନାରାୟଣ ପଟ୍ଟନାୟକ ଯୋଗ ଦେଇ ଥିବା ବେଳେ ପୁରସ୍କାର ବିତରଣୀ ଉତ୍ସବ ରେ ବିଡିଓ ଶରତ କୁମାର ସେଠୀ, ତହସିଲ ଦାର ସୁଶ୍ରୀ ମୀମାଂସା ସାହୁ, ଥାନା ଅଧିକାରୀ ବୀରବର ଭଗତ, ଏବିଡିଓ ଲକ୍ଷ୍ମଣ ପଧାନ, ବ୍ଲକ ବିଜେଡି ସଭାପତି



ସତ୍ୟ ନାରାୟଣ ସାହୁ ଅତିଥି ଭାବେ ଯୋଗଦେଇ ବିଜୟୀ ଟିଟିଲାଗଡ଼ ଓ ଉପବିଜେତା ତୁଣ୍ଡଲା ଦଳକୁ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣୀ ସଭାକୁ ସାମ୍ବାଦିକ ହେମନ୍ତ ସାହୁ ପରିଚାଳନା କରିଥିଲେ। ଖେଳ ପରିଚାଳନା ଯୁଗଳ କିଶୋର ପଧାନ, ଅବସର ପ୍ରାପ୍ତ ପି ଇ ଟି ତୋଫାନ ଗୌଡିଆ, ସରୋଜ ପଧାନ, ଅଜିତ ନାୟକ, ଚନ୍ଦ୍ର ମୋହନ ବିଶ୍ୱାଳସ୍କୋରର ଅଧ୍ୟାପକ ବିଜୟ କୁମାର ଭୋଇ, ଧାରା ବିବରଣୀ ଅଧ୍ୟାପକ ସୁମନ୍ତ ମାଝୀ, ଦେଇଥିବା ବେଳେ ଆୟୋଜକ କମିଟିର ମୁଖ୍ୟ ପ୍ରାଧ୍ୟାପକ କଳକୀ ରାମ ବରର୍ତ୍ତୀ ପକ୍ଷରୁ ରଶ୍ମି ରଞ୍ଜନ ପ୍ରହରାଜ, ପ୍ରଶାନ୍ତ ପଧାନ ଓ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ

**କଳମପୁର, ୩।୧୧ (ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକଙ୍କ ତତ୍ତ୍ୱାବଧାନରେ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଛି। କଳମପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ପ୍ରଥମ ଅଧିବେଶନରେ ସୁଶ୍ରୀ ନାଏକ ସଭାପତିତ୍ୱ କରିଥିବା ବେଳେ ମନୋଜ ମିଶ୍ର ମଞ୍ଚ ପରିଚାଳନା ଓ ନବଘନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଉଲ୍ଲେଖନୀୟ ଅବଦାନ କିଛି ଶିକ୍ଷକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ମଧ୍ୟ ବିଭିନ୍ନ କ୍ଷେତ୍ରରେ କୃତୀ କିଛି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଡ଼ିଓ ଓ କନିଷ୍ଠ ଯନ୍ତ୍ରୀ ଅତିଥି ଭାବେ ଯୋଗ ଦେଇ ମଞ୍ଚାସୀନ ହୋଇଥିଲେ।ଏହି ଅବସରରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିଶୁ ମାନଙ୍କ ଠାରେ ଶିକ୍ଷା ପ୍ରତି ଆଗ୍ରହ ବଢ଼ାଇବା ସହ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଏହା ସହାୟକ ହେଉଛି ବୋଲି ବକ୍ତାମାନେ ମତ ରଖିଛନ୍ତି। ଯଦିଓ ଏହା ଠିକ ତେବେ ଏହାକୁ ଠିକ ଭାବେ ଆୟୋଜିତ ହେଉନାହିଁ କାହିଁକି ବୋଲି କିଛି ଅଭିଭାବକ ନିଜ ପ୍ରତିକ୍ରିୟା ରଖିଥିଲେ। କ୍ଲଷ୍ଟରସ୍ତରୀୟ ଏଭଳି କାର୍ଯ୍ୟକ୍ରମ ସମୟରେ ବ୍ଲକସ୍ତରୀୟ ଅଧିକାରୀ ପରିଦର୍ଶନ କରିବା ସହ ବ୍ଲକସ୍ତରୀୟ ଏଭଳି କାର୍ଯ୍ୟକ୍ରମ ସମୟରେ ଜିଲ୍ଲା ସ୍ତରୀୟ ଅଧିକାରୀ ପରିଦର୍ଶନ କଲେ ହୁଏତ ଏଭଳି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରାଯାଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

**କର୍ଲାମୁଣ୍ଡା, ୩।୧୧ (ସମିସ):** କର୍ଲାମୁଣ୍ଡା ବ୍ଲକର ତେରେସିଂହା ସରକାରୀ ହାଇସ୍କୁଲରେ ଗତକାଲି ଠାରୁ ଆରମ୍ଭ ହୋଇଥିବା କଳାହାଣ୍ଡି ଜିଲ୍ଲା ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗୀତା ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ପୁରସ୍କାର ବିତରଣୀ ସଭା ତଥା ଉଦ୍‌ଯାପନୀ ସମାରୋହରେ କେସିଙ୍ଗା ଏନ୍‌ଏସି ଅଧକ୍ଷ ନୃପରାଜ ଯାଦବ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣିଷର ନିରୋଗୀପଣ ପାଇଁ କ୍ରୀଡା ଅପରିହାର୍ଯ୍ୟ ବୋଲି ପ୍ରକାଶ କରିଥିଲେ। କଳାହାଣ୍ଡି ଡିଇଓ ରାଧାକାନ୍ତ ଛତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଟିଟିଲାଗଡ଼ ଡିଏଭି କଲେଜର ଅଧକ୍ଷ ଡଃ ଶିବପ୍ରସାଦ ବେହେରା ମୁଖ୍ୟବକ୍ତା, ପୂର୍ବତନ ଜିଲ୍ଲା ଶାରିରୀକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା ବେଳେ କୋକସରା ବିଇଓ ମହେଶ କୁମାର ଭାଟି, କର୍ଲାମୁଣ୍ଡା ପ୍ରାକ୍ତନ ବିଇଓ ହୃଷିକେଶ ଗହୀର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କର୍ଲାମୁଣ୍ଡା ବିଇଓ ବାଞ୍ଛାନିଧି ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲାଶାରିରୀକ ନିରିକ୍ଷକ ରୂପସିଂ ରାଉତ ବିବରଣୀ ପଠନ କରିଥିଲେ। ତେରେସିଂହା ହାଇସ୍କୁଲ




ପ୍ରଧାନ ଶିକ୍ଷକ ଗରୁଡଧ୍ୱଜ ଗହୀରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମହିଚଲା ବାଲାଜୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ର ଓମପ୍ରକାଶ ଶବର ନିଜ ଅନୁଭୂତି ଉପସ୍ଥାପନ କରିଥିଲେ। ଶ୍ରବଣ କୁମାର ଜାଲ ପୁରସ୍କାର ବିତରଣ କୁ ସଞ୍ଚାଳନ କରିଥିବା ବେଳେ ନୀଳମଣି ଗହୀର ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ଜିଲ୍ଲାରୁ ମୋଟ ୩୭୦ ଜଣ ପ୍ରତିଯୋଗୀ ଓ ଶିକ୍ଷକ ଯୋଗଦେଇଥିଲେ। ଏଥିରେ ଥୁଆମୂଳ ରାମପୁର ବ୍ଲକ ଚମ୍ପିଆନ ହୋଇଥିବା ବେଳେ ନର୍ଲା ବ୍ଲକ ରନର୍ସଅପ୍ ହୋଇଥିଲା। ୧୭ ବର୍ଷ ରୁ କମ ବାଳକ ବିଭାଗରେ ରିଷିଡା ଜେକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଛାତ୍ର ପିୟୁଷ କୁମାର ସା ଚମ୍ପିଆନ ହୋଇଥିବା ବେଳେ ଲାଞ୍ଜିଗଡ଼ ଓଏଭି ଛାତ୍ର ଜଗଦିଶ ମାଝୀ ମଧ୍ୟ ଚାମ୍ପିଅନ ହୋଇଥିଲେ। ବାଳିକା ବିଭାଗରେ ପଞ୍ଚସଖା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଲାତରାର ମିତା ପୁଝାରୀ ଚମ୍ପିଅନ ହୋଇଥିଲେ। ୧୪ ବର୍ଷ ରୁ କମ ବାଳକ ବିଭାଗରେ ଜିଭିଏସଏନ କୁକୁଡାବାହାଲ (ଥ.ରାମପୁର)ର ଘାସିରାମ ନାଏକ ଓ ବାଳିକା ବିଭାଗରେ ୟୁଜିଏଚଏସ ରାତୁଲ (ନର୍ଲା)ର ଛାତ୍ରୀ ଦ୍ରିତିକା ନାଗ ଚମ୍ପିଅନ ହୋଇଥିଲେ। ତେରେସିଂହା ହାଇସ୍କୁଲ ସମସ୍ତ ଶିକ୍ଷ ଶିକ୍ଷୟିତ୍ରୀ, କର୍ମଚାରୀମାନେ ସହଯୋଗ କରିଥିଲେ।

# ଗୋଲାମୁଣ୍ଡା ବ୍ଲକ୍ ଫୋଟଗ୍ରାଫର ସଂଘର ବୈଠକ

**ଗୋଲାମୁଣ୍ଡା, ୩।୧୧(ସମିସ):** ଗୋଲାମୁଣ୍ଡା ବ୍ଲକ ଫୋଟୋଗ୍ରାଫର ସଂଘର ବୈଠକ ବ୍ଲକ ସଭାପତି ମହେନ୍ଦ୍ର ରଣାଙ୍କ ସଭାପତିତ୍ୱରେ ଚପରିଆ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି।ବୈଠକରେ ସଂଘର ବିଭିନ୍ନ ନିୟମାବଳୀ ପଠନ କରାଯାଇଥିବା ବେଳେ ବୈଠକର ମୁଖ୍ୟ ବିଷୟବସ୍ତୁ ଉପରେ ଅଧିକ ଆଲୋଚନା କରାଯାଇଥିଲା। ଯଥା ବାହାଘର, ଜନ୍ମଦିନ, କୁଣ୍ଡାବୋରି, ବାହାଘର ନିର୍ବନ୍ଧ ଆଦି କାର୍ଯ୍ୟକ୍ରମରେ ଲୋକେ ସ୍ମୃତିକୁ ସାଇତି ରଖିବା ପାଇଁ ଫୋଟୋ ଭିଡିଓ ଉତ୍ତୋଳନ ପାଇଁ ଫୋଟୋଗ୍ରାଫରଙ୍କୁ ନିମନ୍ତ୍ରଣ କରିଥାନ୍ତି। କିନ୍ତୁ ଫୋଟୋଗ୍ରାଫରମାନେ ଅନେକ ପରିଶ୍ରମ କରିବା ସତ୍ତ୍ୱେ ଉଚିତ ମୂଲ୍ୟ ପାଉ ନ ଥିବାରୁ



ସର୍ବନିମ୍ନ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଯଥା ବାହାଘର ୨ ଦିନର ସୁଟିଂ ପାଇଁ ସର୍ବନିମ୍ନ ମୂଲ୍ୟ ୨୫ ହଜାର ଧାର୍ଯ୍ୟ କରାଯାଇଛି ବୋଲି ସଂଘର ସମ୍ପାଦକ ରିତେଶ କୁମାର ନାଏକ ପ୍ରକାଶ କରିଥିଲେ। ଯଦି କୌଣସି ସଦସ୍ୟ ନିର୍ଦ୍ଧାରିତ ମୂଲ୍ୟ ଠାରୁ କମ ମୂଲ୍ୟରେ କାମ କଲେ ଦଶ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ନିଷ୍ପତ୍ତି ନିଆଗଲା। ବୈଠକରେ ବ୍ଲକର ବିଭିନ୍ନ ଅଞ୍ଚଳର ପ୍ରାୟ ପଚିଶରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ ଆଗାମୀ ଦିନରେ ସଂଘର ରେଜିଷ୍ଟ୍ରସନ ମଧ୍ୟ କରାଯିବ ବୋଲି ଆଲୋଚନା କରିଥିଲେ।

## କଳାହାଣ୍ଡି ଜିଲ୍ଲା ରେଳ ଯାତ୍ରୀ ସଂଘର ବୈଠକ

# ସମସ୍ତ ଦୂରଗାମୀ ଟ୍ରେନ୍ ୫ ମିନିଟ ରହଣି ଦାବି

**କେସିଙ୍ଗା, ୩।୧୧(ସମିସ)**

କଳାହାଣ୍ଡି ଜିଲ୍ଲା ରେଳ ଯାତ୍ରୀ ସଂଘର ମାସିକ ବୈଠକ ସଭାପତି ସୁଭାଷ ଜୈନଙ୍କ ଅଧକ୍ଷତାରେ ସ୍ଥାନୀୟ ୟଙ୍ଗ ବ୍ଲଡପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ସାଧାରଣ ସମ୍ପାଦକ ଡମ୍ବୁରୁଧର ଭୋଇ ପୂର୍ବ ବୈଠକର ବିବରଣୀ ପଠନ ପରେ ତାକୁ ଦୃଢ଼ୀକରଣ କରାଯାଇଥିଲା। ବୈଠକରେ ଡ. ହେମସାଗର ସାହା କେସିଙ୍ଗା ରେଳ ଷ୍ଟେସନର ବିଭିନ୍ନ ସମସ୍ୟାକୁ ନେଇ ଜେଡ୍‌ଆର୍‌ୟୁସିସି ବୈଠକରେ ଉତ୍‌ଥାପନ କରିଥିବା ବିଷୟ ଉପରେ ଆଲୋକପାତ କରିଥିଲେ। କେସିଙ୍ଗା ରେଳ ଷ୍ଟେସନରେ ସମସ୍ତ ଦ୍ରୁତଗାମୀ ଟ୍ରେନ ମାତ୍ର ୨ମିନିଟ ରହଣୀ କରୁଛି ଫଳରେ ଯାତ୍ରୀମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ବିଶେଷ କରି ବୃଦ୍ଧ ବୃଦ୍ଧା ବିକଳାଙ୍ଗ ଓ ମହିଳାମାନେ ଟ୍ରେନ



କମ ସମୟ ରହଣି ହେଉଥିବାରୁ ଟ୍ରେନରୁ ଓହ୍ଲାଇ ପାରୁନାହାନ୍ତି ସେଥିପାଇଁ ୨ମିନିଟ ରହଣି ପରିବର୍ତ୍ତେ ୫ମିନିଟ୍‌କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଯେତେବେଳେ ଦ୍ରୁତଗାମୀ ଡାଉନ୍ ଟ୍ରେନ ଆସେ ସେତେବେଳେ ୪ନମ୍ବର ପ୍ଲାଟ ଫର୍ମରେ ନ ଆସି ୨ନମ୍ବର ଓ ୩ନମ୍ବର ପ୍ଲାଟଫ୍ର ରେ ଆସୁଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏଥିରେ ବିଶେଷ କରି ସେହି ବୃଦ୍ଧ ବୃଦ୍ଧା ବିକଳାଙ୍ଗମାନେ ସିଡି ଚଢ଼ି ନପାରି ହଇରାଣ ହେଉଛନ୍ତି। ସେଥିପାଇଁ ସମସ୍ତ ଯାତ୍ରୀବାହୀ ଡାଉନ୍ ଟ୍ରେନ ୪ନମ୍ବରରେ ଆସୁ ଓ ଅପ ଗାଡ଼ି ୧ନମ୍ବର ପ୍ଲାଟ୍ ଫ୍ରମ୍‌ରେ ଆସିବା ପାଇଁ ଡିଆରଏମଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ମୁଖ୍ୟ ପରାମର୍ଶଦାତା ଡ.ହେମ ସାଗର ସାହା ଜେଡ୍‌ଆର୍‌ୟୁସିସି ବୈଠକରେ ଉପସ୍ଥାପନା କରିଥିଲେ। ଲିଖିତ ଅଭିଯୋଗ ମଧ୍ୟ କରିଥିଲେ ହେଲେ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଦୁଃଖର କଥା ଆଜି ପର୍ଯ୍ୟନ୍ତ କେସିଙ୍ଗା ଅଞ୍ଚଳର ଯାହାବି ଚିଠି ପତ୍ର ରେଳ ବିଭାଗକୁ ସଂଘ ତରଫରୁ ପତ୍ରାଳପ କରାଯାଉଛି ତାହାର ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଏପରିକି ଯେତେବେଳେ କେସିଙ୍ଗା ଷ୍ଟେସନରେ କୌଣସି ପ୍ରୋଗ୍ରାମ ହେଲେ ଅଧିକାରୀମାନେ କିଛି ଜଣାଉଁନଥିବାରୁ ସଂଘ ତରଫରୁ କ୍ଷୋଭ ପ୍ରକାଶ ପାଇଥିଲା। ପରେ ଡ. ସାହା ଆସନ୍ତା ୧୦ ତାରିଖ ଦିନ ଜିଏମଙ୍କୁ ସାକ୍ଷାତ ପରେ ଅନ୍ୟ ପଦକ୍ଷେପ ନିଆଯିବ କହିଥିଲେ। ଶେଷରେ ସଭାପତି ସୁଭାଷ ଜୈନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ଏନ୍‌ଏସି ନଗରପାଳ ନୃପରାଜ ଯାଦବ, ଉପସଭାପତି ପ୍ରଶାନ୍ତ ବାନାର୍ଜୀ, କୋଷାଧକ୍ଷ ଆନନ୍ଦ ଅଗ୍ରୱାଲ, ସଦସ୍ୟ ରମେଶ ପଟ୍ଟନାୟକ, ଅନିଲ ଜୈନ, ବିନୁ ଅଗ୍ରୱାଲ, ବେଣୁଧର ମହଲା, ଜୟ ଭଗବାନ ଜୈନପ୍ରମୁଖ ଉପସ୍ଥିତ ଥିଲେ।

## ■ ଜଗଦୀଶ ମହାନ୍ତି ଏବଂ ସାହିତ୍ୟର ଅନ୍ତଃସ୍ୱର

# ଓଡ଼ିଆ ବିଭାଗର ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ

**ଭବାନୀପାଟଣା, ୩।୧୧(ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ଦ୍ୱାରା ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥଙ୍କ ତତ୍ତ୍ୱାବଧାନରେ କଥାକାର ଜଗଦୀଶ ମହାନ୍ତି: ପରିଚୟ



ଓ ପରିଚିତି' ଶୀର୍ଷକରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟଡ. ପଲ୍ଲୀଶ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମର ସଂକ୍ଷିପ୍ତ ବିବରଣୀ ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ ଅଭିଭାଷଣରେ ନାଆମୀ କଲେଜ, ନାଆମୀ, ଭଦ୍ରକର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଡ.ଚିତ୍ତରଞ୍ଜନ ରାଉତ ବକ୍ତା ଭାବେ ଉପସ୍ଥିତ ହୋଇ ଓଡିଆ କଥା ସାହିତ୍ୟର ବିକାଶକ୍ରମ ଓ ଜଗଦୀଶ ମହାନ୍ତିଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଆଲୋଚନା କରି କଥାକାର ଜଗଦୀଶ ମହାନ୍ତିଙ୍କ ସାରସ୍ୱତ ସାମ୍ରାଜ୍ୟର ବିଭିନ୍ନ ଦିଗ ସମ୍ପର୍କରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ସୋରୋ କଲେଜ, ବାଲେଶ୍ୱରର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ତଥା ଡ. ରାଉତଙ୍କ ସହଧର୍ମିଣୀ ଡ.ପ୍ରମିଳା ପାତ୍ର ଜଗଦୀଶ ମହାନ୍ତିଙ୍କ ସାହିତ୍ୟର ଅନ୍ତଃସ୍ୱର ସମ୍ପର୍କରେ ଆଲୋଚନା କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ପ୍ରତ୍ୟାଶା ଧଳ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ବାଲ୍ମିକୀ କରୁଆଁ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ଡୋଳାମଣି ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବକ୍ତା ଗବେଷକ-ଗବେଷିକା ଓ ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରି ଜିଜ୍ଞାସା ମୋଚନ କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ସହକାରୀ ପ୍ରଫେସର ଡ. ସାଗରିକା ଦଳାଇ, ରେଣୁକା ଡାକୁଆ, ରାମଶଙ୍କର ମେହେର ତଥା ସମସ୍ତ ଗବେଷକ ଗବେଷିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ଉକ୍ତ ଅଭିଭାଷଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ନୂଆପଡ଼ାରେ ନବୀନ ଲହର






**ନୂଆପଡ଼ା, ୩ ।୧୧(ସମିସ)**

ଉପନିର୍ବାଚନ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ସରଗରମ ହୋଇଗଲାଣି । ରାଜ୍ୟ ତଥା ଦେଶର ବିଭିନ୍ନ କୋଣ ଅନୁକୋଣରୁ ନେତା ମନ୍ତ୍ରୀଙ୍କ ଭିଡ଼ ଦେଖିବାକୁ ମିଳିଛି ।ଏଭଳି ସ୍ଥିତିରେ ବିଜେଡି ସୁପ୍ରିମୋଙ୍କ ଉପରେ ସମସ୍ତଙ୍କ ନଜର। ସେ ଆସିବେ କି ନାହିଁ ଲୋକଙ୍କ ମନରେ ନାନାଦି ପ୍ରଶ୍ନ ଉଠୁଥିଲା ।କିନ୍ତୁ ଠିକ ସମୟରେ

## ୧ ଘଣ୍ଟାର କାର୍ଯ୍ୟକ୍ରମରେ ବିଜେପିକୁ ଧୋଇଦେଲେ

ନବୀନ ପଟ୍ଟନାୟକ ନୂଆପଡ଼ାରେ ପହଞ୍ଚି ହଟ ଚମଟ କରିଦେଇଛନ୍ତି। ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ତରବୋଡଠାରେ ହୋଇଥିଲା ବିଜେଡିର ପ୍ରଚାର ସଭା। ନବୀନଙ୍କୁ ଦେଖିବା ପାଇଁ ଲୋକଙ୍କ ଅସମ୍ଭାଳ ଭିଡ଼ ନବୀନଙ୍କ ଲୋକପ୍ରିୟତାର ନିଦର୍ଶନ। ନବୀନ ସୋମବାର ମଧ୍ୟାହ୍ନ ୧୨ଟା ବେଳେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଅବତରଣ କରି ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେଇଥିଲେ ।ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନବୀନ ପଟ୍ଟନାୟକ ନିର୍ବାଚନ ଅଭିଭାଷଣ ରଖିଥିଲେ ।ଏହି ଅବସରରେ ନୂଆପଡ଼ା ଉପନିର୍ବାଚନ ଲାଗି ବିଜେଡି ବିଧାୟକ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ତାଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ବିଜୟୀ କରି ତର ତାଙ୍କର ବିକାଶର ରଥକୁ ଆଗକୁ ନେବାକୁ ଲୋକଙ୍କୁ ନିବେଦନ କରିଥିଲେ।




## ବିଜେପି ଉପରେ ବର୍ଷିଲେ

ବିଜେପି ସରକାରଙ୍କୁ ସମାଲୋଚନା କରି ନବୀନ କହିଥିଲେ ସାରା ରାଜ୍ୟରେ ଏବେ ବିକାଶ କାମ ପୂରା ବନ୍ଦ ହୋଇଯାଇଛି। ଆଇନ ଶୃଙ୍ଖଳା ପୂରା ଭୁଶୁଡି ଯାଇଛି ।ରାଜ୍ୟରେ ଏକ ନୀରବ ବିପ୍ଲବ ଆଣିଥିବା ମିଶନ୍ ଶକ୍ତି ମା' ମାନେ ଆଜି ଋଣ ପାଉନାହାଁନ୍ତି। ୮ ମାସ ହେଲା ମିଶନ ଶକ୍ତି ମା'ମାନେ ଦରମା ପାଉ ନ ଥିବାରୁ ଦୁଃଖ ପ୍ରକାଶ କରିଛନ୍ତି। ବିଜେପି ସରକାର କେବଳ ମିଛ ପ୍ରଚାରରେ ମାତିଛି, ମିଛ ପ୍ରଚାରରେ ହିରୋ, କିନ୍ତୁ କାମରେ ଜିରୋ। ବିଜେପି ସରକାର ଗେମ୍ ଚେଞ୍ଜର ନୁହେଁ ନେମ ଚେଞ୍ଜର ସରକାର, ରଙ୍ଗମରା ସରକାର। ୩୦୦ ୟୁନିଟ ମାଗଣା ବିଜୁଳି, ବୃଦ୍ଧବୃଦ୍ଧାଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା, ସବୁ ପଞ୍ଚାୟତର ୧୦୦ ଯୁବକଙ୍କୁ ଚାକିରି ଭଳି ବିଜେପିର ପ୍ରତିଶ୍ରୁତି ପାଣିରେଗାର ପାଲଟି ଯାଇଛି। ଚାଷୀଙ୍କୁ ସାର ମିଳୁନି, କଟ୍‌ନୀ ଛଟନୀ ବନ୍ଦ ହେଲାଣି। ବିଏସ୍‌କେୱାଇକୁ ଭଲ ଥିଲା କି ଆୟୁଷ୍ମାନ କାର୍ଡ ଭଲ ନବୀନ ଲୋକଙ୍କୁ ପ୍ରଶ୍ନ କରିଥିଲେ ।ଆସନ୍ତା ୧୧ ତାରିଖରେ ନୂଆପଡ଼ାବାସୀ ବିଜେପିକୁ ଜବାବ ଦେବେ ବୋଲି କହିଛନ୍ତି।

## କାର୍ଯ୍ୟକ୍ରମରେ ତୁଙ୍ଗ ନେତା

ଗତ ୨୦୨୪ ନିର୍ବାଚନ ପରେ ଏହା ଥିଲା ପ୍ରଥମ ନିର୍ବାଚନ ସଭା। ନିହାତି ଭାବେ ଏହି ନିର୍ବାଚନ ବିଜେଡି, ବିଜେପି ଏବଂ କଂଗ୍ରେସ ପାଇଁ ଏକ ଚ୍ୟାଲେଞ୍ଜ ସହ ସମ୍ମାନର ପ୍ରଶ୍ନ ବୋଲି ସମସ୍ତ ବିଜେଡି ନେତୃବୃନ୍ଦ ମଧ୍ୟ ବିଜେଡି ସୁପ୍ରିମୋଙ୍କ ଆସିବା ବାଟକୁ ଜଗି ରହିଥିଲେ। ନିର୍ବାଚନୀ ତିଥି ଘୋଷଣା ହେବା ଦିନଠାରୁ ଏଠାରେ ବିଜେଡିର ନେତୃବୃନ୍ଦ ଡେରା ପକାଇ ଏଠିକାର ସମସ୍ୟା ସହ ବିଜେଡି ପରିବାର ସହ ସମ୍ପର୍କ ଅଭିଯାନରେ ରହିଥିଲେ ।ତେଣୁ ନବୀନଙ୍କୁ ପାଇ ସମସ୍ତେ କୁଣ୍ଢେମୋଟ ହୋଇଥିଲେ। ଏଥିରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ଟୁକୁନୀ ସାହୁ, ଅଧିରାଜ ମୋହନ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ମନୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନବୀନ ଫ୍ୟାନ୍‌ରେ ପଡ଼ିଆ ଭର୍ତ୍ତି

ନବୀନଙ୍କ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବାକୁ କୁଆଡେ ବିଜେପି ତରଫରୁ ବିଭିନ୍ନ ଜାଗାରେ ଲୋକଙ୍କୁ ମନା କରାଯାଇ ଗାଡ଼ି ଗୁଡିକୁ ଅଟକାଯାଇଥିଲା।। ତଥାପି ନବୀନଙ୍କୁ ଦୀର୍ଘ ଦିନ ପରେ ନିକଟରେ ଦେଖିବାକୁ ହଜାର ହଜାର ନବୀନ ଫ୍ୟାନ୍‌ଙ୍କ ଆଗମନରେ ସଭାସ୍ଥଳ ଭର୍ତ୍ତି ହୋଇଯାଇଥିଲା। ସବୁଆଡେ କେବଳ ଶଙ୍ଖ ଚିହ୍ନ ଏବଂ ଶଙ୍ଖ ନାଦରେ ଗର୍ଜି ଉଠିଥିଲା। ୧୫ହଜାରରୁ ଊର୍ଦ୍ଧ୍ୱ ନବୀନ ପ୍ରେମୀ ଆସିଥିଲେ। ସମସ୍ତଙ୍କ ହାତରେ ଶଙ୍ଖ ଚିହ୍ନିତ ପ୍ଲାକାର୍ଡ।

## ଶୋଭାଯାତ୍ରାରେ ଅସମ୍ଭାଳ ଭିଡ଼

ଜାତୀୟ ରାଜପଥ ୩୫୩ ତରବୋଡ ନିକଟରେ ନବୀନଙ୍କ ନିର୍ବାଚନୀ ସଭା କାର୍ଯ୍ୟକ୍ରମ ହୋଇଥିଲା। ସଭାକୁ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକ ବ୍ୟାନର ଧରି ଶୋଭାଯାତ୍ରାରେ ମଧ୍ୟ ଆସିଥିବା ଦେଖାଯାଇଥିଲା ।ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନବୀନଙ୍କ ନାମରେ ସ୍ଲୋଗାନରେ ତରବୋଡ ଅଞ୍ଚଳ କମ୍ପି ଉଠିଥିଲା ।ଜାତୀୟ ରାଜପଥ ହେତୁ ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ଶତାଧିକ ଗାଡ଼ିମଟର ଅଟକି କାର୍ଯ୍ୟକ୍ରମକୁ ଉପଭୋଗ କରୁଥିଲେ।

## ଅସ୍ଥାୟୀ ହେଲିପ୍ୟାଡ୍ ନିକଟରେ ହଜାର ହଜାର ଲୋକ

କାର୍ଯ୍ୟକ୍ରମ ପୂର୍ବାହ୍ନ ୧୧ଟାବେଳେ ରଖାଯାଇଥିବା ବେଳେ ଲୋକମାନେ ବହୁ ଅଗରୁ ଆସି ନବୀନଙ୍କୁ ଦେଖିବାକୁ ଉଦ୍‌ବେଗର ସହ ଚାହିଁ ରହିଥିଲେ। ହେଲିକପ୍ଟର ଆସିବା କ୍ଷଣି ଲୋକେ ସଭାସ୍ଥଳ ଛାଡି ହେଲିପ୍ୟାଡ୍ ନିକଟକୁ ଦୌଡିବାରେ ଲାଗିଥିଲେ ।ନବୀନଙ୍କୁ ହାତ ହଲାଇ ସଭାସ୍ଥଳକୁ ତାଙ୍କ ସାଥିରେ ଆସିଥିଲେ।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ସଭାସ୍ଥଳ

ଏହା ଯେ କେବଳ ନିର୍ବାଚନୀ ସଭା ନଥିଲା ଏକ ସାଂସ୍କୃତିକ ସଭାର ମହକ ଦେଉଥିଲା ।କାର୍ଯ୍ୟକ୍ରମରେ ଦୁଲୁକୁଥିଲା ମଞ୍ଚ ।ନବୀନ ପଟ୍ଟନାୟକଙ୍କ ଆସିବା ପୂର୍ବରୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଂସ୍କୃତିକ ଦଳ ନିଜ ନିଜର କଳାର ପ୍ରଦର୍ଶନ କରିଥିଲେ। ଏହାକୁ ଲୋକେ ଦେଖି ଉପଭୋଗ କରିଥିଲେ ।କଡ଼ା ସୁରକ୍ଷା ବଳୟ ମଧ୍ୟରେ ଲୋକେ କାର୍ଯ୍ୟକ୍ରମକୁ ଧୈର୍ଯ୍ୟର ସହ ଦେଖିଥିଲେ। ନବୀନଙ୍କ କଥା ଶୁଣିବାକୁ ଲୋକେ ଆତୁର ହୋଇ ରହିଥିଲେ।






## ବିଜେପି ପକ୍ଷରୁ କ୍ରୀଡ଼ାବିତ୍ ସମାବେଶ



**ନୂଆପଡ଼ା, ୩ ।୧୧(ସମିସ):** ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନୀ ପ୍ରଚାର ଜୋର ଧରିଛି। ସମାଜର ସବୁ ବର୍ଗର ଭୋଟରଙ୍କୁ ନିଜ ସପକ୍ଷରେ ଆକୃଷ୍ଟ କରିବା ପାଇଁ ନେତାମାନେ ସଭା ସମିତି କରୁଛନ୍ତି। ବିଜେପି ପକ୍ଷରୁ ଅଞ୍ଚଳର କ୍ରୀଡ଼ାବିତଙ୍କୁ ନେଇ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡା, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଉପସ୍ଥିତ ରହି କ୍ରୀଡ଼ାବିତଙ୍କୁ ସମ୍ବୋଧିତ କରିଥିଲେ। ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ା ଓ କ୍ରୀଡାବିତଙ୍କ ବିକାଶ ପାଇଁ ଯାହା ଯାହା ପଦକ୍ଷେପ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ଅବଗତ କରାଇଥିଲେ। ଏହା ସହିତ ଉଭୟ ସରକାରଙ୍କ ଦ୍ୱାରା ନିଆ ଯାଇଥିବା ବିଭିନ୍ନ ଲୋକାଭିମୁଖୀ ଓ ଜନକଲ୍ୟାଣକରୀ ଯୋଜନା ସମ୍ପର୍କରେ ବୁଝାଇଥିଲେ। ସମାବେଶରେ ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକ ଟଙ୍କଧର ତ୍ରିପାଠୀ, ପ୍ରତାପ ପ୍ରଧାନ, ମାନସ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଜୋନ୍ ୩ ରେ କଂଗ୍ରେସ ପ୍ରଚାର

**ନୂଆପଡ଼ା, ୩ ।୧୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଜୋନ ୩ରେ କଂଗ୍ରେସ ନିର୍ବାଚନୀ ପ୍ରଚାର କରିଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କଣ୍ଟାପାଲି, ଦାନଝଲା, ଗଣ୍ଡାମେର, ମାଲପଡ଼ା, ମହୁଲଭଟା ଓ କାଣ୍ଡେତରା ଭଳି ଗାଁରେ ପଦଯାତ୍ରା କରି ନିର୍ବାଚନୀ ପ୍ରଚାର କରିବା ସହ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ଅଜୟ ଲଲୁ, କୋରାପୁଟ ବିଧାୟକ ରାମଚନ୍ଦ୍ର କାଡ଼ାମ, ରାଜଗାଙ୍ଗପୁର ବିଧାୟକ ଡ଼ ରାଜନ ଏକ୍କା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାନ୍ତଲା, ଷ୍ଟାର ପ୍ରଚାରକ ସୁନିତା ବିଶ୍ୱାଳ ଓ ଅନିତା ବିଶ୍ୱାଳ, କୋରାପୁଟ କଂଗ୍ରେସ ଜିଲ୍ଲା ସଭାପତି କୈଳାସ ଚନ୍ଦ୍ର କୋଲସା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭକ୍ତରାମ ଶବର, ଯୁବ କଂଗ୍ରେସ ଜିଲ୍ଲା ସଭାପତି ଅମିତ ଅହୀର, ଇସାଦ ଖାନ, ସହରୁଖ ଖାନ, ଦୋପଦୀ ମାଝି, ଶ୍ରୀମତୀ ସିଦ୍ଧେଶ୍ୱରୀ ଠାକୁର ପପ୍ରମୁଖ ଉପସ୍ଥିତ ଥିଲେ।



## ଜୁଏଲ ଓ ସୁରେଶଙ୍କ ପ୍ରଚାର

**ନୂଆପଡ଼ା, ୩ ।୧୧(ସମିସ):** ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି ।ଦୁଇ ଦିନ ହେଲା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ନୂଆପଡ଼ା ରେ ଡେରା ପକାଇଛନ୍ତି। ଆଜି ମନ୍ତ୍ରୀ ଶ୍ରୀ ଓରାମ ଜୟଜଂଘା ମଣ୍ଡଳ ଅନ୍ତର୍ଗତ ଡୁମେରପାଣି ପଞ୍ଚାୟତ ଠାରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ଜନସଭାରେ ସାମିଲ ହୋଇଥିଲେ। ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିପୁଳ ସଂଖ୍ୟାରେ ପଦ୍ମ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରନ୍ତୁ ବୋଲି ଭୋଟ ଭିକ୍ଷା କରିଥିଲେ। ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୋଟ ଭିକ୍ଷା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ମାଳବୀକା ଦେବୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ ଏବଂ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଉପସ୍ଥିତ ଥିଲେ।




## ବିଜେଡିର ଷ୍ଟାର୍ ପ୍ରଚାରକ

**କୋମନା, ୩ ।୧୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ତରବୋଡ଼ରେ ଆୟୋଜିତ ବିଜେଡିର ନିର୍ବାଚନୀ ସଭାରେ ଓଡ଼ିଶାର ସାଢ଼େ କୋଟି ଜନତାଙ୍କ ମଉଡମଣି ନବୀନ ପଟ୍ଟନାୟକ ଯୋଗ ଦେଇ ଜନସାଧାରଣଙ୍କୁ ସମ୍ବୋଧନ କରିଛନ୍ତି। ଅପରପଟରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ବିଭିନ୍ନ ସ୍ଥାନରେ ବିଧାୟକମାନେ ପ୍ରଚାର ଚଳାଇଛନ୍ତି। ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ପୂର୍ବତନ ନବରଙ୍ଗପୁର ସାଂସଦ ପ୍ରଦୀପ ମାଝୀ, ସମେତ ଅନ୍ୟ ଷ୍ଟାର ପ୍ରଚାରକ ନିର୍ବାଚନୀ ସଭାରେ ଉପସ୍ଥିତ ଥିଲେ। ସଭାଟି ସମ୍ପୂର୍ଣ୍ଣ ଲୋକାରଣ୍ୟ ହୋଇଥିବା ବେଳେ ସ୍ନେହାଙ୍ଗିନୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବେ ବୋଲି ଆଶୀର୍ବାଦ ପ୍ରଦାନ କରିଛନ୍ତି।



ଲୋକଙ୍କ ଦୁଆରେ ପହଞ୍ଚୁଛନ୍ତି ସ୍ନେହାଙ୍ଗିନୀ

## ବିରୋଧୀଙ୍କଠାରୁ ବହୁ ଆଗରେ ବିଜେଡି





**ନୂଆପଡ଼ା, ୩ ।୧୧(ସମିସ)**

ନୂଆପଡ଼ା ଉପନିର୍ବାଚନ ଦୌଡରେ ଥିବା ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଆଜି ନୂଆପଡ଼ା ବ୍ଲକ ଜୋନ ୯ର ଢୁଲାଭଟ, ମୋଟାନୂଆପଡ଼ା, ଟାନୱାଟ ଓ କେରମେଲୀ ପଞ୍ଚାୟତରେ ନିର୍ବାଚନୀ ପ୍ରଚାର ସହ ଜନସମାବେଶକୁ ସମ୍ବୋଧିତ କରିଥିଲେ। ବିପୁଳ ସମର୍ଥକଙ୍କ ସହ ବାଇକ୍ ରାଲିରେ ସଭାସ୍ଥଳରେ ପହଞ୍ଚିବା ପରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ବିଧାୟକ ତୁଷାରକାନ୍ତି ବେହେରା, ବିଏମ୍‌ସି ମେୟର ସୁଲୋଚନା ଦାସ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ବିଧାୟିକା ସୁବାସିନୀ ଜେନା, ବିଧାୟକ ରମେଶ ଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ମାନସ ମାଡକାମୀ, ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ପ୍ରମୋଦ ପାଢ଼ୀ ପ୍ରମୁଖ ନୂଆପଡ଼ାବାସୀଙ୍କ ଜନମାନସରେ ନବୀନ ପଟ୍ଟନାୟକଙ୍କ ଆଦର୍ଶ ସର୍ବଦା ଅତୁଟ ରହିଥିବ। ବିଜେଡି ସରକାର ସମୟରେ ହୋଇଥିବା ବିଭିନ୍ନ ଜନହିତକାରୀ ଓ ଉନ୍ନୟନମୂଳକ ଯୋଜନାର ଛାପ ଆଜି ବି ରାଜ୍ୟର କୋଣ ଅନୁକୋଣରେ ସ୍ୱଷ୍ଟ ପରିଲକ୍ଷିତ ହେଉଛି। ନୂଆପଡ଼ାରେ ମଧ୍ୟ ବିକାଶ ଧାରା ଜାରି ରଖିବା ପାଇଁ ବିଜେଡିକୁ ବହୁଳ ମତରେ ବିଜୟ ଦେବା ପାଇଁ ସେମାନେ ନିବେଦନ କରିଛନ୍ତି। ସଭାସ୍ଥଳରେ ଉପସ୍ଥିତ ଶତାଧିକ ମହିଳା ଓ ଯୁବକମାନଙ୍କ ଆଖିରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଅବସରରେ ସମସ୍ତେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଅବଦାନକୁ ସ୍ମରଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଶ୍ରୀମତୀ ଛୁରିଆ ନିଜ ବକ୍ତବ୍ୟରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କ ଆତ୍ମନିର୍ଭରତା, ସ୍ୱାବଲମ୍ବନ ଓ ସାମାଜିକ ସଶକ୍ତିକରଣ ପାଇଁ ଦେଇଥିବା ଅବଦାନକୁ ସ୍ମରଣ କରି ଏସ୍‌ଏଚଜି ମାଧ୍ୟମରେ ମହିଳାମାନଙ୍କ ଆର୍ଥିକ ଉନ୍ନତି, ମହିଳା ସୁରକ୍ଷା ଓ ଆଦିବାସୀ ମାନଙ୍କ ଅର୍ଥନୈତିକ ଓ ସାମାଜିକ ଉନ୍ନୟନ ଦିଗରେ ବିଜୁ ଜନତା ଦଳ ସରକାର ନିରନ୍ତର ପ୍ରୟାସ ଜାରି ରଖିଛି ବୋଲି ସେ ଉଲ୍ଲେଖ କରିଥିଲେ। ଆସନ୍ତା ୧୧ ଉପନିର୍ବାଚନରେ ଶଙ୍ଖ ଚିହ୍ନକୁ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି ।ସଭାରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ସ୍ଥାନୀୟ ନେତାମାନେ ଉପସ୍ଥିତ ରହି ବିଜୁ ଜନତା ଦଳ ପ୍ରତି ନିଜ ଅତୁଟ ଆସ୍ଥା ଓ ସମର୍ପଣ ଭାବ ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ମହିଳାମାନେ ଘରକାମରେ ସମୟ ବିତାଇବେ।

**ବୃଷ:** ଦୂରଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିପାରେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିପାରନ୍ତି। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହରେ ସମସ୍ୟା ଆସିପାରେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ। ମାନସମ୍ମାନ ବୃଦ୍ଧି ପାଇବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।


**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୯ - ମାନବ କମ୍ପ୍ୟୁଟର ଶକୁନ୍ତଳା ଦେବୀଙ୍କ ଜନ୍ମ।
- ୧୯୪୭ - ମେଜର ସୋମନାଥ ଶର୍ମାଙ୍କୁ ମରଣୋତ୍ତର ପରମବୀର ଚକ୍ର ପ୍ରଦାନ କରାଗଲା।
- ୧୯୫୪- ଦାର୍ଜିଲିଂରେ ହିମାଳୟ ପର୍ବତାରୋହଣ ସଂସ୍ଥାନର ସ୍ଥାପନା।
- ୨୦୦୮ - ଆମେରିକାର ରାଷ୍ଟ୍ରପତି ହେଲେ ବାରାକ୍ ଓବାମା।
- ୨୦୧୫- ପାକିସ୍ତାନର ଲାହୋରରେ ଏକ କୋଠା ଭୁଶୁଡ଼ି ୪୫ ଜଣଙ୍କ ମୃତ୍ୟୁ ଓ ପାଖାପାଖି ୧୦୦ ଜଣ ଆହତ ହୋଇଥିଲେ।



## 'ରାମାୟଣ' ବିଭୀଷଣ ଭୂମିକାରେ ବିବେକ

ବଲିଉଡ୍‌ରେ ଏବେ ଫିଲ୍ମର କାହାଣୀ ଅପେକ୍ଷା ଏହାର ବଜେଟ୍‌କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ନୀତେଶ ତିୱାରୀଙ୍କ ଫିଲ୍ମ 'ରାମାୟଣ' ସମସ୍ତଙ୍କୁ ପଛରେ ପକାଇ ଦେଇଛି। ୪୦୦୦ କୋଟି ବ୍ୟୟରେ ନିର୍ମିତ ଏହି ଫିଲ୍ମ ଦୁଇଟି ପାର୍ଟରେ ଆସିବ। ଫିଲ୍ମର ବଜେଟ୍ ସହ ଏହାର କଳାକାରଙ୍କୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ରଣବୀର କପୁର, ସାଇପଲ୍ଲବୀ ଓ ୟଶ୍‌ଙ୍କ ବ୍ୟତୀତ ଏଥିରେ କାମ କରୁଥିବା ଅନ୍ୟ ଜଣେ କଳାକାରଙ୍କୁ ନେଇ ଚର୍ଚ୍ଚା ହେଉଛି। ଏହି ଫିଲ୍ମରେ ବିବେକ ଓବରୟ ବିଭୀଷଣ ଭୂମିକାରେ ନଜର ଆସିବେ। ସବୁଠୁ ବଡ଼ କଥା ହେଉଛି, ବିବେକ ଏହି ଫିଲ୍ମ ପାଇଁ ଟଙ୍କାଟିଏ ମଧ୍ୟ ନେବେ ନାହିଁ। ନିକଟରେ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ ବିବେକ କହିଛନ୍ତି ଯେ, 'ରାମାୟଣ'ର ପ୍ରଯୋଜକ ନମିତ ମଲହୋତ୍ରାଙ୍କୁ ସେ କୌଣସି ପାରିଶ୍ରମିକ ନେବେ ନାହିଁ ବୋଲି କହିଥିଲେ। ଏହାସହ ସେ ତାଙ୍କର ପାରିଶ୍ରମିକ ବାବଦରେ ମିଳିବାକୁ ଥିବା ସମସ୍ତ ଅର୍ଥ କ୍ୟାନ୍ସର ପୀଡ଼ିତ ପିଲାଙ୍କ ପାଇଁ ଦାନ କରିବାକୁ ନମିତଙ୍କୁ କହିଛନ୍ତି। ବିବେକ ଆହୁରି ମଧ୍ୟ କହିଛନ୍ତି, ''ରାମାୟଣ' ଭାରତୀୟ ସିନେମାକୁ ଅନ୍ତର୍ଜାତୀୟ ସ୍ତରକୁ ନେଇଯିବ। ଏଥିରେ କାମ କରି ବେଶ୍ ଭଲ ଲାଗିଲା।' 'ରାମାୟଣ' ର ଦୁଇଟି ପାର୍ଟ ୨୦୨୬ ଓ ୨୦୨୭ ଦୀପାବଳିରେ ଆସିବ।




## ସର୍ଫିଂରେ ବିଶ୍ୱ ରେକର୍ଡ

ସର୍ଫିଂ ଏକ ଦୁଃସାହିକ କ୍ରୀଡ଼ା ଭାବେ ଜଣାଯାଏ। ଏଥିରେ ଏକ ବୋର୍ଡ ଉପରେ ଛିଡ଼ା ହୋଇ ଲହଡ଼ିକୁ ଅତିକ୍ରମ କରିବାକୁ ହୋଇଥାଏ। ଏହା ହେଉଛି ଏକ ଆନନ୍ଦଦାୟକ ଜଳକ୍ରୀଡ଼ା। ଏଥିପାଇଁ ଜଳ ସହିତ ପବନର ମଧ୍ୟ ଆବଶ୍ୟକତା ରହିଛି। ପାଣି ଭିତରେ ପବନର ବେଗ ଯେତେ ବୃଦ୍ଧି ପାଇବ ସର୍ଫିଂ କରିବାର ମଜା ସେତେ ବଢ଼ିଥାଏ। ଅବଶ୍ୟ ସର୍ଫିଂ ନିର୍ଦ୍ଦିଷ୍ଟ କେତେ ସମୟ ପାଇଁ ହିଁ କରାଯାଇଥାଏ। କାରଣ ଏଥିରେ ବିପଦ ମଧ୍ୟ ଥାଏ। ନିକଟରେ ଅଷ୍ଟ୍ରିଆର ଜଣେ ବ୍ୟକ୍ତି ଅବିରତ ଆଠ ଘଣ୍ଟା ଧରି ସର୍ଫିଂ କରି ବିଶ୍ୱ ରେକର୍ଡ କରିଛନ୍ତି। ମ୍ୟାକ୍ସିମିଲିୟନ ନ୍ୟୁବକ୍ ନାମକ ବ୍ୟକ୍ତି ଏପରି ଦୁଃସାହିକ କାର୍ଯ୍ୟ କରି ଦେଖାଇଛନ୍ତି। ନ୍ୟୁବକ୍ ୮ ଘଣ୍ଟା ୫ ମିନିଟ୍ ୪୪ ସେକେଣ୍ଡ ପର୍ଯ୍ୟନ୍ତ ସର୍ଫିଂ କରିଥିଲେ। ଅଧିକ ସମୟ ଧରି ସର୍ଫିଂ କରିଥିବା ପୁରୁଷ ହିସାବରେ ତାଙ୍କ ନାମ ଗିନିଜ୍ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛି। ଅତ୍ୟଧିକ ଥଣ୍ଡା ପରିବେଶରେ ବି ସେ ତାଙ୍କର ସର୍ଫିଂ ଜାରି ରଖିଥିଲେ। ଆଠଘଣ୍ଟା ପରେ ସେ କୂଳକୁ ଫେରିଥିଲେ।

## ସମୁଦ୍ରରୁ ପ୍ଲାଷ୍ଟିକ୍ କଣିକା ସଫା କରିବ ମାଛ

ପ୍ଲାଷ୍ଟିକ୍ ପ୍ରଦୂଷଣ ଏବେ ବୈଶ୍ୱିକସ୍ତରରେ ଚିନ୍ତା ବଢ଼ାଉଛି। ସମୁଦ୍ରରେ ଲୋକେ ପ୍ରତିଦିନ କୁଢ଼ କୁଢ଼ ପ୍ଲାଷ୍ଟିକ୍ ଫିଙ୍ଗୁଛନ୍ତି। ସମୁଦ୍ରର ପ୍ଲାଷ୍ଟିକ୍ ଆବର୍ଜନାକୁ ମୁକ୍ତ କରିବାକୁ ଚୀନ୍, ସିଚୁଆନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏକ ସ୍ୱତନ୍ତ୍ର ମାଛ ବିକଶିତ କରିଛନ୍ତି। ଏହି ମାଛଟି ପ୍ରକୃତରେ ଏକ ରୋବଟ୍ ମାଛ। ସ୍ୱୟଂଚାଳିତ ଏହି ରୋବଟ୍ ମାଛଟି ସମୁଦ୍ର ପାଣିରେ ଭାସି ଭାସି ତା'ର ଶରୀରରେ କ୍ଷୁଦ୍ର ପ୍ଲାଷ୍ଟିକ୍ କଣିକାକୁ ଶୋଷିନେବ। ମାଛଟି ମାତ୍ର ୧୩ ମିଲିମିଟର ଲମ୍ବା। ଏହା ତା'ର ଲାଞ୍ଜରେ ଲଗାଯାଇଥିବା ଲେଜର ପ୍ରଣାଳୀ ସାହାଯ୍ୟରେ ପାଖାପାଖି ୩୦ ମିଲିମିଟର ପ୍ରତି ସେକେଣ୍ଡ ଗତିରେ ପହଁରିପାରେ। ରୋବୋଟ୍ ମାଛକୁ ଏପରି ତିଆରି କରାଯାଇଛି ଯେ, ଏହା ୫ କେଜି ଓଜନର ଜିନିଷକୁ ବି ଟାଣିପାରେ। ବୈଜ୍ଞାନିକଙ୍କ କହିବାନୁସାରେ, ଏହି ମାଛଟି ଭବିଷ୍ୟତରେ ସମୁଦ୍ରଗୁଡ଼ିକରୁ ମାଇକ୍ରୋପ୍ଲାଷ୍ଟିକ୍‌କୁ ସହଜରେ ସଫା କରିପାରିବ। ଯଦି ପାଣି ଭିତରେ ଏହି ରୋବଟ୍ ମାଛଟି କୌଣସି କାରଣବଶତଃ କ୍ଷତିଗ୍ରସ୍ତ ହୁଏ ତାହେଲେ ଏହା ନିଜକୁ ଠିକ୍ ମଧ୍ୟ କରିପାରିବ। ବର୍ତ୍ତମାନ ଏହା ପ୍ରାରମ୍ଭିକ ସ୍ତରରେ ଅଛି। ଏହା ପ୍ରସ୍ତୁତ ହେବା ପରେ ରୋବଟ୍ ମାଛକୁ ସାଗର ଓ ମହାସାଗରରୁ ମାଇକ୍ରୋପ୍ଲାଷ୍ଟିକ୍ ସଫା କରିବାକୁ ବ୍ୟବହାର କରାଯାଇପାରିବ।



## ଲ୍ୟାଣ୍ଡରୋଭର ଗାଁ

ପ୍ରତ୍ୟେକ ଗାଁ'ର ପରମ୍ପରା ଓ ସଂସ୍କୃତି ଭିନ୍ନ ଭିନ୍ନ ହୋଇଥାଏ। ତନ୍ମଧ୍ୟରୁ କିଛି ଗାଁ ନିଜର ସ୍ୱତନ୍ତ୍ରତା ପାଇଁ ପ୍ରସିଦ୍ଧି ଲାଭ କରିଥାଏ। ଏମିତି ଏକ ଗାଁ ହେଉଛି ପଶ୍ଚିମବଙ୍ଗର ମାନେଭଜ୍ୟାଙ୍ଗ। ଏହି ଗାଁଟି ଭାରତ ଓ ନେପାଳ ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ଏହା ଦାର୍ଜିଲିଂରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ। ମାନେଭଜ୍ୟାଙ୍ଗ ଗାଁର ସ୍ୱତନ୍ତ୍ରତା ହେଉଛି ଦୀର୍ଘ ୬୦ ବର୍ଷରୁ ଅଧିକ ସମୟ ହେବ ଏଠାକାର ଲୋକଙ୍କ ଜୀବନରେ ଲ୍ୟାଣ୍ଡରୋଭର ଏକ ଅଂଶ ପାଲଟିଯାଇଛି। ଏଠାକାର ଲୋକେ ଟ୍ୟାକ୍ସି ଭଳି ଏହାକୁ ବ୍ୟବହାର କରନ୍ତି। ଗାଁର ପ୍ରତ୍ୟେକ ଘର ସମ୍ମୁଖରେ ଏହି ଗାଡ଼ି ଠିଆ ହୋଇଥିବାର ଦେଖିବାକୁ ମିଳିବ। ବ୍ରିଟିଶ ଶାସନ ସମୟରେ ଇଂରେଜମାନେ ଏହି ଗାଡ଼ି ଏଠାକୁ ଆଣିଥିଲେ। ଦେଶ ସ୍ୱାଧୀନ ହେବା ପରେ ଇଂରେଜମାନେ ଏହି ଗାଡ଼ିଗୁଡ଼ିକୁ ସ୍ଥାନୀୟ ଲୋକଙ୍କୁ ଦେଇ ଯାଇଥିଲେ। ଅପରପକ୍ଷରେ ଏହି ଅଞ୍ଚଳ ପାହାଡ଼ିଆ ହୋଇଥିବାରୁ ଏଠାରେ ଆଧୁନିକ ଯାନବାହନ ଚଳାଚଳ ସମ୍ଭବ ନୁହେଁ। ତେଣୁ ପାହାଡ଼ିଆ ରାସ୍ତା ପାଇଁ ଲ୍ୟାଣ୍ଡରୋଭର ବାହନ ଏକ ସାଧନ। ଯଦି ଏବେ ଏହି ଗାଡ଼ିଗୁଡ଼ିକୁ ନିଲାମ କରାଯାଏ ଏହା ଲକ୍ଷାଧିକ ଟଙ୍କାରେ ବିକ୍ରି କରାଯାଇପାରିବ। ଏହା ଆଜି ବି ସ୍ଥାନୀୟ ଲୋକଙ୍କର ସଂସ୍କୃତି ଏବଂ ଅର୍ଥବ୍ୟବସ୍ଥାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶବିଶେଷ।



## ସୁବର୍ଣ୍ଣା

## ଆଳୁର ସହଫସଲ

**ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଗ୍ରାମାଞ୍ଚଳର ଅଧିକାଂଶ ଲୋକ ଧାନ ଚାଷ ସହିତ ପନିପରିବା ଯଥା ଆଳୁ ଚାଷ କରୁଛନ୍ତି। ଆଳୁ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଅଧିକ ଉର୍ବରଯୁକ୍ତ ମାଟିରେ ଏହି ଚାଷ ଭଲ ହୋଇଥାଏ। ଅଧୁନା ଚାଷୀଭାଇମାନେ ଆଳୁ ଫସଲ ସହିତ ସହଫସଲ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ସେମାନଙ୍କ ଆୟ ଦ୍ୱିଗୁଣିତ ହୋଇ ପାରୁଛି।**



ଚାଷୀମାନେ ଆଳୁ ସହିତ ମୂଳା, ଗାଜର, ଶାଗ, ଶାଲଗମ ଆଦି ଚାଷ କରୁଛନ୍ତି। ଏଥିପାଇଁ ପ୍ରଥମେ ଜମିକୁ ତିନିରୁ ଚାରିଥର ଗଭୀର ଚାଷ କରାଯାଏ। ଏହାପରେ ସିଆର କରି ଖତ ଓ ରାସାୟନିକ ସାର ଦେଇ ଆଳୁ ଲଗାଯାଏ। ସମାନ ସମୟରେ ସଠିକ ଦୂରତ୍ୱ ଏବଂ ଗଭୀର ଅବଲମ୍ବନ କରି ମୂଳା, ଗାଜର ଓ ଶାଗ ଆଦି ଲଗାଇ ପାରିବେ। ଏହି ଫସଲ ଆଳୁ ଫସଲକୁ ପ୍ରଭାବିତ କରେ ନାହିଁ।

**ଆଳୁ ପଟାଳିରେ ଧନିଆ ଚାଷ:** ଆଳୁ ପଟାଳି ଚାରିପାଖରେ ଧନିଆ ଲଗାଇବା ଉତ୍ତମ ବିକଳ୍ପ। ଧନିଆ ପତ୍ର ଓ ମଞ୍ଜି ବିକ୍ରି କରି ଚାଷୀ ଲାଭ ପାଆନ୍ତି। ପଟାଳିରେ ଧନିଆ ଲଗାଇଲେ ଏହାର ସୁଗନ୍ଧରେ ବୁଲା ପ୍ରାଣୀଙ୍କ କବଳରୁ ଫସଲକୁ ସୁରକ୍ଷା ମିଳିପାରେ। ଏହା ପ୍ରାକୃତିକ ବାଡ଼ ପରି କାମ କରେ। ଶ୍ରମ ଲାଘବ ସହିତ ଖର୍ଚ୍ଚ କମ୍ ହୁଏ।

ଏହି ପଦ୍ଧତିରେ ଚାଷ କରିବା ଦ୍ୱାରା ମାଟିର ଉର୍ବରଶକ୍ତି ବଢ଼େ। ମୂଳା, ଗାଜର ଏବଂ ଶାଗ ଚାଷ ଦ୍ୱାରା ମାଟିରେ ବାୟୁଚଳାଚଳ ସହଜ ହୋଇପାରେ। ଧନିଆଗଛ ମାଟିର ପୋଷକତତ୍ତ୍ୱ ଉପଯୋଗରେ ବିବିଧତା ଆଣେ। ମାଟିର ଉର୍ବରତା ବଜାୟ ରହେ। ସହଫସଲ ଫସଲ ବୀମା ପରି ସାହାଯ୍ୟ କରେ। କୌଣସି କାରଣବଶତଃ ଆଳୁ ଫସଲ ନଷ୍ଟ ହେଲେ, ଚାଷୀ ମୂଳା, ଗାଜର ଏବଂ ଧଣିଆ ବିକ୍ରି କରି ଲାଭ ପାଇପାରନ୍ତି।

## ବାଦାମ ଅମଳଯନ୍ତ୍ର



ବାଦାମ ଏକ ଅର୍ଥକରୀ ଫସଲ। ଅଧିକାଂଶ ଚାଷୀ ପନିପରିବା ସହିତ ବାଦାମ ଚାଷ କରିଥାନ୍ତି। ଯେଉଁମାନେ ଖରିଫ ଋତୁରେ ବାଦାମ ଚାଷ କରିଥିଲେ, ଏବେ ବାଦାମର ଅମଳ ସମୟ। ତେବେ ବାଦାମ ଚାଷରେ ସବୁଠୁ କଠିନ କାମ ହେଉଛି, ଗଛରୁ ମଞ୍ଜିକୁ ଅଲଗା କରିବା। ଏହି କାମ ମୁଖ୍ୟତଃ ଚାଷୀମାନେ ହାତରେ କରିଥାନ୍ତି। ଏଥିରେ ଅଧିକ ଶ୍ରମ ଦରକାର ପଡ଼େ। ଆଙ୍ଗୁଠି ଉପରେ ଚାପ ପଡ଼େ। ତେଣୁ କମ୍ ସମୟ ଓ ସୁବିଧାରେ ଅଧିକ ଅମଳ କରିବାକୁ ଏବେ ବାଦାମର ଅମଳ ଯନ୍ତ୍ର (ଥ୍ରେସର), ଉପଲବ୍ଧ ରହିଛି। ଏହା ବିଦ୍ୟୁତ, ଟ୍ରାକ୍ଟର କିମ୍ବା ପାୱାରଟିଲର ଦ୍ୱାରା ପରିଚାଳିତ ହୋଇଥାଏ। ଏହି ବାଦାମ ଅମଳ ଯନ୍ତ୍ରଟିରେ ଗୋଟିଏ କଣ୍ଟାଯୁକ୍ତ ଅବତଳ ରହିଥାଏ। ଅବତଳଟି ଘୂରିବା ସମୟରେ ବାଦାମର ଗଛରୁ ବାଦାମକୁ ଅଲଗା କରିଥାଏ। ତା ସହିତ ବାଦାମକୁ ସଫା କରି ସଂଗ୍ରହ କରାଯାଇଥାଏ। ତେବେ ଖୁସିର କଥା, ଓୟୁଏଟିରେ ଧାନ ଓ ବାଦାମ ଅମଳ ପାଇଁ ସୌରଚାଳିତ ଅମଳଯନ୍ତ୍ର ଉଦ୍ଭାବନ କରାଯାଇଛି। ଚାଷୀମାନେ ପ୍ରତି ବ୍ଲକ୍‌ରେ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରି ଏହି ଯନ୍ତ୍ର ବିଷୟରେ ସବିଶେଷ ଜ୍ଞାନ ପାଇପାରିବେ। ଏହାସହ ସେମାନେ ସବସିଡ୍ ମୂଲ୍ୟରେ ଯନ୍ତ୍ରଟି କିଣି ପାରିବେ।

## ବିଦେଶ ଚାକିରି ଛାଡ଼ି ଗାଁରେ ଚାଷ

**ଆମେରିକା, କାଲିଫର୍ଣ୍ଣିଆର ସିଲିକନ୍ ଭ୍ୟାଲିରେ ସେମାନେ ଚାକିରି କରୁଥିଲେ। ମାସକୁ ଲକ୍ଷାଧିକ ଟଙ୍କା ଥିଲା ତାଙ୍କର ଦରମା। ନିଜ ଭିଟାମାଟିରେ ଜୈବିକ ଚାଷ କରିବାକୁ ସେମାନେ ଭାରତ ଫେରି ଆସିଲେ। ଗୁଜୁରାଟ, ନଡ଼ିୟାଦ ସହରର ବିବେକ ଶାହ ଏବଂ ତାଙ୍କ ପତ୍ନୀ ବୃନ୍ଦା ଶାହ ଏବେ ବିଭିନ୍ନ ଚାଷ ସହିତ ଲୋକଙ୍କୁ ଚାଷ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ବାଣ୍ଟି ଉଦାହରଣ ସୃଷ୍ଟି କରିଛନ୍ତି।**

ଏହି ଦମ୍ପତିଙ୍କର ୧୦ ଏକର ଜମି ରହିଛି। ଜୈବିକ ଚାଷ କରିବାକୁ ଚିନ୍ତା କରି ପ୍ରଥମେ ସେମାନେ କୃଷି ସମ୍ପର୍କିତ କୋର୍ସ କରିଲେ। କୋର୍ସ ଶେଷ କରି ଜମିରେ ବାଜରା, ଗହମ, ଆଳୁ, କଦଳୀ,ଅମୃତଭଣ୍ଡା,ଜାମୁକୋଳି, ଧଣିଆ ଚାଷ ଆରମ୍ଭ କରିଥିଲେ। ଫସଲରେ ପାଣିର ଅଭାବ ଦୂର କରିବାକୁ ଜମିରେ ପୋଖରୀ ଖୋଳିଛନ୍ତି। ପୋଖରୀ ହୁଡାରେ ମଧ୍ୟ ସେମାନେ କିଛି ଗଛ ଲଗାଇଛନ୍ତି। ୨୦ ହଜାର ଲିଟରର ଜଳ ଅମଳ ପ୍ରଣାଳୀ ରହିଛି। ଫଳରେ ଜମିରେ ଦୀର୍ଘ ସମୟ ଧରି ଜଳ ଯୋଗାଣର ସମସ୍ୟା ରହୁନାହିଁ। ଫସଲରେ ରୋଗପୋକ ଦୂର ପାଇଁ ଅନ୍ତଃଫସଲ ଏବଂ ବିବିଧ ଫସଲ କୌଶଳକୁ ଆପଣାଇଛନ୍ତି। ଚାଷରେ ଜୈବିକ ଖତ ବ୍ୟବହାର କରନ୍ତି। ତୁଳସୀ ଏବଂ ଲେମନଗ୍ରାସ୍ ଚାଷରୁ ମଧ୍ୟ ସେମାନେ ଲାଭ ପାଉଛନ୍ତି। ମିଶ୍ରିତ ଚାଷରୁ ସେମାନଙ୍କ ଆୟ କେବଳ ବୃଦ୍ଧି ପାଇଛି ତାହା ନୁହେଁ, ସେମାନେ ଲୋକଙ୍କୁ ରୋଷେଇଶାଳା ବଗିଚା ବିଷୟରେ ଜ୍ଞାନ ମଧ୍ୟ ବାଣ୍ଟୁଛନ୍ତି।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଏବଂ ଶସ୍ୟଜାତୀୟ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଫସଲରେ ପତ୍ର ପୋଡ଼ା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି ତେଣୁ ଶୁଖିଲା ପାଗ ଦେଖି ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ ଓ ପ୍ଲାଣ୍ଟୋମାଇସିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ଉଚ୍ଚ –ମଧ୍ୟମ ଜମିରେ ମାଟିରେ ବତର ଦେଖି ରବି ଫସଲ ଯଥା ମୁଗ, ବିରି, ଝୁଡ଼ଙ୍ଗ, ମଟର, ଚିନାବାଦାମ, ରାଶି ଏବଂ ସୂର୍ଯ୍ୟମୁଖୀ ଚାଷ କରନ୍ତୁ।
- ମକାର ଉପର ଚୋପା ହଳଦିଆରୁ ବାଦାମି ରଙ୍ଗର ହୋଇ ଶୁଖିବା ପରେ ଅମଳ କରନ୍ତୁ।
- ଆଖୁରେ ନାଲିଶଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଏବଂ ମାଙ୍କୋଜେବର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## କୁକୁଡ଼ାଙ୍କୁ ମାରେକ୍ସ ରୋଗ



ଆମ ରାଜ୍ୟର ଅଧିକାଂଶ ଲୋକ କୁକୁଡ଼ା ପାଳନ କରୁଛନ୍ତି। କୁକୁଡା ପାଳନରେ ସେମାନଙ୍କର ଯତ୍ନ ନେବାର ଆବଶ୍ୟକତା ଅଧିକ ରହିଥାଏ। କାରଣ ବିଭିନ୍ନ ସମୟରେ କୁକୁଡ଼ାଙ୍କୁ ହେଉଥିବା ରୋଗ ଦ୍ୱାରା ଚାଷୀଭାଇଙ୍କୁ କ୍ଷତି ସହିବାକୁ ପଡ଼ିପାରେ। ତେବେ କୁକୁଡ଼ାଙ୍କୁ ମାରେକ୍ସ ରୋଗ ହେଲେ, ସେମାନଙ୍କଠାରେ ପକ୍ଷାଘାତ ଭଳି ଲକ୍ଷଣ ଦେଖାଯାଏ। କୁକୁଡ଼ା ଡେଣା, ଗୋଡ ମେଲାଇ ପଡ଼ିଯାଆନ୍ତି। ସେମାନେ ମୃତ୍ୟୁ ବରଣ କରନ୍ତି। ଏହା ଏକ ଭୂତାଣୁ ଜନିତ ରୋଗ। ରୋଗାକ୍ରାନ୍ତ କୁକୁଡାଠାରୁ ଅନ୍ୟ କୁକୁଡ଼ାଙ୍କୁ ଏହା ସହଜରେ ବ୍ୟାପିପାରେ। ବିଶେଷ କରି ଏହି ରୋଗର ନିର୍ଦ୍ଦିଷ୍ଟ ଉପଚାର ନାହିଁ। କେବଳ ଟିକାକରଣ ସୁବିଧା ରହିଛି। ତେଣୁ ଫାର୍ମରେ ଦିନିକିଆ ଚିଆଁଙ୍କୁ ସକାଳେ କିମ୍ବା ସନ୍ଧ୍ୟାରେ ଟିକା ଦିଆଯାଇଥାଏ। ଏହାକୁ ଚିଆଁଟିର ମୁଣ୍ଡର ଚର୍ମତଳେ ୦.୨ ମିଲି ମାତ୍ରାରେ ଦିଆଯାଇଥାଏ। ସାଧାରଣତଃ ଏହି ଟିକା ଫାର୍ମରେ ଦିଆଯାଇଥାଏ। ଯଦି ଫାର୍ମରେ ଟିକା ଦିଆଯାଇନଥାଏ, ଚାଷୀଭାଇ ନିଜେ ଟିକାକରଣ କରିପାରିବେ। କୁକୁଡାଙ୍କୁ ଏହା ଜୀବନବ୍ୟାପି ରୋଗ ପ୍ରତିରୋଧକ ଶକ୍ତି ଯୋଗାଇଥାଏ।

# ବିଶ୍ୱବିଜୟିନୀଙ୍କୁ ୫୧ କୋଟି ପୁରସ୍କାର

ନୂଆଦିଲ୍ଲୀ,୩।୧୧(ଏଜେନ୍ସି)

ଦକ୍ଷିଣ ଆଫ୍ରିକାକୁ ୫୨ ରନ୍‌ରେ ହରାଇ ଭାରତୀୟ ମହିଳା କ୍ରିକେଟ ଦଳ ଦିନିକିଆ ବିଶ୍ୱକପ୍ କ୍ରିକେଟ ଚାମ୍ପିଅନ ହୋଇଛି। ମହିଳା କ୍ରିକେଟର ଯେ କୌଣସି ଫର୍ମାଟ କିମ୍ବା ଆଇସିସି ଦ୍ୱାରା ଖେଳାଯାଉଥିବା ଯେ କୌଣସି ଟୁର୍ଣ୍ଣାମେଣ୍ଟରେ ଏହା ଭାରତର ପ୍ରଥମ ଟାଇଟଲ। ଏହି ଟାଇଟଲ ଜିତିବାରେ କେବଳ ଭାରତୀୟ କ୍ରିକେଟ ଖେଳାଳି କିମ୍ବା କର୍ମକର୍ତ୍ତା ନୁହଁନ୍ତି, ବରଂ କ୍ରୀଡ଼ାପ୍ରେମୀ ଭାରତୀୟ ଖୁସି ହେବା ସହ ଗର୍ବ ଅନୁଭବ କରୁଛନ୍ତି। ଖେଳାଳିମାନେ ଯେପରି ଦେଶକୁ ଗର୍ବିତ କରିଛନ୍ତି, ଠିକ୍ ସେହିପରି ଦେଶବାସୀ ସେମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଯାଏ ଭାରତୀୟ ମହିଳାଙ୍କ ଏହି ଉତ୍ଥାନରେ ଆନନ୍ଦ ପ୍ରକାଶ କରିଛନ୍ତି। ଏହି ଐତିହାସିକ, ଯୁଗାନ୍ତକାରୀ, ସୁଦୂରପ୍ରସାରୀ ଓ ସ୍ମରଣୀୟ ସଫଳତା ଲାଗି ଭାରତୀୟ କ୍ରିକେଟ ଦଳକୁ ବିଶ୍ୱର ବିତ୍ତଶାଳୀ କ୍ରିକେଟ ସଂଗଠନ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ପକ୍ଷରୁ ୫୧ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଘୋଷଣା କରିଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏ ସମ୍ପର୍କରେ ଘୋଷଣା କରି କହନ୍ତି, ଏହି ପୁରସ୍କାର ରାଶି ସମସ୍ତ ଖେଳାଳି, ସପୋର୍ଟ ଷ୍ଟାଫ୍ ଓ ସିଲେକ୍ଟରଙ୍କୁ ଦିଆଯିବ। କିଏ କେତେ ଟଙ୍କା ପାଇବେ ତାହା ଘୋଷଣା କରାଯାଇ ନ ଥିଲେ ମଧ୍ୟ ଜଣେ ଖେଳାଳି ୨.୫ରୁ ୩ କୋଟି ଓ ସପୋର୍ଟ ଷ୍ଟାଫ୍ ୨୫ରୁ ୩୦ ଲକ୍ଷ ଲେଖାଏଁ ଟଙ୍କା ପାଇବେ ବୋଲି ଆକଳନ କରାଯାଉଛି। କ୍ରିକେଟ ଖେଳର ଉନ୍ନତି ଲାଗି ବିସିସିଆଇ ସମସ୍ତ ପ୍ରକାର ସହଯୋଗ କରିବ ବୋଲି ସେ କହିଛନ୍ତି। ପୂର୍ବରୁ ପୁରୁଷଙ୍କ ଭଳି ମହିଳାଙ୍କୁ ସମାନ ମ୍ୟାଚ୍ ଫି ଦେବାକୁ ପୂର୍ବତନ ସମ୍ପାଦକ ତଥା ବର୍ତ୍ତମାନର ଆଇସିସି ଅଧ୍ୟକ୍ଷ ଘୋଷଣା କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। କିନ୍ତୁ ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ପୁରୁଷଙ୍କ ଭଳି ମହିଳାଙ୍କୁ ସମାନ ପୁରସ୍କାର ଦେବାକୁ ସେ ଯେଉଁ ଘୋଷଣା କରିଥିଲେ ତାହା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିଫଳିତ ହୋଇଛି।

ମହିଳା ଦିନିକିଆ ବିଶ୍ୱକପ୍‌ରେ ଏଥର ପୁରସ୍କାର ରାଶିକୁ ୧୩.୮୮ ନିୟୁତ ଡଲାର ବା ପାଖାପାଖି ୧୨୩ କୋଟିକୁ ବୃଦ୍ଧି କରାଯାଇଛି। ଯାହାକି ନ୍ୟୁଜିଲାଣ୍ଡରେ ଖେଳାଯାଇଥିବା ୨୦୨୨ ବିଶ୍ୱକପ୍‌ଠାରୁ ପାଖାପାଖି ୪ ଗୁଣା ଅଧିକ। ଏହି ରାଶି ମଧ୍ୟ ୨୦୨୩ ପୁରୁଷ ବିଶ୍ୱକପ୍ ରାଶିଠାରୁ ଅଧିକ। ୨୦୨୩ ପୁରୁଷ ବିଶ୍ୱକପ୍‌ରେ ୧୦ ନିୟୁତ ଡଲାର ବା ପାଖାପାଖି ୮୯ କୋଟି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ରାଶି ବୃଦ୍ଧି ହେବା ଫଳରେ ଏଥର ଚାମ୍ପିଅନ ଭାରତକୁ ପାଖାପାଖି ୪୦ କୋଟି ଓ ରନର୍ସଅପ୍ ଦକ୍ଷିଣ ଆଫ୍ରିକାକୁ ୨୦ କୋଟି ଟଙ୍କାର ପୁରସ୍କାର ଦିଆଯାଇଛି। ଏଥର ସେମିଫାଇନାଲରେ ପରାଜିତ ଦୁଇ ଦଳକୁ ପାଖାପାଖି ୧୦ କୋଟି ଲେଖାଏଁ ଟଙ୍କା ମିଳିଛି। ୨୦୨୨ରେ ଚାମ୍ପିଅନ ଅଷ୍ଟ୍ରେଲିଆକୁ ୧୨ କୋଟି ଟଙ୍କା ମିଳିଥିଲା। ଏଣୁ ଏଥର ପୁରସ୍କାର ରାଶି କେତେ ପରିମାଣରେ ବୃଦ୍ଧି ପାଇଛି ତାହା ଏଥିରୁ ସ୍ପଷ୍ଟ ହେଉଛି। ସୂଚନାଯୋଗ୍ୟ ଗତକାଲି ବା ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୫୨ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ପ୍ରଥମ ଚାମ୍ପିଅନ ହୋଇଥିଲା। ୧୩ତମ ସଂସ୍କରଣ ପରେ ଭାରତ ତୃତୀୟଥର ଫାଇନାଲରେ ପ୍ରବେଶ କରି ପ୍ରଥମଥର ଟାଇଟଲ ଜିତିଥିଲା। ଫାଇନାଲରେ ଶେଫାଳି ବର୍ମା ୮୭ ରନ୍ କରିବା ସହ ୨ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନ୍ୟତମ ଖେଳାଳି ଦୀପ୍ତି ଶର୍ମା ୫୮ ରନ୍ କରିବା ସହ ୫ଟି ୱିକେଟ ନେଇ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୧୫ ରନ୍ କରିବା ସହ ୨୨ଟି ୱିକେଟ ନେଇଥିବା ଦୀପ୍ତି ଶର୍ମାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଆଇସିସି ଓ ବିସିସିଆଇ ବ୍ୟତୀତ ବିଭିନ୍ନ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ଖେଳାଳିମାନଙ୍କୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରସ୍କୃତ କରାଯିବାକୁ ଘୋଷଣା କରାଯାଇଛି। ଦଳର ଫାଷ୍ଟ ବୋଲର ରେଣୁକା ସିଂଙ୍କୁ ତାଙ୍କ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ମଧ୍ୟ ଘୋଷଣା କରାଯାଇଛି। ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ରେଣୁକାଙ୍କୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି। ସେହିପରି ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ନିଜ ରାଜ୍ୟର ଖେଳାଳି ତଥା ଅନ୍ୟତମ ଫାଷ୍ଟ ବୋଲର କ୍ରାନ୍ତି ଗୌଡାଙ୍କୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି।



## ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ଖେଳାଳି

ବିଶ୍ୱବିଜୟିନୀ ଭାରତୀୟ ମହିଳା କ୍ରିକେଟ ଦଳର ଖେଳାଳିମାନେ ବୁଧବାର ବା ନଭେମ୍ବର ୫ରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ବୋଲି ଜଣାଯାଇଛି। ଏ ସମ୍ପର୍କରେ ପିଏମ୍‌ଓ ବା ପ୍ରଧାନମନ୍ତ୍ରୀଙ୍କ ଅଫିସ ପକ୍ଷରୁ ବିସିସିଆଇକୁ ନିମନ୍ତ୍ରଣ କରାଯାଇଛି। ବିଶ୍ୱକପ୍ ଜିତିବା ପରେ ଖେଳାଳିମାନେ ଏବେ ମୁମ୍ବଇରେ ଅବସ୍ଥାନ କରୁଛନ୍ତି। ସେମାନେ ଆସନ୍ତାକାଲି ବା ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନୂଆଦିଲ୍ଲୀରେ ପହଞ୍ଚିବେ ବୋଲି ଆଶା କରାଯାଉଛି। ମଙ୍ଗବାର ସେମାନେ ଦିଲ୍ଲୀରେ ରହିବେ ଓ ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ବୋଲି ସ୍ଥିର ହୋଇଛି। ଏହା ପରେ ଖେଳାଳିମାନେ ନିଜ ନିଜ ରାଜ୍ୟକୁ ଫେରିଯିବେ। ଏହା ମଧ୍ୟରେ ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କ ବିବାହ ଏହା ମଧ୍ୟରେ ଅନୁଷ୍ଠିତ ହେବ। ସେ ନଭେମ୍ବର ୨୦ରେ ମଧ୍ୟପ୍ରଦେଶ ଇନ୍ଦୋରର ସଂଗୀତଜ୍ଞ ପଲାଶଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବେ।

## ଅନମୋଲ୍ ମଜୁମ୍‌ଦାର

### କୌର ବାହିନୀଙ୍କ ଦ୍ରୋଣାଚାର୍ଯ୍ୟ



ମୁମ୍ବଇ : ଭାରତ ପକ୍ଷରୁ କେବେ ମଧ୍ୟ ଖେଳିବାର ସୁଯୋଗ ପାଇ ନ ଥିଲେ। କେବଳ ଘରୋଇ କ୍ରିକେଟ୍‌ରେ ସୀମିତ ରହିଯାଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ୧୭୧ ଓ ଲିଷ୍ଟ-ଏ’ରେ ୧୧୩ ମ୍ୟାଚ୍ ଖେଳିବାର ରହିଥିଲା ଅଭିଜ୍ଞତା। ଜୀବନରେ ଭାରତୀୟ ଦଳର ନୀଳ ଜର୍ସି ପରିଧାନ କରିବାର ସ୍ୱପ୍ନ ଅଧୁରା ରହିଯାଇଥିଲେ ମଧ୍ୟ ଏବେ ସେ ପାଲଟିଯାଇଛନ୍ତି ଜାତୀୟ ହିରୋ। ଭାରତୀୟ ମହିଳା କ୍ରିକେଟ୍ ଦଳକୁ ସର୍ବପ୍ରଥମ ବିଶ୍ୱକପ୍ ଟ୍ରଫି ଜିତାଇ ରାତାରାତି ଚର୍ଚ୍ଚାର ପରିସରକୁ ଆସିଛନ୍ତି ଅନମୋଲ୍ ମଜୁମଦାର। ଗତକାଲି ନଭି ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ପରାସ୍ତ କରି ଭାରତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଦୀର୍ଘ ପାଞ୍ଚ ଦଶନ୍ଧିର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ଦଳକୁ ଏହି ବିଶ୍ୱବିଜୟିନୀ ଟୀକା ପିନ୍ଧାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମୁଖ୍ୟ ପ୍ରଶିକ୍ଷକ ୫୦ ବର୍ଷୀୟ ଅନମୋଲ୍। ତାଙ୍କୁ ଏବେ ‘ଗୁରୁଦ୍ରୋଣ’ ଭାବେ ଆଖ୍ୟା ଦିଆଯାଇଛି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଅନମୋଲ୍‌ଙ୍କୁ ବଲିଉଡ୍ ଫିଲ୍ମ ‘ଚକ୍ ଦେ ଇଣ୍ଡିଆ’ର ହକି କୋଚ୍ କବୀର ଖାନଙ୍କ ସହ ତୁଳନା କରାଯାଇଛି। ଭାରତ ଚାମ୍ପିଅନ ହେବାପରେ ଅଧିନାୟିକା ହରମନପ୍ରୀତ୍ କୌର ପଡ଼ିଆ ମଧ୍ୟରେ ଅନମୋଲ୍‌ଙ୍କ ପାଦ ଛୁଇଁ ଭାବବିହ୍ୱଳ ହୋଇ କାନ୍ଦି ପକାଇବାର ଦୃଶ୍ୟ କ୍ରିକେଟପ୍ରେମୀଙ୍କ ଆଖିରେ ଲୁହ ଆଣିଦେଇଥିଲା।

ମୁମ୍ବଇ ଜନ୍ମିତ ଅନମୋଲ୍ ପ୍ରଥମଶ୍ରେଣୀରେ ୩୦ ଶତକ ସହ ୧୧,୧୬୭ ରନ ଓ ଲିଷ୍ଟ-ଏ’ରେ ୩୨୮୬ ରନ ସଂଗ୍ରହ କରିଛନ୍ତି। ଘରୋଇ କ୍ରିକେଟ୍‌ରେ ସେ ଜଣେ ଦକ୍ଷ ବ୍ୟାଟର୍ ଭାବେ ବିବେଚିତ ହେଉଥିଲେ। କିନ୍ତୁ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ୍, ଭିଭିଏସ୍ ଲକ୍ଷ୍ମଣ ଓ ସୌରଭ ଗାଙ୍ଗୁଲିଙ୍କ ଭଳି ମହାନ ବ୍ୟାଟରଙ୍କ ସମୟରେ ଖେଳିବା ତାଙ୍କ ପାଇଁ ଅଭିଶପ୍ତ ସଦୃଶ ହୋଇଥିଲା। ଯେଉଁଥି ପାଇଁ ଘରୋଇ କ୍ରିକେଟରେ ଏତେ ଭଲ ପ୍ରଦର୍ଶନ ସତ୍ତ୍ୱେ ସେ ଭାରତୀୟ ଦଳରୁ ଖେଳିବାର ସୁଯୋଗ ପାଇପାରି ନ ଥିଲେ। କିନ୍ତୁ ଅବସର ପରେ କୋଚ୍ ଭାବେ ସେ ଯେଉଁ ସଫଳତା ଏବେ ପାଇଛନ୍ତି ତାହା ତାଙ୍କର ଭାରତୀୟ ଦଳରୁ ଖେଳି ନ ପାରିବାର ଅଧୁରା ସ୍ୱପ୍ନକୁ ପୂରଣ କରିପାରିଥିବା କୁହାଯାଉଛି।

## ହୀରା ଗହଣା ଓ ସୋଲାର ପ୍ୟାନେଲ ଦେବେ ଶିଳ୍ପପତି

ଗୁଜରାଟର ରାଜ୍ୟସଭା ସାଂସଦ ତଥା ହୀରା ବ୍ୟବସାୟୀ ଗୋବିନ୍ଦ ଢୋଲକିଆ ଚାମ୍ପିଅନ ଭାରତୀୟ ଖେଳାଳିମାନଙ୍କୁ ହୀରା ଖଚିତ ଗହଣା ଓ ସେମାନଙ୍କ ଘରେ ସୋଲାର ପ୍ୟାନେଲ ଲଗାଇବାକୁ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ସେ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲାଙ୍କୁ ଚିଠି ଲେଖି ଏହି ପ୍ରସ୍ତାବ ଦେଇଛନ୍ତି। ବିସିସିଆଇ ମଧ୍ୟ ଏହାକୁ ସକରାତ୍ମକ ଭାବେ ଗ୍ରହଣ କରିଛି ଓ ଏକ ଶୁଭଦିନ ଦେଖି ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଶୁକ୍ଲା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ବ୍ୟାଟିଂରେ ଲୌରାଙ୍କ ବିଶ୍ୱରେକର୍ଡ

ନଭି ମୁମ୍ବଇ : ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ବିଜୟୀ ହୋଇପାରି ନ ଥିଲେ ମଧ୍ୟ ଦଳର ଅଧିନାୟିକା ଲୌରା ଓଲଭର୍ଟଙ୍କ ପାଇଁ ଏହି ସଂସ୍କରଣ ସ୍ମରଣୀୟ ହୋଇରହିବ। ଲୌରା ଏହି ବିଶ୍ୱକପ୍‌ରେ ୯ ମ୍ୟାଚ୍ ଖେଳି ୨ ଶତକ ଓ ୩ ଅର୍ଦ୍ଧଶତକ ସହ ୭୧ରୁ ଉର୍ଦ୍ଧ୍ୱ ହାରରେ ୫୭୧ ରନ ସଂଗ୍ରହ କରିଥିଲେ। ମହିଳା ଦିନିକିଆ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହ କରିବାରେ ଏହା ରେକର୍ଡ ହୋଇଛି। ପୂର୍ବରୁ ୨୦୨୨ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ଆଲିସା ହେଲୀ ୫୦୫ ରନ କରିଥିଲେ। ସେହିଭଳି ଏହି ବିଶ୍ୱକପ୍‌ରେ ଲୌରା ଟପ୍ ସ୍କୋରର୍ ରହିଥିଲେ। ତାଙ୍କ ପଛକୁ ଭାରତର ସ୍ମୃତି ମନ୍ଧାନା (୪୩୪ ରନ), ଅଷ୍ଟ୍ରେଲିଆର ଆସଲେ ଗାର୍ଡନର (୩୨୮), ପ୍ରତୀକା ରାୱଲ (୩୦୮) ଓ ଦକ୍ଷିଣ ଆଫ୍ରିକାର ଫୋଏବି ଲିଚଫିଲ୍ଡ (୩୦୪) ଯଥାକ୍ରମେ ପରବର୍ତ୍ତୀ ୪ଟି ସ୍ଥାନରେ ରହିଥିଲେ। ଅପରପକ୍ଷରେ ବୋଲିଂରେ ଭାରତର ଦୀପ୍ତି ଶର୍ମା ଏଥର ସର୍ବାଧିକ ୱିକେଟ୍ ହାସଲ କରିଛନ୍ତି। ଦୀପ୍ତି ୯ଟି ମ୍ୟାଚରୁ ୨୨ଟି ୱିକେଟ୍ ନେଇଛନ୍ତି।

### ସର୍ବାଧିକ ରନ୍

| ବ୍ୟାଟର୍ | ଦେଶ | ମ୍ୟାଚ୍ | ରନ୍ | ୧୦୦/୫୦ |
|---|---|---|---|---|
| ଲୌରା ଓଲଭର୍ଟ | ଦ.ଆଫ୍ରିକା | ୯ | ୫୭୧ | ୨/୩ |
| ସ୍ମୃତି ମନ୍ଧାନା | ଭାରତ | ୯ | ୪୩୪ | ୧/୨ |
| ଆସଲେ ଗାର୍ଡନର | ଅଷ୍ଟ୍ରେଲିଆ | ୭ | ୩୨୮ | ୨/୧ |
| ପ୍ରତୀକା ରାୱଲ | ଭାରତ | ୭ | ୩୦୮ | ୧/୧ |
| ଫୋଏବି ଲିଚଫିଲ୍ଡ | ଅଷ୍ଟ୍ରେଲିଆ | ୭ | ୩୦୪ | ୧/୧ |

### ସର୍ବାଧିକ ୱିକେଟ୍


| ବୋଲର | ଦେଶ | ମ୍ୟାଚ୍ | ୱିକେଟ | ଶ୍ରେଷ୍ଠ |
|---|---|---|---|---|
| ଦୀପ୍ତି ଶର୍ମା | ଭାରତ | ୯ | ୨୨ | ୫/୩୯ |
| ଆନାବେଲ୍ ସଦରଲାଣ୍ଡ | ଅଷ୍ଟ୍ରେଲିଆ | ୭ | ୧୭ | ୫/୪୦ |
| ସୋଫି ଇକଲେଷ୍ଟୋନ | ଇଂଲଣ୍ଡ | ୭ | ୧୬ | ୪/୧୬ |
| ଶ୍ରୀ ଚରଣି | ଭାରତ | ୯ | ୧୪ | ୩/୪୧ |
| ଆଲାନ କିଙ୍ଗ | ଅଷ୍ଟ୍ରେଲିଆ | ୭ | ୧୩ | ୭/୧୮ |

## ଜମ୍ମୁ-କଶ୍ମୀରରେ ଅଟକିଛନ୍ତି ଗେଲ୍ ଓ ସାକିବ୍

# ଖେଳାଳିଙ୍କୁ ଛାଡ଼ି ଆୟୋଜକ ଫେରାର

ଶ୍ରୀନଗର,୩।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରରେ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳିଙ୍କୁ ନେଇ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏଠାରେ ମୋହାଲିର ଯୁବା ସୋସାଇଟି ପକ୍ଷରୁ ନଭେମ୍ବର ୮ ଯାଏ ଖେଳାଯିବାକୁ ଥିବା ଇଣ୍ଡିଆନ୍ ହେଭେନ୍ ପ୍ରିମିୟର ଲିଗ୍‌ରେ ଖେଳିବାକୁ ଆସିଥିବା ଅର୍ନ୍ତର୍ଜାତୀୟ ଖେଳାଳିଙ୍କୁ ଛାଡ଼ି ଆୟୋଜକ ଫେରାର ହୋଇଯାଇଛନ୍ତି। ଏହା ଫଳରେ ହୋଟେଲ ବିଲ୍ ଦେଇ ନ ପାରି ଦେଶ ବିଦେଶରୁ ଆସିଥିବା ଖେଳାଳି ଓ ଅମ୍ପାୟାରମାନେ ହୋଟେଲରେ ଅଟକି ରହିଛନ୍ତି। ସେମାନଙ୍କ ମଧ୍ୟରେ କ୍ରିସ୍ ଗେଲ, ଷ୍ଟିଭେନ ସ୍ମିଥ୍, ଜେସେ ରାଇଡର ଓ ସାକିବ-ଅଲ-ହସନ ରହିଛନ୍ତି। ଇଂଲଣ୍ଡରୁ ଆସିଥିବା ଅମ୍ପାୟାର ମେଲିସା ଜୁନିପର ଏହା ପ୍ରକାଶ କରିବା ପରେ ଘଟଣା ପଦାକୁ ଆସିଥିଲା। ଗତବର୍ଷ ଏପରି ଏକ ଟୁର୍ଣ୍ଣାମେଣ୍ଟ ଜମ୍ମୁ-କଶ୍ମୀରରେ ଆୟୋଜିତ ହୋଇଥିଲା। ଏହି ମ୍ୟାଚ୍ ଦେଖିବାକୁ ଜନଗହଳି ହୋଇଥିଲା। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଦେଖିବାକୁ ଦର୍ଶକ ଆସି ନ ଥିଲେ। ଫଳରେ ପ୍ରାୟୋଜକମାନେ ଅର୍ଥ ଦେବାକୁ ମନା କରିଦେଇଥିଲେ। ଶନିବାର ଖେଳାଳିମାନେ ପାଉଣା ପାଇ ନ ଥିବାରୁ ଖେଳିବାକୁ ମନା କରିଦେଇଥିଲେ। ଏହା ପରେ ଆୟୋଜକମାନେ ହୋଟେଲ୍‌କୁ ବିଲ ଦେଇ ପାରି ନ ଥିଲେ। ଖେଳାଳିମାନେ ଖେଳିବାକୁ ନ ଆସିବାରୁ ଆୟୋଜକ ଟୁର୍ଣ୍ଣାମେଣ୍ଟ ଛାଡି ପଳାଇଛନ୍ତି। ଖେଳାଳି ଓ କର୍ମକର୍ତ୍ତା ସେଠାରେ ଅଟକି ରହିଥିଲାବେଳେ ଏହାର ସମାଧାନ କରିବାକୁ ଜମ୍ମୁ-କଶ୍ମୀର କ୍ରିକେଟ ସଂଘ ଚେଷ୍ଟା ଚଳାଇଛି।

## ରାନୀ-ପଙ୍କଜ ଜୀବନସାଥୀ



କୁରୁକ୍ଷେତ୍ର, ୩।୧୧ (ଏଜେନ୍ସି): ହକି ଆଇକନ୍ ତଥା ଭାରତୀୟ ମହିଳା ଦଳର ପୂର୍ବତନ ଅଧିନାୟିକା ରାଣୀ ରାମପଲ୍ ଜୀବନର ଦ୍ୱିତୀୟ ପାଳି ଆରମ୍ଭ କରିଛନ୍ତି। ଚାଟାର୍ଡ ଆକାଉଣ୍ଟାଟ୍ ପଙ୍କଜ ସରୋହାଙ୍କ ସହ ରବିବାର ରାଣୀଙ୍କ ବିବାହ ଅନୁଷ୍ଠିତ ହୋଇଛି। ହରିୟାଣାର କୁରୁକ୍ଷେତ୍ରରେ ଅନୁଷ୍ଠିତ ଏହି ଚର୍ଚ୍ଚିତ ବିବାହରେ ରାଣୀଙ୍କ ଅସୁସ୍ଥ ପିତା ହ୍ୱିଲଚେୟାରରେ ବିବାହ ମଣ୍ଡପକୁ ଆସି ବର-କନ୍ୟାଙ୍କୁ ଆଶୀର୍ବାଦ ଦେବା ସମସ୍ତଙ୍କୁ ଭାବୁକ କରିଦେଇଥିଲେ। ମାତ୍ର ୧୪ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ରାଣୀ ଭାରତ ପାଇଁ ୨୫୪ଟି ମ୍ୟାଚ୍ ଖେଳି ୧୨୦ଟି ଗୋଲ୍ ଦେଇଛନ୍ତି।

## ଡଃ ଜନାର୍ଦ୍ଦନ ଦାଶଙ୍କ ପରଲୋକ



କଟକ,୩।୧୧(ସମିସ): ଓଡ଼ିଶା ଅଲିମ୍ପିକ ସଂଘର ଉପସଭାପତି ଡଃ ଜନାର୍ଦ୍ଦନ ଦାଶଙ୍କ ୭୫ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘବର୍ଷ ଧରି ରାଜ୍ୟ କ୍ରୀଡ଼ା ଜଗତ ସହ ଜଡ଼ିତ ଥିବା ଜନାର୍ଦ୍ଦନ ଜଣେ ଦକ୍ଷ କ୍ରୀଡ଼ା ସଙ୍ଗଠକ ଭାବେ ସୁଖ୍ୟାତି ହାସଲ କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ, ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ପ୍ରାକ୍ତନ ଉପସଭାପତି ପଦରେ ରହିବା ସେ ମୃତ୍ୟୁ ପର୍ଯ୍ୟନ୍ତ ସେ କେନ୍ଦୁଝରର ଜିଲ୍ଲା ଆଥଲେଟିକ ସଂଘର ସମ୍ପାଦକ ପଦରେ ଅବସ୍ଥାପିତ ରହିଥିଲେ। ଡଃ ଦାଶଙ୍କ ବିୟୋଗରେ ବିଭିନ୍ନ ବର୍ଗରେ ଶୋକ ପ୍ରକାଶ ପାଇଛି। ଜନାର୍ଦ୍ଦନଙ୍କ ବିୟୋଗ ରାଜ୍ୟ କ୍ରୀଡ଼ା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଶୋକବାର୍ତ୍ତାରେ ଜଣାଇଛନ୍ତି।

# ସିକେ ନାଇଡୁ ଟ୍ରଫି: ବିଦର୍ଭ ଇନିଂସ୍ ଆଗୁଆ

କଟକ,୩।୧୧(ସମିସ): ୨୩ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ବିର୍ଦଭକୁ ଭେଟିଛି। କପୁରସିଂହସ୍ଥିତ ଏମଜିଏମ ଗ୍ରାଉଣ୍ଡରେ ଚାଲିଥିବା ଏହି ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦଳ ବିପକ୍ଷରେ ବିଦର୍ଭର ସ୍ଥିତି ଦୃଢ଼ ରହିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ୧୬୬ରନରେ ଅଲଆଉଟ ହୋଇଥିଲା। ଜବାବରେ ରବିବାର ଖେଳର ପ୍ରଥମ ଦିବସରେ ଓଡ଼ିଶା ୬ ୱିକେଟ ବିନିମୟରେ ୭୫ରନ କରିଥିଲା। ଆଜି ୫୩ରନରେ ଅବଶିଷ୍ଟ ୪ ୱିକେଟ ହରାଇ ଓଡ଼ିଶା ଇନିଂସ୍ ପଛୁଆ ରହିଛି। ଜବାବରେ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ବିଦର୍ଭ ଅଭିଷେକ ଅଗ୍ରୱାଲଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ସହାୟତାରେ ୪ ୱିକେଟ ହରାଇ ୧୮୩ରନ ସଂଗ୍ରହ କରିଛି। ଦଳକୁ ୨୨୧ରନର ଅଗ୍ରଣୀ ମିଳିଛି। ବିଦର୍ଭ ପକ୍ଷରୁ ଜଗଜୋତ ୫୪ରନରେ ଆଉଟ ହୋଇଥିବା ବେଳେ ବରୁଣ ବିଷ୍ଟ ୨୦ରନରେ ଅପରାଜିତ ରହିଛନ୍ତି। ଓଡ଼ିଶାର ସୌମ୍ୟରଞ୍ଜନ ଲେଙ୍କା, ଆଶୁତୋଷ ଛୁରିଆ, ଆୟୁଷ ବାରିକ ଏବଂ ରିତେଶ ପ୍ରିୟରଞ୍ଜନ ଗୋଟିଏ ଲେଖାଏ ୱିକେଟ ହାସଲ କରିଛନ୍ତି।

## ରଣଜୀ ଟ୍ରଫି

# ପରାଜୟ ଏଡ଼ାଇବା ଲକ୍ଷ୍ୟରେ ଓଡ଼ିଶା

କଟକ,୩।୧୧(ସମିସ)





ବାରବାଟୀରେ ଖେଳାଯାଉଥିବା ରଣଜୀ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ଠାରୁ ଫଲୋଅନ ପାଇ ଘରୋଇ ଓଡ଼ିଶା ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଛି। ଭ୍ରମଣକାରୀ ଆନ୍ଧ୍ରପ୍ରଦେଶର ପ୍ରଥମ ଇନିଂସ୍ ୪୭୫/୭(ପାଳି ଘୋଷଣା) ଜବାବରେ ଓଡ଼ିଶାର ପ୍ରଥମ ପାଳି ୧୫୧ରନରେ ସୀମିତ ରହିଥିଲା। ସୋମବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ପାଳିରେ ୨ ୱିକେଟ ହରାଇ ୧୯୦ରନ ସଂଗ୍ରହ କରିଛି। ଏବେ ବି ଦଳ ୧୩୪ରନ ପଛରେ ରହିଛି। ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିନରେ ଓଡ଼ିଶା କଳେବଳେ ମ୍ୟାଚ୍‌କୁ ଡ୍ର ରଖି ଅତିକମ୍‌ରେ ୧ ପଏଣ୍ଟ ହାସଲ କରିବାକୁ ଉଦ୍ୟମ କରିବ।
ଚଳିତ ରଣଜୀ ସଂସ୍କରଣରେ ଓଡ଼ିଶାର ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ ଲାଗି ରହିଛି। ଅସମାପ୍ତ ପ୍ରଥମ ପାଳି ୮୦/୪ରୁ ଆଜି ଓଡ଼ିଶା ବ୍ୟାଟିଂ ଆରମ୍ଭ କରିଥିଲା। ସନ୍ଦୀପ ପଟ୍ଟନାୟକ ୨୪ରନ ଏବଂ ଗୋବିନ୍ଦ ପୋଦ୍ଦାର ୧ରନରେ ଅପରାଜିତ ଥିଲେ। ଆଜି ଖେଳର ୬ଷ୍ଠ ଓଭରରେ ଓଡ଼ିଶାର ୫ମ ୱିକେଟ ପତନ ଘଟିଥିଲା। ଅଭିଜ୍ଞ ଗୋବିନ୍ଦ ୧୪ରନରେ କାଭୁରି ସୈତେଜାଙ୍କ ୩ୟ ଶିକାର ପାଲଟିଥିଲେ। ନବାଗତ ସମ୍ବିତ ବରାଳ ଖାତା ଖୋଲିବା ଆଗରୁ ରନଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ୧୩୧ବଲରୁ ୫୮ ରନ ସଂଗ୍ରହ କରି କ୍ରିଜରେ ତିଷ୍ଠି ଆସୁଥିବା ସନ୍ଦୀପଙ୍କୁ ଆଉଟ କରି ତ୍ରିପୁରନ ବିଜୟ ଓଡ଼ିଶାକୁ ଫଲୋଅନ ଦ୍ୱାର ଦେଶରେ ଛିଡ଼ା କରି ଦେଇଥିଲେ। ସନ୍ଦୀପ କ୍ରିଜ ଛାଡ଼ିବା ବେଳକୁ ଓଡ଼ିଶାର ଦଳୀୟ ସ୍କୋର ୧୪୦ ରହିଥିଲା। ୧୧ରନରେ ଦଳ ଶେଷ ୩ଟି ୱିକେଟ ହରାଇଥିଲା। ଆନ୍ଧ୍ର ପକ୍ଷରୁ କାଭୁରି ସୈତେଜା, ସୌରଭ କୁମାର ଏବଂ ତ୍ରିପୁରନ ବିଜୟ ୩ଟି ଲେଖାଏ ୱିକେଟ ହାସଲ କରିଛନ୍ତି। ତେବେ ଦ୍ୱିତୀୟ ପାଳିରେ ଓଡ଼ିଶା ଦୃଢ଼ତାର ସହ ବ୍ୟାଟିଂ କରିଥିବା ଦେଖିବାକୁ ମିଳିଛି। ଗୌରବ ଚୌଧୁରୀ ଓ ସ୍ୱସ୍ତିକ ସାମଲ ଓପନିଂ ଭାଗିଦାରୀରେ ୬୬ରନ ସଂଗ୍ରହ କରିଥିଲେ। ୭ଟି ଚୌକା ସହାୟତାରେ ୩୬ରନ କରିଥିବା ସ୍ୱସ୍ତିକ ଦୁର୍ଭାଗ୍ୟବଶତଃ ରନଆଉଟ ହୋଇଥିଲେ। ପ୍ରଥମ ପାଳିରେ ଅର୍ଦ୍ଧଶତକ ହାସଲ କରିଥିବା ସନ୍ଦୀପ ଏବଂ ଗୌରବ ୨ୟ ୱିକେଟରେ ୧୧୦ରନ ସଂଗ୍ରହ କରି ଓଡ଼ିଶାର ସ୍ଥିତିକୁ ମଜବୁତ କରିଥିଲେ। ମାତ୍ର ଷ୍ଟମ୍ପ ଅପସାରଣର କିଛି ସମୟ ପୂର୍ବରୁ ସନ୍ଦୀପଙ୍କ ୱିକେଟ ପତନ ଘଟିଥିଲା। ୧୨୫ବଲରୁ ୬ଟି ଚୌକା ଏବଂ ୨ଟି ଛକା ସହାୟତାରେ ୬୩ରନ କରି ସନ୍ଦୀପ ସୌରଭ କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଗୌରବ ୭୯ରନ ଏବଂ ଗୋବିନ୍ଦ ୪ରନରେ ଅପରାଜିତ ରହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS